

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୦୨ ମାର୍ଚ୍ଚ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 02 MARCH 2023

Vol.No. 34 ■ No. 58 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ସୌରଭ ଭରଦ୍ୱାଜ ଏବଂ ଆତିଶିଙ୍କୁ ମନ୍ତ୍ରୀ ପାଇଁ ସୁପାରିଶ କଲେ କେଜ୍ରିୱାଲ



ନୂଆଦିଲ୍ଲୀ, ୦୧/୦୩ : ଦିଲ୍ଲୀର ଆମ ଆଦମୀ ପାର୍ଟି (ଆପ) ସରକାରଙ୍କୁ ଲାଗିଛି ଜୋରଦାର ଝଟ୍‌କା। ଦୁର୍ନୀତି ଜାଲରେ ଦଳର ଦୁଇ ହେବିୱେଟ ନେତା ଛନ୍ଦି ହେବା ପରେ ଚିନ୍ତା ବଢ଼ିଛି। ମୁଖ୍ୟତ ସମ୍ପୃକ୍ତ ୨ ନେତା ତଥା ଆପ୍ ସରକାରଙ୍କର ଦୁଇ କ୍ୟାବିନେଟ ମନ୍ତ୍ରୀ ସତ୍ୟେନ୍ଦ୍ର ଜୈନ ଏବଂ ମନୀଷ ସିସୋଦିଆ ଗିରଫ ହୋଇ ଜେଲ ଯିବା ପରେ ତାଙ୍କ ସ୍ଥାନରେ ଦୁଇ ବିଧାୟକଙ୍କୁ ମନ୍ତ୍ରୀ ପାଇଁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ସୁପାରିଶ କରିଛନ୍ତି। ସମ୍ପୃକ୍ତ ୨ ମନ୍ତ୍ରୀଙ୍କ ଇସ୍ତଫା ପରେ ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ କ୍ୟାବିନେଟକୁ ପୁଣି ସମ୍ପ୍ରସାରଣ କରିବାକୁ ଯାଉଛନ୍ତି। ଆପ ବିଧାୟକ ସୌରଭ ଭରଦ୍ୱାଜ ଏବଂ ଆତିଶିଙ୍କୁ କ୍ୟାବିନେଟ ମନ୍ତ୍ରୀ କରିବା ପାଇଁ ଉପରାଜ୍ୟପାଳ ଭି.କେ ସକ୍ସେନାଙ୍କ ନିକଟକୁ କେଜ୍ରିୱାଲ ନାମ ପଠାଇଛନ୍ତି। ଦିଲ୍ଲୀର ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଭାଗ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦାୟିତ୍ୱ ସତ୍ୟେନ୍ଦ୍ର ଜୈନଙ୍କ ହାତରେ ଥିବା ବେଳେ ଶିକ୍ଷା ବିଭାଗ ମନିଷ ସିସୋଦିଆଙ୍କ ହାତରେ ଥିଲା। ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ସିବିଆଇ ଏବେ ସିସୋଦିଆଙ୍କୁ ଗିରଫ କରିଥିବା ବେଳେ ପୂର୍ବରୁ ମନିଲଣ୍ଡରିଂ ମାମଲାରେ ସତ୍ୟେନ୍ଦ୍ର ଜୈନଙ୍କୁ ଇଡି ଗିରଫ କରିଥିଲା। ଗତକାଲି ଦିଲ୍ଲୀ ଉପମୁଖମନ୍ତ୍ରୀ ପଦରୁ ମନୀଷ ସିସୋଦିଆ ଇସ୍ତଫା ଦେଇଛନ୍ତି। ସେହିପରି ଦିଲ୍ଲୀ ସ୍ୱାସ୍ଥ୍ୟ ମନ୍ତ୍ରୀ ସତ୍ୟେନ୍ଦ୍ର ଜୈନ ମଧ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଉଭୟଙ୍କ ଇସ୍ତଫାପତ୍ର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଗ୍ରହଣ କରିଥିବା ସୂଚନା ମିଳିଛି। ମନୀଷ ଓ ସତ୍ୟେନ୍ଦ୍ର ଉଭୟ ଏବେ ଦୁର୍ନୀତି ମାମଲାରେ ବିଚାରବିଭାଗୀୟ ହାଜତରେ ରହିଛନ୍ତି । ଦିଲ୍ଲୀ ଅବକାରୀ ନୀତି ପ୍ରଣୟନରେ ଅନିୟମିତତା ଅଭିଯୋଗରେ ସିବିଆଇ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କୁ ଜେରା କରିଥିଲା। ଜେରା ସମୟରେ ସିସୋଦିଆଙ୍କ ଉତ୍ତର ସନ୍ତୋଷଜନକ ନଥିବା ସିବିଆଇ କହିଥିଲା। ବିଜେପି ତରଫରୁ ଲଗାତର ଭାବେ ଏହି ଦୁଇଜଣମନ୍ତ୍ରୀ ମନୀଷ ଓ ସତ୍ୟେନ୍ଦ୍ରଙ୍କ ଇସ୍ତଫା ଦାବି କରି ଆନ୍ଦୋଳନ କରାଯାଉଥିଲା। ଏବେ ବିରୋଧୀଙ୍କ ଦାବିକୁ ନଜରରେ ରଖି ଉଭୟ ମନ୍ତ୍ରୀ ଇସ୍ତଫା ଦେଇଥିବା ବେଳେ ଏହାକୁ ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି ।

## ସରିଲା ବିଧାନସଭାର ପ୍ରଥମ ପର୍ଯ୍ୟାୟ ଅଧିବେଶନ



ଭୁବନେଶ୍ୱର, ୦୧/୦୩ (ନି.ପ୍ର): ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ଆଜି ବିଧାନସଭାର ପ୍ରଥମ ପର୍ଯ୍ୟାୟ ବଜେଟ୍ ଅଧିବେଶନ ଶେଷ ହୋଇଛି । ବାଚସ୍ପତି ବିକ୍ରମ କେଶରୀ ଆରୁଖ ଗୃହକୁ ଆସନ୍ତା ୧୦ତାରିଖ ପୂର୍ବାହ୍ନ ସାଢ଼େ ୧୦ଟା ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି । ବିଧାନସଭାର ବଜେଟ୍ ଅଧିବେଶନ ଫେବୃୟାରୀ ୨୧ ତାରିଖରୁ ଆରମ୍ଭ ହୋଇଥିଲା । ଲୋୟର ପିଏମଜିରେ ବିଜେପି ଯୁବମୋର୍ଚ୍ଚା ଓ ପୋଲିସ ଖଣ୍ଡଯୁଦ୍ଧର ତାତି ବିଧାନସଭାରେ ଦେଖିବାକୁ ମିଳିଛି । ବିଜେପି ଯୁବମୋର୍ଚ୍ଚାର କର୍ମୀଙ୍କ ଉପରେ ପୋଲିସ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ କରିଥିବା ଅଭିଯୋଗ ଆଣି ଗୃହରେ ହଙ୍ଗାମା କରିଛନ୍ତି ବିଜେପି ସଦସ୍ୟ । ଗୃହକାର୍ଯ୍ୟ ଆରମ୍ଭରୁ ବାଚସ୍ପତିଙ୍କ ପୋଡିୟମ ତଳେ ପେପର କଟିଂ ଦେଖାଇ ପ୍ରତିବାଦ କରିଛନ୍ତି । ବିରୋଧୀଙ୍କ ହଙ୍ଗାମା ଯୋଗୁଁ ପ୍ରଶ୍ନକାଳ, ଶୂନ୍ୟକାଳ ଚାଲିପାରିନଥିଲା । ଗୃହକୁ ବାରମ୍ବାର ମୁଲତବୀ କରିଥିଲେ ବାଚସ୍ପତି । ବିରୋଧୀ ଦଳ ମୁଖ୍ୟ ସଚେତକ କହିଛନ୍ତି, ପୁଲିସ ଗୁଣ୍ଡାରାଜ ଚଳାଇଛି । ମିଛ ଅଭିନୟ କରି ପୁଲିସ କର୍ମଚାରୀ ହସ୍ପିଟାଲରେ ଆଡମିଶନ ହୋଇଛନ୍ତି । ଆକ୍ରମଣ କରି ଓଲଟା ୩୦୭ଦଫା ଲଗାଇବା ଦୁର୍ଭାଗ୍ୟଜନକ । ଜବାବ ଦେଇ ବିଜେଡି ବିଧାୟକ କହିଛନ୍ତି, ବିଜେପି କର୍ମୀ ପୁଲିସ ସହ ଗଣ୍ଡଗୋଳ କରିବାକୁ ପୂର୍ବ ପ୍ରସ୍ତୁତି ହୋଇଆସିଥିଲେ । ଆନ୍ଦୋଳନବେଳେ କିଏ କାହାକୁ ମାରିଛି ? ପୋଲିସ ନା ବିଜେପି ଯୁବମୋର୍ଚ୍ଚା କର୍ମୀ, କିଏ ଗୁଣ୍ଡାରାଜ କରିଛି ? ଏନେଇ ଚର୍ଚ୍ଚା ଭିତରେ ଗିରଫ ହୋଇ ଜେଲରେ ଥିବା ବିଜେପି ଯୁବମୋର୍ଚ୍ଚା କର୍ମୀଙ୍କୁ ଭେଟିଛନ୍ତି ବିଜେପି ନେତା । ବିଜେପି ରାଜ୍ୟ ସଭାପତିଙ୍କ ନେତୃତ୍ୱରେ ବିଜେପିର ଏକ ଟିମ୍ ଭୁବନେଶ୍ୱର ଝାରପଡା ଜେଲ ଗସ୍ତ କରି ଗିରଫ ଯୁବମୋର୍ଚ୍ଚାର କର୍ମୀଙ୍କୁ ଭେଟିଛନ୍ତି । ସେପଟେ, ଏସସିବି ହସ୍ପିଟାଲ ଯାଇ ଚିକିତ୍ସିତ ହେଉଥିବା ▶▶ପୃଷ୍ଠା ୭

## ଦାୟିତ୍ୱ ନେଲେ ନୂଆ ମୁଖ୍ୟ ସଚିବ ପ୍ରଦୀପ ଜେନା



ଭୁବନେଶ୍ୱର, ୦୧/୦୩ (ନି.ପ୍ର): ରାଜ୍ୟର ନୂଆ ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ବରିଷ୍ଠ ଆଇଏସ୍ ଅଧିକାରୀ ପ୍ରଦୀପ କୁମାର ଜେନା। ଏହି ଅବସରରେ ଅତିରିକ୍ତ ଶାସନ ସଚିବ, ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, ଅଧିକାରୀ, କର୍ମଚାରୀ ଏବଂ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ପ୍ରମୁଖ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ବିଦାୟୀ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ କାର୍ଯ୍ୟକାଳ ଗତକାଲି ଶେଷ ହେବାପରେ ଶ୍ରୀ ଜେନା ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ସେ ଉନ୍ନୟନ କମିଶନର ଭାବେ କାର୍ଯ୍ୟ କରୁଥିବା ବେଳେ ତାଙ୍କ ସ୍ଥାନରେ ଜଳ ସଂପଦ ବିଭାଗ ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଆଜି ନୂତନ ଉନ୍ନୟନ କମିଶନର ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ।

## ଭିସୁଟ ଛାତ୍ରୀଙ୍କର ମୃତ ଦେହ ଉଦ୍ଧାର

ସମ୍ବଲପୁର, ୦୧/୦୩ (ନି.ପ୍ର): ପିସି ବ୍ରିଜ୍‌ରୁ ଡେଇଁ ନିଖୋଜ ଛାତ୍ରୀଙ୍କ ମୃତଦେହ ଉଦ୍ଧାର କରାଯାଇଛି । ଦୀର୍ଘ ୧୨ ଘଣ୍ଟା ପରେ ବୁର୍ଲା ପାୱାର ଚ୍ୟାନେଲ ନିକଟରୁ ମୃତଦେହ ଉଦ୍ଧାର ହୋଇଥିବା ଜଣା ପଡିଛି । ମିଳିଥିବା ସୂଚନା ଅନୁସାରେ ଅଗ୍ନିଶମ ବାହିନୀ ଦ୍ୱାରା ବୁର୍ଲା ପାୱାର ଚ୍ୟାନେଲ ନିକଟରୁ ଶବ ଉଦ୍ଧାର କରାଯାଇଛି । ଉଲ୍ଲେଖନୀୟ ଯେ ଗତକାଲି ପିସି ବ୍ରିଜ୍ ରୁ ଡେଇଁ ପଡ଼ିଥିଲେ ଭିସୁଟ ଛାତ୍ରୀ -ସମାବର୍ତ୍ତନ ଉତ୍ସବକୁ ଆସିଥିବା ବେଳେ ଡେଇଁ ପଡ଼ିଥିଲେ।

## ପୁଣି ବଢ଼ିଲା ଏଲପିଜି ସିଲିଣ୍ଡର ଦର



ନୂଆଦିଲ୍ଲୀ, ୦୧/୦୩ : ଦେଶରେ ବର୍ଦ୍ଧିବାରେ ଲାଗିଛି ଏଲପିଜି ସିଲିଣ୍ଡର ଦାମ୍ । ପୁଣି ଥରେ ଦେଶରେ ଏଲପିଜି ସିଲିଣ୍ଡର ଦାମ୍ ବୃଦ୍ଧି ପାଇଛି । ଯାହାଦ୍ୱାରା ଖାଉଟି ମାନେ ଚିନ୍ତାରେ ପଡ଼ିଛନ୍ତି। ସାରା ଦେଶରେ ରନ୍ଧନ ଗ୍ୟାସର ଦାମ୍ ୧୦୦୦ ଟଙ୍କା ଉପରେ ରହିଥିବା ବେଳେ ପୁଣି ସିଲିଣ୍ଡରର ଦାମ୍ ବୃଦ୍ଧି କରାଯାଇଛି । ଘରୋଇ ଏଲପିଜି ସିଲିଣ୍ଡର ଦର ୫୦ ଟଙ୍କା ବଢ଼ିଛି। ପୂର୍ବରୁ ଭୁବନେଶ୍ୱରରେ ଏଲପିଜି ଦର ୧ ହଜାର ୭୯ ଟଙ୍କା ଥିଲା। ଏବେ ୫୦ ଟଙ୍କା ବଢି ୧୧ ଶହ ୨୯ ଟଙ୍କା ହୋଇଛି। ଦିଲ୍ଲୀରେ ଘରୋଇ ଏଲପିଜି ସିଲିଣ୍ଡର ଦର ବଢି ୧୧୦୩ ଟଙ୍କା ହୋଇଛି। ସେହିପରି କମର୍ସିଆଲ ଏଲପିଜି ସିଲିଣ୍ଡର ଦର ମଧ ୩୫୦ ଟଙ୍କା ୫୦ ପଇସା ବଢିଛି। ଦର ବର୍ଦ୍ଧିଥିବା ଯୋଗୁଁ ଖାଉଟିଙ୍କ ମଧରେ ନାହଁନଥିବା ଅସନ୍ତୋଷ ଦେଖାଇଛି। ଏଥିଯୋଗୁ ଘରର ବଜେଟ ବିଗିଡ଼ିଯିବା ଯୋଗୁ ଲୋକେ ନାନା ଅସୁବିଧାର ସମ୍ମୁଖୀନ ମଧ ହେଉଛନ୍ତି। ଗତ ବର୍ଷ ଜୁଲାଇ ମାସରେ ୧୪.୨ କେଜି ଘରୋଇ ଖଚଏ ସିଲିଣ୍ଡର ଦର ୫୦ ଟଙ୍କା ବଢ଼ିଲା । ୫ କେଜି ଏଲ୍‌ପିଜି ସିଲିଣ୍ଡର ଦର ୧୮ ଟଙ୍କା ବଢ଼ିଛି । ଏହା ପୂର୍ବରୁ ମେ' ମାସରେ ଘରୋଇ ଗ୍ୟାସ୍ ଦର ୫୦ ଟଙ୍କା ବର୍ଦ୍ଧିଥିଲା। ଫଳରେ ସିଲିଣ୍ଡର ପିଛା ୯୯୯ ଟଙ୍କାରେ ପହଞ୍ଚିଥିଲା। ଅପରପକ୍ଷେ, ୧୯ କେଜି କମର୍ସିଆଲ ଗ୍ୟାସ ଦର ସିଲିଣ୍ଡର ପିଛା ୮ଟଙ୍କା ୫୦ ପଇସା କମ୍ କରାଯାଇଥିଲା। କିଛି ଦିନ ପୂର୍ବରୁ ପୁଣି ଥରେ କମର୍ସିଆଲ ଗ୍ୟାସ୍ ଦର ୧୯୮ ଟଙ୍କା ସିଲିଣ୍ଡର ପିଛା କମ୍ କରାଯାଇଥିଲା। ଏହାପରେ ରାଜଧାନର ଦିଲ୍ଲୀରେ କମର୍ସିଆଲ ଗ୍ୟାସ୍ ଦର ସିଲିଣ୍ଡର ପିଛା ୨୦୨୧ ଟଙ୍କା ହୋଇ ଯାଇଥିଲା।

## ପୁଣି ଆନ୍ଦୋଳନକୁ ଓହ୍ଲାଇବେ ପ୍ରାଥମିକ ଶିକ୍ଷକ

ଭୁବନେଶ୍ୱର, ୦୧/୦୩ (ନି.ପ୍ର): ପ୍ରାଥମିକ ଶିକ୍ଷାରୁ ଚୁକ୍ତିଭିତିକ ଶିକ୍ଷକ ନିଯୁକ୍ତି ବାତିଲ କରି ଚୁକ୍ତିରେ ନିଯୁକ୍ତି ପାଇଥିବା କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ, ୬ ଓ ୮ ବର୍ଷ କାର୍ଯ୍ୟ କରିଥିବା ଶିକ୍ଷା ସହାୟକ କାର୍ଯ୍ୟକାଳକୁ ମୂଳ ଚାକିରୀରେ ଗଣନା ଓ ସମସ୍ତ ପ୍ରାଥମିକ ଶିକ୍ଷକମାନଙ୍କୁ କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ ପାଇଁ ବିଜୁବାବୁଙ୍କ ଜନ୍ମଜୟନ୍ତୀ ମାର୍ଚ୍ଚ ୫ ତାରିଖ ଦିନ ମୁଖ୍ୟମନ୍ତ୍ରୀ ଘୋଷଣା କରିବାକୁ ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ଅନୁରୋଧ କରିଛି। ନଚେତ ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ବାଧ୍ୟ ହୋଇ ସବୁବର୍ଗର ଶିକ୍ଷକ ଓ ସମସ୍ତ ପ୍ରାଥମିକ ଶିକ୍ଷକ ସଂଗଠନକୁ ଏକାଠି କରି ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।

## ଯୁବ ମୋର୍ଚ୍ଚାର କାର୍ଯ୍ୟକର୍ତ୍ତାଙ୍କୁ ଅପରାଧୀ ଭାବି ପୋଲିସ ଆକ୍ରମଣ କରିବା ଚିନ୍ତାଜନକ : ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର, ୦୧/୦୩ (ନି.ପ୍ର): ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପ୍ରତିବାଦରେ ବିଜେପି ଯୁବ ମୋର୍ଚ୍ଚାର ବିଧାନସଭା ଘେରାଉ ସମୟରେ ପୋଲିସର ମାତ୍ରାଧିକ ଓ ଏକପାଖିଆ କାର୍ଯ୍ୟାନୁଷ୍ଠାନକୁ କଠୋର ଭାଷାରେ ନିନ୍ଦା କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ଯେ ଗତକାଲି ଆମ ଦଳର ଯୁବ ମୋର୍ଚ୍ଚାର କାର୍ଯ୍ୟକର୍ତାଙ୍କ ଦ୍ୱାରା ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପ୍ରତିବାଦରେ ବିଧାନସଭା ଘେରାଉ କାର୍ଯ୍ୟକ୍ରମ ଥିବା ସମୟରେ ପୋଲିସ ଯେଉଁଭଳି ଭାବରେ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି, ତାକୁ ମୁଁ କଠୋର ଭାଷାରେ ନିନ୍ଦା କରୁଛି। ଗଣତନ୍ତ୍ରରେ ପ୍ରତିବାଦ କରିବାର ଅଧିକାର ସମସ୍ତଙ୍କର ଅଛି। ଯୁବ ମୋର୍ଚ୍ଚାର କାର୍ଯ୍ୟକର୍ତାମାନେ ହେଉଛନ୍ତି ଏକ ରାଜନୈତିକ ଦଳର କାର୍ଯ୍ୟକର୍ତା। ମାତ୍ର ପୋଲିସ ସେମାନଙ୍କୁ ରାଜନୈତିକ କାର୍ଯ୍ୟକର୍ତା ଭାବରେ ନୁହେଁ ବରଂ ଅପରାଧୀ ଭାବରେ ଅମାନୁଷିକ ଭାବେ ଆକ୍ରମଣ କରିଛି, ତାହା ଚିନ୍ତାଜନକ। ଓଡ଼ିଶାର ପୋଲିସ ପ୍ରଶାସନ ଶାସକ ଦଳର ହିତରେ କାର୍ଯ୍ୟ କରିବା ପାଇଁ ନୁହେଁ ବରଂ ସାଢେ ୪ କୋଟି ଓଡ଼ିଆଙ୍କ ସୁରକ୍ଷାରେ ନିୟୋଜିତ ଅଛନ୍ତି। କିଛି ପୋଲିସ ଅଧିକାରୀ ଯେଉଁଭଳି ଭାବେ ଏକପାଖିଆ ନିଷ୍ପତି ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି, ଏହା ଗଣତନ୍ତ୍ର ପାଇଁ ଶୋଭନୀୟ ନୁହେଁ ବୋଲି ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି।

## ସାଇ ସାଧନା ବିଜ୍ଞାନ କଲେଜରେ ମେଧାବୃତ୍ତି ପରୀକ୍ଷା



ଉଦଳା, ୦୧/୦୩ : ମୟୂରଭଞ୍ଜ ଜିଲ୍ଲା ଉଦଳାସ୍ଥ ସାଇ ସାଧନା +୨ ବିଜ୍ଞାନ କଲେଜରେ ଚଳିତ ବର୍ଷ ଦଶମ ଶ୍ରେଣୀ ପରୀକ୍ଷା ଦେବାକୁ ଯାଉଥିବା ଛାତ୍ରଛାତ୍ରୀଙ୍କୁ ନେଇ ଏକ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୟୁରଭଞ୍ଜ, ବାଲେଶ୍ୱର, ଯାଜପୁର, ଭଦ୍ରକ, କେନ୍ଦୁଝର ଜିଲ୍ଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ପରୀକ୍ଷାରେ ମୋଟ ୧୬ଜଣ ଛାତ୍ର ଛାତ୍ରୀଙ୍କୁ ମନୋନୀତ କରାଯାଇ ପୁରସ୍କୃତ କରାଯାଇଥିଲା। ଏ ପ୍ରସଙ୍ଗରେ ସାଇ ସାଧନା ଟ୍ରଷ୍ଟର ଚେୟାରମେନ୍ ଶ୍ରୀ ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀଙ୍କ ଅଧ୍ୟକ୍ଷତାରେ ଏକ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଥିଲା। ସେ ମେଧାପୁରସ୍କାର ପାଇଥିବା ଛାତ୍ରଛାତ୍ରୀଙ୍କୁ ପରିଶ୍ରମୀ ଓ ଅଧ୍ୟବସାୟୀ ହେବାକୁ ପରାମର୍ଶ ପ୍ରଦାନ କରିଥିଲେ। କଠିନ ପରିଶ୍ରମ ହିଁ ମଣିଷକୁ ଉଚ୍ଚସୋପାନରେ ପହଁଚାଇଥାଏ ବୋଲି ଅଭିମତ ପ୍ରଦାନ କରିଥିଷଲ। ଅନୁଷ୍ଠାନର ଏକାଡେମୀ ଡାଇରେକ୍ଟର ପ୍ରଫେସର ଶ୍ରୀ ଅନାଦି ଚରଣ ଗାଁଣ ଅତିଥି ରୂପେ ଯୋଗଦେଇ ବିଜ୍ଞାନ ଶିକ୍ଷା ପାଇଁ ସାଇ ସାଧନା +୨ ବିଜ୍ଞାନ କିପରି ଏକ ସଫଳ ଅନୁଷ୍ଠାନ ଓ ଏଠାରେ ଅଧ୍ୟୟନ କରି ବହୁ ଛାତ୍ର କିପରି ମେଡ଼ିକାଲ, ଇଞ୍ଜିନିୟରିଂ, ମ୍ୟାନେଜମେଣ୍ଟ ଶିକ୍ଷା ଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି, ତାହାର ବିବରଣୀ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ପ୍ରିୟବ୍ରତ ବେହେରା ସାଇ ସାଧନାର ଶୈକ୍ଷିକ ପରିବେଶ, ନିୟମିତ ସନ୍ଦେହ ମୋଚନ ବ୍ୟବସ୍ଥା, ବାତାନୁକୂଳ ଶ୍ରେଣୀକକ୍ଷ, ଅଭିଜ୍ଞ ଓ ଦକ୍ଷ ଅଧ୍ୟାପକଙ୍କ ଦ୍ୱାରା ଶିକ୍ଷାଦାନ ବ୍ୟବସ୍ଥା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ସାଇ ସାଧନା ଟ୍ରଷ୍ଟର ସମ୍ପାଦକ ଶ୍ରୀ ସୁକାନ୍ତ କୁମାର ବିନ୍ଧାଣୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲାବେଳେ କୋଷାଧ୍ୟକ୍ଷ ଶ୍ରୀ ସୁରେନ୍ଦ୍ର ନାଥ ପରିଛା ଧନ୍ୟବାଦ ଅର୍ପଣ କରିଥିଷଲ। ଏହି ସଭାରେ କଲେଜ ସମ୍ପାଦିକା ଶ୍ରୀମତୀ ପ୍ରଭାସିନୀ ବିନ୍ଧାଣୀ, ସଭ୍ୟା ଶ୍ରୀମତୀ ମମତା ପରିଛା, ଡ. ଅଜିତ୍ କୁମାର ମହାପାତ୍ରଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଯୋଗଦେଇ ପୁରସ୍କୃତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ । ଏହି ମେଧାବୃତ୍ତି ପାଇଥିବା ଛାତ୍ରଛାତ୍ରୀମାନେ ହେଲେ ଅର୍ପିତ୍ ନାୟକ, ଦିପ୍ତେଶ ନାୟକ, ହିତେଶ କମିଳା, ଅମ୍ରିତା ପ୍ରିୟଦର୍ଶିନି ପାଢ଼ି, ପ୍ରୟଦର୍ଶିନି ସାହୁ, ଆୟୁଷ କୁମାର ଦାସ, ଦିପଙ୍କର ବେହେରା, ରାମକୃଷ୍ଣ ହେମ୍ବ୍ରମ, ଶୁଭଙ୍କର ସାହୁ, ସୌରଭ ସେନାପତି, ରୁକ୍ମଣି ହେମ୍ବ୍ରମ, ପାରାନ ହେମ୍ବ୍ରମ, ରାହୁଲ ପାଲ, ହିମାଂଶୁ ବେହେରା, ରଶ୍ମିପ୍ରିୟା ସାହୁ, ନରେଶ କୁମାର ସାହୁ ପ୍ରମୁଖ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି ।

## ଯୁକ୍ତ ୨ ପ୍ରଶ୍ନପତ୍ର ଭାଇରାଲ ମାମଲାରେ ସାଇବର ଥାନାରେ ଏତଲା

ଭୁବନେଶ୍ୱର, ୦୧/୦୩ (ନି.ପ୍ର): ସୋସିଆଲ୍ ମିଡିଆରେ + ୨ ପ୍ରଶ୍ନପତ୍ର ଭାଇରାଲ ପ୍ରସଙ୍ଗରେ ସାଇବର ଥାନାରେ ଏତଲା ଦିଆଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି କିଛି ଲୋକେ ଦଲାଲି କରିବାକୁ ନକଲି ପ୍ରଶ୍ନପତ୍ର ଭାଇରାଲ୍ କରୁଛନ୍ତି ।ପିଲାମାନେ ପ୍ରଭାବିତ ହୁଅନ୍ତୁ ନାହିଁ, କୌଣସି ସତ୍ୟତା ନାହିଁ। ସେ ଆହୁରି କହିଛନ୍ତି ଯେ ଅଧ୍ୟାପକ ମାନେ ଅନୁରୋଧ ରକ୍ଷା କରି ପରୀକ୍ଷା ପରିଚାଳନାରେ ସହଯୋଗ କରୁଛନ୍ତି। ଶୃଙ୍ଖଳାର ସହିତ ପରୀକ୍ଷା ଚାଲିଛି। ସୂଚନାଯୋଗ୍ୟ ଯେ ବୁଧବାର ଠାରୁ ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ବିଭିନ୍ନ ବିଷୟର ପ୍ରଶ୍ନପତ୍ର ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା।


SAI SADHANA SCIENCE HIGHER SECONDARY SCHOOL

(+2 SCIENCE RESIDENTIAL COLLEGE)

DIBYASINGHPUR, UDALA, MAYURBHANJ

(Permanent Recognised by Govt. of Odisha & officiated to CHSE)

ADMISSION OPEN

ପ୍ରିୟ ଅଭିଭାବକ !

ଆସନ୍ତା ତା ୨୬.୦୩.୨୦୨୩ ରିଖ (ରବିବାର) ଦିନ ଆମ ଅନୁଷ୍ଠାନରେ ଦ୍ୱିତୀୟ ମେଧା ଅନ୍ୱେଷଣ (Talent Test) ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ମ୍ୟାଟ୍ରିକ୍ ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀ ଏହି ପ୍ରବେଶିକା ପରୀକ୍ଷାରେ ଅଂଶଗ୍ରହଣ କରିପାରିବେ ଏବଂ ସେମାନଙ୍କ ମଧ୍ୟରୁ ଅଧିକ ନମ୍ବର ରଖିଥିବା ୧୦ଜଣଙ୍କୁ ପୁରସ୍କୃତ କରାଯିବ । ତତ୍ ସହିତ ଆମ +୨ ବିଜ୍ଞାନ କଲେଜରେ ନାମ ଲେଖାଇବାର ସୁଯୋଗ ପାଇପାରିବେ । ଏଥି ସହିତ ଆସନ୍ତା ତା ୨୬.୦୩.୨୦୨୩ ରିଖକୁ ଗ୍ରୀଷ୍ମକାଳୀନ ଶିକ୍ଷାଦାନ (SUMMER COURSE) ପାଇଁ ନାମଲେଖା ଆରମ୍ଭ ହେବ ଏବଂ ତା ୦୨.୦୪.୨୦୨୩ ରିଖ (ରବିବାର) ଠାରୁ ପିଲାଙ୍କର SUMMER COURSE ପାଠପଢ଼ା ଆରମ୍ଭ ହେବ । ଅଧ୍ୟୟନ ପାଇଁ ଆଗ୍ରହୀ ଛାତ୍ରଛାତ୍ରୀ ନିମ୍ନରେ ଥିବା ମୋବାଇଲ ନମ୍ବରରେ ଯୋଗାଯୋଗ କରନ୍ତୁ।

ଯୋଗାଯୋଗ : 8328874537, 9437443950, 9438317887,7894536767, 9437294587

# ଶ୍ରୀ ଶ୍ରୀ ଭଗବତ ସ୍ୱାମୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଗଞ୍ଜାମ, ୦୧/୦୩ (ନି.ପ୍ର): ଗଞ୍ଜାମ ଜିଲ୍ଲା ଶେରଗଡ଼ ବ୍ଲକ ଅନ୍ତର୍ଗତ ପଟ୍ଟାବାବୁଲି ଗ୍ରାମରେ ଶ୍ରୀ ଶ୍ରୀ ଭଗବତ ସ୍ୱାମୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଗତ ୨୩ ତାରିଖ ଠାରୁ ଆରମ୍ଭ ହୋଇଯାଇଅଛି । ଏହି ପ୍ରତିଷ୍ଠା ଉତ୍ସବ ମାର୍ଚ୍ଚ ୧ ତାରିଖ ତାରିଖ ଯାଏଁ ଅନୁଷ୍ଠିତ ହେବ । ୧୭ ଦିନ ଧରି ହେଉଥିବା ଶ୍ରୀ ଭଗବତ ସ୍ୱାମୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ପ୍ରଥମ ଦିନରେ ଗ୍ରାମର ସମସ୍ତ ମହିଳାମାନେ କଳସ ଶୋଭାଯାତ୍ରାରେ ଯୋଗ ଦେଇଥିଲେ । ସମସ୍ତ ମହିଳା ଗ୍ରାମ ପରିଭ୍ରମଣ କରି ଶେଷରେ କଳସ ମନ୍ଦିର, ନାମ ସ୍ଥଳୀ ଓ ଯଜ୍ଞ ସ୍ଥଳୀରେ ସମସ୍ତ କଳସ ସ୍ଥାପନା କରିଥିଲେ । ପ୍ରଥମ ଦିନରେ ନାମ ଦୀକ୍ଷା ଗ୍ରହଣ ଓ ଜଳଯାତ୍ରା କାର୍ଯ୍ୟ ହୋଇଥିଲା । ଦ୍ୱିତୀୟ ଦିନରେ ବ୍ରାହ୍ମଣ ବରଣ, ସୂର୍ଯ୍ୟ ପୂଜା, ଅଗ୍ନି ସ୍ଥାପନ, ଗୋ ଯଜ୍ଞ, ତୃତୀୟ ଦିନରେ ଶାଳା ପୂଜା, ରତ୍ନମୁଦ୍ରା, ନାମ ଯଜ୍ଞ, ଚତୁର୍ଥ ଦିନରେ ସୂର୍ଯ୍ୟ ପୂଜା, ଶାଳା ପୂଜା, ହୋମ ଆଦି କର୍ମ ଅନୁଷ୍ଠିତ ହୋଇଯାଇଛି । ପଂଚମ ଦିବସରେ ସୂର୍ଯ୍ୟ ପୂଜା, ଶାଳା ପୂଜା, ହୋମ ଆଦିକର୍ମ ଅନୁଷ୍ଠିତ ହୋଇଛି । ଆଜି ଷଷ୍ଠ ଦିବସରେ ଦେବତାଧିବାସ, ସ୍ନାନ, ପ୍ରାଣ ପ୍ରତିଷ୍ଠା ଓ ସପ୍ତମ ଦିନରେ ଦେବତା ପ୍ରତିଷ୍ଠା, ଅନ୍ନ ଯଜ୍ଞ, ନାମ ପୂର୍ଣ୍ଣାହୁତି କାର୍ଯ୍ୟ ଅନୁଷ୍ଠିତ ହୋଇଛି । ଆସନ୍ତା କାଲି ଅନ୍ତିମ ଦିବସରେ ସମସ୍ତ ଭକ୍ତବୃନ୍ଦ ଉପସ୍ଥିତ ରହି ଶ୍ରୀ ଶ୍ରୀ ଭଗବତ ସ୍ୱାମୀଙ୍କ ଆଶୀର୍ବାଦ ପାଇବା ସହିତ ଅନ୍ନ ପ୍ରସାଦ ପାଇବା ପାଇଁ ପଟ୍ଟାବାବୁଲିର କମିଟି ସମେତ ଗ୍ରାମବାସୀ ଅନୁରୋଧ କରିଛନ୍ତି ।
ଏହି ମନ୍ଦିର ସବୁ ଠାରୁ ବିଳର କାରଣ ଏହି ମନ୍ଦିର ସବୁ ସ୍ଥାନରେ ଦେଖିବାକୁ ମିଳେନାହିଁ । ଭାଗବତ ଟୁଙ୍ଗି କିଛି ସ୍ଥାନରେ ଆଜି ମଧ୍ୟ ବିଦ୍ୟାମାନ । ଏହି ଟୁଙ୍ଗିରେ ସନ୍ଧ୍ୟା ସମୟରେ ଭାଗବତ ପଠନ କରାଯାଇଥାଏ । ସମସ୍ତ ବୟସ୍କ ଲୋକ ଏହି ସ୍ଥାନରେ ଏକତ୍ରିତ ହୋଇ ଭାଗବତ ଗାନ କରନ୍ତି ଓ ଭଗବାନଙ୍କ ଉପରେ ବିଭିନ୍ନ କଥା ଶୁଣନ୍ତି । ଏହି ଉତ୍ସବରେ ଆଖପାଖର ବହୁ ଭକ୍ତ ଯୋଗ ଦେଇଥିଲେ । ଏହି ପରିପେକ୍ଷୀରେ ବିଭିନ୍ନ ଖେଳ ଓ ମୀନ ବଜ଼ାର ଦେଖିବାକୁ ମିଳିଛି । ଜନସାଧାରଣ ମଜା ଉଠେଇବା ସହ ଭଗବାନଙ୍କ କୃପା ମଧ୍ୟ ଲାଭ କରିଛନ୍ତି ।

# ସୋନପୁର ମହାବିଦ୍ୟାଳୟରେ ରାଜ୍ୟସ୍ତରୀୟ ଆଲୋଚନା ଚକ୍ର

ସୁବର୍ଣ୍ଣପୁର, ୦୧/୦୩ (ନି.ପ୍ର): ସୋନପୁର ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ' ପ୍ରାକ୍-ସାରଳା ସାହିତ୍ୟ ର ଭାଷା :ଏକ ଅନୁଶୀଳନ ' ଶୀର୍ଷକ ଏହି ଆଲୋଚନାଚକ୍ରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗର ସଂଯୋଜକ ତଥା ବିଶିଷ୍ଟ ଗବେଷକ ଡଃ ଗୋପୀନାଥ ବାଗ ମୁଖ୍ୟଅତିଥି ଭାବରେ ଯୋଗଦେଇ ଆଲୋଚ୍ୟ ବିଷୟ ଉପରେ ତାଙ୍କର ବହୁମୂଲ୍ୟ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଭାଷା ହେଉଛି ଗୋଟିଏ ଜାତିର ପରିଚୟ । ଏକା ଦିନରେ ଭାଷା ସୃଷ୍ଟି ହୋଇଯାଏ ନାହିଁ, ଏଥିପାଇଁ ଦୀର୍ଘ ଦିନ ଅବିରତ ସାଧନାର ଆବଶ୍ୟକତା ରହିଛି । ଆଜି ଆମେ ଯେଉଁ ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତ ଓଡ଼ିଆ ଭାଷାକୁ ଦେଖୁଛୁ ଏହାର ପଶ୍ଚାତ୍ ରେ ଏକ ସୁଦୀର୍ଘ ସାଧନା ରହିଛି । ସବୁ ଲିଖିତ ସାହିତ୍ୟର ଭାଷାର ଜନନୀ ହେଉଛି ଲୋକଭାଷା । ଓଡ଼ିଆ ଲିଖିତ ସାହିତ୍ୟର ପ୍ରାରମ୍ଭରେ ଲୋକଭାଷା ର ପ୍ରାଚୁର୍ଯ୍ୟ ସହଜରେ ଅନୁଭବ କରିହୁଏ । ଏହି ମର୍ମରେ ପ୍ରାକ୍ ସାରଳା ସାହିତ୍ୟର ଭାଷା ଖୁବ୍ ଗୁରୁତ୍ୱପୂର୍ଣ୍ଣ ବୋଲି ଡଃ ବାଗ ମତ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ଉଲୁଣ୍ଡା ଡିଗ୍ରୀ କଲେଜ ଅଧ୍ୟକ୍ଷ ତଥା ସୁସାହିତ୍ୟିକ ଡଃ ଦେବାଶିଷ ପାଣ୍ଡିଆ ଯୋଗଦେଇ ଆଲୋଚ୍ୟ ବିଷୟରେ ନିଜର ବକ୍ତବ୍ୟ ପ୍ରଦାନ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ସାହିତ୍ୟ ଗବେଷଣାର ଧାରା ଉପରେ ଉପାଦେୟ ପରାମର୍ଶ ଦେଇଥିଲେ । ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ଡଃ ସୌରଭ ରଞ୍ଜନ ଖମାରୀ ସଭାର ସଭାପତିତ୍ୱ କରିଥିବା ବେଳେ ଅଧ୍ୟାପକ ସରୋଜ କୁମାର ଜଗଦଲା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଏହି ଆଲୋଚନାଚକ୍ରରେ ବିଶିଷ୍ଟ ନାଟ୍ୟକାର ଗବେଷକ ଡଃ ପୁରୁଷୋତ୍ତମ ମିଶ୍ର, ପ୍ରାଧ୍ୟାପିକା ଡକ୍ଟର କଳ୍ପନା ମିଶ୍ର, ଅଧ୍ୟାପିକା ଡଃ ଇତିଶ୍ରୀ ଦାସ, ଅଧ୍ୟାପକ ଡଃ ମୀନକେତନ କୁମ୍ଭାର, ଡଃ ରାଜେନ୍ଦ୍ର ରନା ପ୍ରମୁଖ ଉପସ୍ଥିତ ରହିଥିଲେ । ଏହି ଅବସରରେ ଦେବପ୍ରିୟ ହାତୀ, ସ୍ୱାଗତିକା ଦେହୁରୀ, ସୁବର୍ଣ୍ଣା ବେହେରା, ଘନଶ୍ୟାମ ମାଝି ଆଦି ଛାତ୍ରଛାତ୍ରୀ ତାଙ୍କର ଗବେଷଣାତ୍ମକ ପ୍ରବନ୍ଧ ଉପସ୍ଥାପନ କରିଥିଲେ । ଶେଷରେ ତୃତୀୟ ବର୍ଷର ଛାତ୍ର ଗୁପ୍ତେଶ୍ୱର ମେହେର ଧନ୍ୟବାଦ ଅର୍ପଣ କରିଥିଲେ । ବିଭାଗର ସମସ୍ତ ଛାତ୍ରଛାତ୍ରୀ ଉକ୍ତ ଆଲୋଚନା ଚକ୍ରରେ ଅଂଶଗ୍ରହଣ କରିଥିଲେ ।

# ମାର୍ଚ୍ଚ ମାସ ପାଇଁ ପଂଚାୟତ ଲୋକସେବା ଶିବିର କାର୍ଯ୍ୟକ୍ରମ ଧାର୍ଯ୍ୟ

ବଲାଙ୍ଗିର, ୦୧/୦୩ (ନି.ପ୍ର): ମାର୍ଚ୍ଚ ମାସ ପାଇଁ ପଂଚାୟତ ଲୋକ ସେବା ଶିବିର କାର୍ଯ୍ୟକ୍ରମ ଧାର୍ଯ୍ୟ କରାଯାଇଛି । ତଦନୁସାରେ ମାର୍ଚ୍ଚ ୧୩ ତାରିଖରେ ମୁରିବାହାଲ ବ୍ଲକ ଅନ୍ତର୍ଗତ ଟୁପାଉଡାର ଗ୍ରାମପଂଚାୟତ କାର୍ଯ୍ୟାଳୟ ଠାରେ, ୨୦ ତାରିଖରେ ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ମୁଣ୍ଡପଦର ଗ୍ରାମପଂଚାୟତ କାର୍ଯ୍ୟାଳୟ ଠାରେ, ୨୭ ତାରିଖରେ ଲୋଇସିଂହା ବ୍ଲକ ଅନ୍ତର୍ଗତ କନ୍ଦାଜୁରି ଗ୍ରାମପଂଚାୟତ କାର୍ଯ୍ୟାଳୟ ଠାରେ ପଂଚାୟତ ଲୋକ ସେବା ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ପଂଚାୟତ ଲୋକ ସେବା ଶିବିରରେ ଜିଲ୍ଲାର ବିଭିନ୍ନ ବିଭାଗ ପକ୍ଷରୁ ସରକାରଙ୍କ ତରଫରୁ କାର୍ଯ୍ୟକାରୀ ହେଉଥିବା ଜନହିତକର ଓ ଲୋକାଭିମୁଖୀ ଯୋଜନା ଗୁଡିକ ସମ୍ପର୍କରେ ପଂଚାୟତ ଅନ୍ତର୍ଗତ ଗ୍ରାମର ଗ୍ରାମବାସୀଙ୍କୁ ସଚେତନ କରିବା ପାଇଁ ବିଭାଗୀୟ ଷ୍ଟଲ୍ ସହ ଯୋଜନା ସମ୍ପର୍କିତ ସୂଚନା ସମ୍ବଳିତ ବ୍ୟାନର ଲଗାଯିବ । ଏତଦବ୍ୟତୀତ ପଂଚାୟତ ଲୋକ ସେବା ଶିବିରରେ ସ୍ୱାସ୍ଥ୍ୟ ବିଭାଗ, ପ୍ରାଣୀ ସମ୍ପଦ ବିଭାଗ, ଶ୍ରମ ବିଭାଗ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଉଦ୍ୟାନ କୃଷି ବିଭାଗ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ, ସାମାଜିକ ସୁରକ୍ଷା ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ, ପଂଚାୟତରାଜ ଓ ପାନୀୟ ଜଳ ବିଭାଗ, ମିଶନ ଶକ୍ତି, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ବୟନ ଶିଳ୍ପ ଓ ହସ୍ତତନ୍ତ ବିଭାଗ ତଥା ଅନ୍ୟାନ୍ୟ ବିଭାଗର ଯୋଜନା ସମ୍ପର୍କରେ ସଚେତନତା ସହ ଯୋଗ୍ୟ ହିତାଧିକାରୀ ମାନଙ୍କୁ ବିଭାଗୀୟ ସହାୟତା ଓ ପରାମର୍ଶ ଦିଆଯିବ । ନିର୍ଦ୍ଧାରିତ ତାରିଖରେ ଉପରୋକ୍ତ ଗ୍ରାମପଂଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହେବାକୁଥିବା ଏହି ପଂଚାୟତ ଲୋକ ସେବା ଶିବିରରେ ଜିଲ୍ଲାପାଳଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଓ ବ୍ଲକ ସ୍ତରୀୟ ଅଧିକାରୀ ଅଧିକାରୀ ମାନେ ଯୋଗଦେବେ । ଶିବିରରେ ସମ୍ପୃକ୍ତ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗ୍ରାମର ଗ୍ରାମବାସୀ ମାନେ ବହୁ ସଂଖ୍ୟାରେ ଯୋଗଦାନ କରି ବିଭିନ୍ନ ଯୋଜନା ଗୁଡିକର ସୁଯୋଗ ନେବା ପାଇଁ ଅନୁରୋଧ କରାଯାଇଛି ।

# ଜଳମିତ୍ର କର୍ମଶାଳା ଅନୁଷ୍ଠିତ

ନୂଆପଡ଼ା, ୦୧/୦୩ (ନି.ପ୍ର): ବର୍ତ୍ତମାନ ବିଶ୍ୱରେ ଜଳ ସଙ୍କଟ ଦେଖାଦେଉଛି । ଜଳ ସଂରକ୍ଷଣ ପାଇଁ କୌଣସି ପଦକ୍ଷେପ ନିଆଯାଉ ନଥିବାରୁ ଜଳାଭାବ ପରି ସମସ୍ୟା ପରିଲକ୍ଷିତ ହେଉଛି ବୋଲି ଆଜି ଅନୁଷ୍ଠିତ ଏକ କର୍ମଶାଳାରେ ମତ ପ୍ରକାଶ ପାଇଛି । ଆଜି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଚଲେଚଲୋ ଖଡ଼ିଆଳ ତରଫରୁ ଜଳ ସଂରକ୍ଷଣ ଉପରେ ଜଳ ମିତ୍ର କର୍ମଶାଳା ବୋଡ଼େନ ବ୍ଲକ ଅନ୍ତର୍ଗତ ଖଇରା ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଠାରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନ ସଂଯୋଜକ ରାଜକୁମାର ମେହେରଙ୍କ ସଭପତିତ୍ୱରେ ଅନୁଷ୍ଠିତ ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସାମ୍ବାଦିକ କୁନାଲ ଚରଣ ବେହେରା ପ୍ରାଣୀ ଜଗତ ପାଇଁ ଜଳର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ । ରାଜକିଶୋର ପଣ୍ଡା ତାଲିମଦାତା ଭାବରେ ଯୋଗଦେଇ ଜଳ ସଂରକ୍ଷଣ ହିଁ ଆଗାମୀ ଦିନରେ ଆମକୁ ବଞ୍ଚାଇ ପାରିବ ବୋଲି କହିଥିଲେ । ଛୋଟ ଛୋଟ ବନ୍ଧ ବାନ୍ଧିବା, ହିଡ କରିବା, ନଈ ନାଳ ପାଣି ଅଟକେଇବା ଆଦି ମାଧ୍ୟମରେ ଜଳ ସଂରକ୍ଷଣ କରା ଯାଇ ପାରିବ ଓ ଅକାଳ ଦୁର୍ଭିକ୍ଷରୁ ରକ୍ଷା ପାଇହେବ ବୋଲି ସେ କହିଥିଲେ । ନୂଆପଡା ପ୍ରଶାସନ ତରଫରୁ ମନରେଗା ତରଫରୁ ଜଳ ସଂରକ୍ଷଣ ପାଇଁ ନିଆ ଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ସେ ଆଲୋଚନା କରିଥିଲେ । ଅତିଥି ଭାବରେ ସାମ୍ବାଦିକ ବାପିନା ସାହୁ, ୱାର୍ଡ ମେମ୍ବର ଦଶମୀ ମାଝୀ ଓ ନିରବତୀ ନାଗ ଯୋଗଦେଇ ଜଳ ହିଁ ଜୀବନ, ଏଣୁ ବର୍ତ୍ତମାନ ଠାରୁ ଜଳ ସଞ୍ଚୟ ପ୍ରତି ଧ୍ୟାନ ଦେବାକୁ ଆହ୍ୱାନ ଦେଇଥିଲେ । ଏହି କର୍ମଶାଳାରେ ବିଭିନ୍ନ ପଞ୍ଚାୟତ ପ୍ରତିନିଧି, ଗାଁ ସାଥି ଓ ଜଳ ମିତ୍ର ମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଚଲେଚଲୋ କର୍ମୀ ରେଣୁକା ହଂସ, ସରସ୍ୱତୀ ପଣ୍ଡା, ଲକ୍ଷ୍ମୀ ମହାଉତି ଓ ଚନ୍ଦ୍ରକାନ୍ତି ଜଗତ ସହଯୋଗ କରିଥିଲେ ।

# ଶ୍ରୀଜଗନ୍ନାଥ ସଂସ୍କୃତି ବିଷୟକ ଆଲୋଚନାଚକ୍ର

ପୁରୀ, ୦୧/୦୩ (ନି.ପ୍ର): ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ରେ ଶ୍ରୀଜଗନ୍ନାଥତତ୍ତ୍ୱ ଓ ମହିମା ସମ୍ବନ୍ଧୀୟ ଆଲୋଚନାଚକ୍ରର ତୃତୀୟ ସତ୍ର ବହୁ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇ ଯାଇଛି । ପାରଂପରିକ ବେଦପାଠ, ଅତିଥିମାନଙ୍କଦ୍ୱାରା ପ୍ରଦୀପ ପ୍ରଜ୍ୱଳନାନ୍ତେ ଆଗନ୍ତୁକ ଅତିଥି ମାନଙ୍କର ଭବ୍ୟ ସ୍ୱାଗତ କରା ଯାଇଥିଲା । ଉତ୍କଳ ବିଦ୍ୱତ୍ ପରିଷଦ ର ସଭାପତି ମନୋଜ କୁମାର ରଥ ଉକ୍ତ ସଭାର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ବିଷୟରେ ଆଲୋକପାତ କରିଥିଲେ । ଉକ୍ତ ସଭାରେ ମୁଖ୍ୟବକ୍ତା ରୂପରେ ରାମଚନ୍ଦ୍ର ଦାସ ମହାପାତ୍ର ବରିଷ୍ଠ ଦୟିତାପତି ସେବକ ଓ ବାଡଗ୍ରାହୀ ଯୋଗଦାନ କରି ଜନଜୀବନରେ ଶ୍ରୀଜଗନ୍ନାଥ ବିଷୟରେ ନିଜର ସୁଚିନ୍ତିତ ବକ୍ତବ୍ୟ ପ୍ରଦାନ କରିଥିଲେ ଓ ଛାତ୍ରଛାତ୍ରୀମାନଂକର ସଂଶୟ ଦୂରୀକରଣ କରିଥିଲେ । ସମ୍ମାନିତ ବକ୍ତାମାନଙ୍କ ମଧ୍ୟରେ ବୃନ୍ଦାବନ ସୁବୁଦ୍ଧି ମହାବିଦ୍ୟାଳୟର ଉପାଦକ୍ଷ ମନସ୍ତତ୍ତ୍ୱ ବିଭାଗମୁଖ୍ୟ ଡଃ ନିହାରରଂଜନ ପଣ୍ଡା, ସଂସ୍କୃତବିଭାଗମୁଖ୍ୟ ଡଃ ରମେଶ କୁମାର ଦାଶ, ଓଡିଆ ବିଭାଗମୁଖ୍ୟ ଡଃ ସରୋଜ କୁମାର ପଣ୍ଡା ପ୍ରମୁଖ ଜଗନ୍ନାଥଙ୍କ ସମ୍ବନ୍ଧରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ସ୍ନାତକୋତର ପରିଷଦର ଅଧ୍ୟକ୍ଷ ତଥା ସଭାପତି ପ୍ରୋଫେସର ଡଃ ଶତ୍ରୁଘ୍ନ ପାଣିଗ୍ରାହୀ ମହୋଦୟ ନିଜର ଅମୂଲ୍ୟ ବୈଦିକ ଚିନ୍ତାଧାରାକୁ ସର୍ବସାଧାରଣରେ ବ୍ୟକ୍ତ କରି ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ । ସଭାର ସଂଯୋଜକ ତଥା ସର୍ବଦର୍ଶନ ବିଭାଗମୁଖ୍ୟ ଡଃ ପ୍ରଦୀପ୍ତ କୁମାର ନନ୍ଦ ସଭାପରିଚାଳନା କରିବା ସହିତ ଡଃ ଅଜୟ କୁମାର ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ସଭାରେ ବିଶ୍ୱିଦ୍ୟାଳୟର ସମସ୍ତ ବିଭାଗର ଆଚାର୍ଯ୍ୟମାନେ ଡଃ ବସନ୍ତ କୁମାର ମିଶ୍ର, ଡଃ ଜୟମାଣିକ ଶାସ୍ତ୍ରୀ, ଡଃ ଦେବାଶିଷ ତ୍ରିପାଠୀ, ଡଃ ଅଜୟ କୁମାର ଦାଶ ଡଃ ଚନ୍ଦନ କୁମାର ମିଶ୍ର, ଏବଂ ଆଚାର୍ଯ୍ୟାମାନଙ୍କ ମଧ୍ୟରୁ ଡଃ ପରାମ୍ବା ଯୋଗମାୟା, ଡଃ ସସ୍ମିତା ବନ୍ଦର ନାୟକ, ଉତ୍କଳ ବିଦ୍ୱତ୍ପରିଷଦ ପକ୍ଷରୁ ପଣ୍ଡିତ କମଳାକାନ୍ତ ଆଚାର୍ଯ୍ୟ, ବିରଂଚି ନାରାୟଣ ମିଶ୍ର, ବିନୋଦ ଶତପଥୀ, ତଥା ବୃନ୍ଦାବନ ସୁବୁଦ୍ଧି ମହାବିଦ୍ୟାଳୟର ଅନ୍ୟ ଅଧ୍ୟାପକମାନେ ନିଜ ଛାତ୍ରଛାତ୍ରୀମାନଂକ ସହିତ ଉପସ୍ଥିତ ଥିଲେ । ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀମାନେ ମଧ୍ୟ ଯୋଗଦାନ କରି ବିଶ୍ୱନିୟନ୍ତା ଜଗନ୍ନାଥଙ୍କ କଥାମୃତ ପାନ କରିଥିଲେ ।

# ଅନୁଦାନ ପାଣ୍ଠିରେ ହେରଫେର, ଭିଜିଲାନ୍ସର ଦ୍ୱାରସ୍ଥ ହେଲେ ବ୍ଲକ ଅଧ୍ୟକ୍ଷା

ଜୟପୁର, ୦୧/୦୩ (ନି.ପ୍ର): କୁନ୍ଦୁରା ବ୍ଲକ ଫୁଫୁଗାଁ ପଂଚାୟତର ଜବାପାତ୍ରପୁଟ ଗ୍ରାମରେ ଅମୃତ ସରୋବର ଯୋଜନା ଏବଂ ଅନ୍ୟାନ୍ୟ ଅନୁଦାନ ପାଣ୍ଠିର ବ୍ୟାପକ ଅନିୟମିତତା ର ତଦନ୍ତ କରିବାକୁ ଦାବି ହୋଇଛି । ଏନେଇ ଆଜି କୁନ୍ଦୁରା ବ୍ଲକ ଅଧ୍ୟକ୍ଷା ରାଜେଶ୍ୱର ପରଜା ଜୟପୁର ସ୍ଥିତ ଦୁର୍ନିତି ନିବାରଣ ବିଭାଗର ଆରକ୍ଷୀ ଅଧିକ୍ଷକ ନିକଟରେ ଦ୍ୱାରସ୍ଥ ହୋଇ ଦାବି ପତ୍ର ପ୍ରଦାନ କରିଛନ୍ତି ।
ଉକ୍ତ ଦାବି ପତ୍ର ରେ ଉଲ୍ଲେଖ କରାଯାଇଛି ଯେ ୨୦୨୨-୨୩ ଆର୍ଥିକ ବର୍ଷରେ କୁନ୍ଦୁରା ବ୍ଲକ ଫୁଫୁଗାଁ ପଂଚାୟତର ଜବାପାତ୍ରପୁଟ ଗ୍ରାମରେ ଅମୃତ ସରୋବର ଯୋଜନା ରେ କାଯ୍ୟକାରି ହୋଉଥିବା ମଣିବନ୍ଧ କାଯ୍ୟରେ ବ୍ୟାପକ ପରିମାଣରେ ଅନିୟମିତତା ସଙ୍ଗେ ସଙ୍ଗେ ବହୁ ପରିମାଣର ମହାଦୁର୍ନିତି ହୋଇଛି ।
ଏହି ମଣିମନ୍ଧର ଉନ୍ନତି ସକାଶେ ସରକାରଙ୍କ ତରଫରୁ ୧୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା ।
ଏହି କାଯ୍ୟର କିଛି ପରିମାଣର କାଯ୍ୟ କରାଯାଇ ୮ ଲକ୍ଷ ଟଙ୍କାର ଖର୍ଚ୍ଚ ହୋଇଥିବା ଦର୍ଶାଯାଇ ବିଲକୁ ପୈଠ କରାଯାଇଛି । ଏହି କାଯ୍ୟରେ କମ ଶ୍ରମିକଙ୍କୁ ନିୟୋଜିତ କରି ଏବଂ ନାମକୁ ମାତ୍ର କାଯ୍ୟକରି ବେନାମି ଭାବରେ ଉକ୍ତ କାଯ୍ୟରେ ନିୟୋଜିତ ହୋଇ ନଥିବୀ ଅନେର ଲୋକଙ୍କ ନାମକୁ କାଯ୍ୟ କଲାଭଳି ସେ ମାନଙ୍କ ନାମରେ ପଂଚାୟତ ଦାୟିତ୍ୱରେ ରହିଥିବା କନିଷ୍ଠ ଯନ୍ତ୍ରୀ, ଗ୍ରାମ ରୋଜଗାର ସେବକ ଏବଂ ଏପିଓ ମିଳିତ ଭାବରେ ଉକ୍ତ ଅର୍ଥକୁ ଆତ୍ମସାକ କରିବା ସଙ୍ଗେ ସଙ୍ଗେ କାଯ୍ୟ ନିବାହି ଅଧିକାରି ଏବଂ ସରପଂଚ ମଧ୍ୟ ହେ ଦୁନିତିରେ ସମ୍ପୃକ୍ତ ଥିବା ଉଲ୍ଲେଖ ରହିଛି ।

## ବନାଗ୍ନୀ ନିବାରଣ ଉପରେ ସଚେତନତା ସଭା ଅନୁଷ୍ଠିତ

ଜୟପୁର, ୦୧/୦୩ (ନି.ପ୍ର): ଜୟପୁର ବନାଂଚଳ ତରଫରୁ ବନାଗ୍ନୀ ନିବାରଣ ନିୟନ୍ତ୍ରଣ ଏବଂ ପରିଚାଳନା ନେଇ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଛି । କେନ୍ଦ୍ରୀୟ ଚାରା ଉତ୍ପାଦନ କେନ୍ଦ୍ର ନାକଟିଡଙ୍ଗର ଜୟପୁର ଠାରେ ପାଳନ ହୋଇଛି । ଜୟପୁର ବନାଂଚଳ ରଞ୍ଜିତା ନାୟକ ସଭାପତିତ୍ୱରେ ଆୟୋଜିତ କାଯ୍ୟକ୍ରମରେ ଜୟପୁର ଉପ ଜିଲାପାଳ ବେଦ ବର ପ୍ରଧାନ. ବନଖଣ୍ଡ ଅଧିକାରି ଜେ ପି ସିଂ, ,ଏସଡ଼ିପିଓ ହରିସ ବି ସି,ତହସିଲଦାର ସାଗରିକା ଷଡଙ୍ଗୀ , ଦମକଳ ବିଭାଗର ଉମେଶ ଚନ୍ଦ୍ର ବାଘ , ବନ୍ୟ ଜନ୍ତୁ ତତ୍ୱା ବଧାରକ ରାମ ନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଜଙ୍ଗଲ ସମ୍ପଦକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ସଚେତନ କରାଯାଇଥିଲା ।

# ଆରମ୍ଭ ହେବ ଓବିସି ଗଣନା

ଭୁବନେଶ୍ୱର, ୦୧/୦୩ (ନି.ପ୍ର): ରାଜ୍ୟରେ ଓବିସି ଗଣନା ଖୁବ୍ ଶୀଘ୍ର ହେବ । ଆପାତତଃ ଏପ୍ରିଲ୍-ମେ' ମାସରେ ଏହି ଗଣନା କାର୍ଯ୍ୟ ଆରମ୍ଭ ହେବ । ଜୁଲାଇ ମାସ ସୁଦ୍ଧା ଏହି ପ୍ରକ୍ରିୟା ଶେଷ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି । ଏଥି ପାଇଁ ଓବିସି କମିସନ୍‌ଙ୍କ ସଦସ୍ୟ ସଚିବ ଭି ଭି ଯାଦବ ସବୁ ଜିଲ୍ଲାପାଳ ଓ ମହାନଗର ନଗିମ କମିସନରମାନଙ୍କୁ ଚିଠି ଲେଖିଛନ୍ତି । ଗଣନା କାର୍ଯ୍ୟ କିପରି କରାଯିବ, ତାହାର ବିବରଣୀ ମଧ୍ୟ ଦିଆଯାଇଛି । ୨୦୨୧ ମେ' ମାସରେ ଓବିସି ଗଣନା କରିବାକୁ ପୂର୍ବରୁ ନିଷ୍ପତ୍ତି ହୋଇଥିଲା । ତେବେ କରୋନା ଯୋଗୁ ସରକାର ତାହାକ ସ୍ଥଗିତ ରଖିଥିଲେ ।



ରାଜ୍ୟରେ ପଛୁଆ ବର୍ଗ ଲୋକଙ୍କ ସାମାଜିକ ଓ ଅର୍ଥନୈତିକ ସ୍ଥିତି ଜାଣିବା ପାଇଁ ଏହି ଗଣନା କରାଯିବ । ୬ ଜଣ ବରିଷ୍ଠ ପ୍ରଶାସନିକ ଅଧିକାରୀ(ଅତିରିକ୍ତ ସଚିବ ପାହ୍ୟା)ଙ୍କୁ ୩୦ଟି ଜିଲ୍ଲାର ଜୋନାଲ୍ ଅଫିସର ଭାବେ ଦାୟିତ୍ୱ ଦିଆଯାଇଛି । ବ୍ଲକ୍ ସ୍ତରରେ ସୁପରଭାଇଜର ଓ ଗଣନାକାରୀଙ୍କୁ ସ୍ୱତନ୍ତ୍ର ଭାବେ ପ୍ରଶିକ୍ଷଣ ଦିଆଯିବ । ପଞ୍ଚାୟତରେ ଅଙ୍ଗନବାଡ଼ି କର୍ମୀ ଏବଂ ସହରାଞ୍ଚଳରେ ୱାର୍ଡ ଅଫିସର, ଟ୍ୟାକ୍ସ କଲେକ୍ଟରମାନେ ଗଣନାକାରୀ ଭାବେ ଦାୟିତ୍ୱ ନିର୍ବାହ କରିବେ । ପ୍ରତି ୧୦ଜଣ ଗଣନାକାରୀଙ୍କ କାର୍ଯ୍ୟ ତଦାରଖ ପାଇଁ ଜଣେ ଲେଖାଏ ସୁପରଭାଇଜରଙ୍କୁ ନିଯୁକ୍ତି ଦିଆଯିବ । ଗଣନା କାର୍ଯ୍ୟ ନିର୍ଦ୍ଦିଷ୍ଟ ଫର୍ମାଟ (ଆଇସିଆର ଫର୍ମ)ରେ କରାଯିବ । ଏଥିପାଇଁ ପରିବାରର ମୁଖ୍ୟଙ୍କ ପରିଚୟ ପ୍ରମାଣପତ୍ରରୁ ଗୋଟିଏ (ଆଧାର କାର୍ଡ, ଭୋଟର କାର୍ଡ, ପ୍ୟାନ କାର୍ଡ ଅବା ପାସପୋର୍ଟ) ରହିବା ବାଧ୍ୟତାମୂଳକ । ଏହି ଗଣନା ସଂକ୍ରାନ୍ତ ସମସ୍ତ ତଥ୍ୟ ଉଭୟ ଡିଜିଟାଲ ଓ ସାଧାରଣ ଫର୍ମରେ ପୂରଣ ହେବ । ଚିହ୍ନଟ ହୋଇଥିବା ପ୍ରାଥମିକ ସ୍କୁଲ, ସରକାରୀ ଅନୁଷ୍ଠାନ, ସୁଲଭ ବିକ୍ରୟ କେନ୍ଦ୍ର ଆଦିରେ ଏହି ଗଣନା କେନ୍ଦ୍ର ସ୍ଥାପନ କରାଯିବ । ପ୍ରତ୍ୟେକ କେନ୍ଦ୍ରରେ ୨ରୁ ୫ଜଣ ଲେଖାଏ ଗଣନାକାରୀ ରହିବେ ।

# ନକ୍ସଲ ପ୍ରବଣ ଅଂଚଳ ଗୋଛାପଡାଠାରେ ବିଏସଏଫ କ୍ୟାମ୍ପରେ ଜନ ସମ୍ପର୍କ ଶିବିର

କନ୍ଧମାଳ, ୦୧/୦୩ (ନି.ପ୍ର): ଗୋଛାପଡା ଠାରେ ସୀମା ସୁରକ୍ଷା ବାହିନୀର ମାଗଣା ସ୍ୱାସ୍ଥ୍ୟ ଶିବିର । ନୂତନ ଭାବେ ଅବସ୍ଥାପିତ ହେଇଥିବା ଗୋଛାପଡା ସ୍ଥିତ ବିଏସଏଫ କ୍ୟାମ୍ପ ତରଫରୁ ଆଜି ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା । ଏଥିରେ ମୁଖ୍ୟ ଭାବେ ସହଯୋଗୀ କମାଣ୍ଡାଂଟ ତଥା ମେଡିକାଲ ଅଫିସର ଅଙ୍କୁଶ ରାଓ୍ୱଲ ପରିଚାଳନା କରିଥିଲେ । ଏହି ଶିବିର ରେ ୨୦୫ଜଣ ପୁରୁଷ ଙ୍କୁ, ୧୮୦ ଜଣ ସ୍ତ୍ରୀ, ୮୫ ଶିଶୁ ଏବଂ ୮୫ ଛାତ୍ର ଛାତ୍ରୀଙ୍କୁ ସ୍ୱାସ୍ଥ୍ୟ ପରିକ୍ଷା ନିରିକ୍ଷା କରିଥିଲେ । ଏବଂ ଆବଶ୍ୟକ ମେଡିସିନ ପ୍ରଦାନ କରିଥିଲେ । ଏହି ଶିବିର ଟିଙ୍କୁ ଇନ୍ସପେକ୍ଟର କେ.ଭି. ସିଂ, ଏବଂ ଜଣେ ନର୍ସ ୫ ଜଣ କନିଷ୍ଠ ଅଫିସର, ୨୦ ଜଣ ଜବାନଙ୍କ ସହଯୋଗରେ ସୁଚାରୁରୂପେ ସମ୍ପାଦନା କରାଯାଇପାରିଥିଲା । କାର୍ଯ୍ୟକ୍ରମ ରେ ସ୍ଥାନୀୟ ସଲାଗୁଡା ସରପଂଚ ଶ୍ରୀ ରୋହିତ କହଁର ଏବଂ ପ୍ରଧାନ ଶିକ୍ଷକ(ଉ.ପ୍ରା. ବିଦ୍ୟାଳୟ ଗୋଛାପଡା) ମଧ୍ୟ ସହଯୋଗ କରିଥିଲେ । ସ୍ୱାସ୍ଥ୍ୟ ଅବସ୍ଥା ପରୀକ୍ଷା ସମୟରେ ଗ୍ରାମର ଶିଶୁ ଏବଂ ଗ୍ରାମବାସୀଙ୍କୁ ବିସ୍କୁଟ, ମିଠେଇ ଆଦି ବଂଟନ କରାଯାଇଥିଲା ।

# ନିଖିଳ ଓଡିଶା ମନେରେଗା ସଂଘର ରାଜ୍ୟସ୍ତରୀୟ ବିକ୍ଷୋଭ ମାର୍ଚ୍ଚ ୧୩ରେ

ସାଲେପୁର, ୦୧/୦୩ (ନି.ପ୍ର): ମାହାଙ୍ଗାଗାନ୍ଧୀ ନିର୍ଶ୍ଚିନ୍ତ କର୍ମନିଯୁକ୍ତି ଯୋଜନାରେ ଜବକାର୍ଡଧାରୀମାନଙ୍କର ବିଭିନ୍ନ ଦାବି ପୂରଣ ପାଇଁ ଆସନ୍ତା ମାର୍ଚ୍ଚ ୧୩ ତାରିଖରେ ରାଜ୍ୟ ସ୍ତରୀୟ ବିକ୍ଷୋଭ ପ୍ରଦର୍ଶନ କରାଯିବା ପାଇଁ ନିଷ୍ପତି ହୋଇଛି । ଏହି ଅବସରରେ ନିର୍ଶ୍ଚିନ୍ତକୋଇଲି ବ୍ଲକ ଶାଖା ପକ୍ଷରୁ ବିଭିନ୍ନ ପଂଚାୟତରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ନେଇ ଏକ ସମାବେଶ କଟିକଟାଠାରେ କରାଯାଇଛି । କେନ୍ଦ୍ର ସରକାର ମନେରେଗା ଯୋଜନାର ଏକ ତୃତୀୟାଂଶ ବ୍ୟୟ ମଞ୍ଜୁରୀ ହ୍ରାସ କରିଥିବାରୁ ଏହି ସମାବେଶରେ ଉପସ୍ଥିତ ଥିବା କର୍ମକର୍ତ୍ତା ଓ ଶ୍ରମିକମାନେ ଉଦ୍‌ବେଗ ପ୍ରତିଷ୍ଠା କରିଛନ୍ତି । ସେକ୍ ଅଜମତ୍ ଅଲୀଙ୍କ ପୌରୋହିତ୍ୟରେ ଏ.ଆଇ.ଟି.ୟୁ.ସି.ର ରାଜ୍ୟ ସାଧାରଣ ସଂପାଦକ ବିଜୟ ଜେନା ଏଥିରେ ଯୋଗଦେଇ କେନ୍ଦ୍ରସରକାର ଗ୍ରାମାଞ୍ଚଳ ଶ୍ରମିକମାନଙ୍କୁ ମନେରେଗା ଆଇନକୁ ପଥଭ୍ରଷ୍ଟ କରିବା ପାଇଁ ଯେଉଁ ଷଡଯନ୍ତ୍ର ଚଳାଇଛନ୍ତି ତାହାକୁ ବିରୋଧ କରାଯିବ ବୋଲି ପ୍ରକାଶ କରିଥିଲେ । ଏହାର ସଠିକ୍ ମୁକାବିଲା ପାଇଁ ସମସ୍ତ ଜବ୍ କାର୍ଡଧାରୀ ଶ୍ରମିକମାନେ ସଂଘବଦ୍ଧ ହୋଇ ଲଢେଇ କରିବାକୁ ଆହ୍ୱାନ ଦେଇଥିଲେ । ନିଖିଳ ଓଡିଶା ଏନ୍ ଆର ଇ ଜି ଏସ୍ ରାଜ୍ୟ ସଭାପତି ଜୟନ୍ତ ଦାସ ଯୋଗଦେଇ ମନେରେଗା ଶ୍ରମିକଙ୍କୁ ବର୍ଷକୁ ୧୫୦ ଦିନ କାମ ଯୋଗାଇ ଦେବା, ଦୈନିକ ମଜୁରୀ ସର୍ବନିମ୍ନ ୭୦୦ ଟଙ୍କା କରିବା, ସାମାଜିକ ନିରାପତା ପାଇଁ ଶ୍ରମିକ କଲ୍ୟାଣବୋର୍ଡ ଗଠନ କରିବା, ମନେରେଗା ଶ୍ରମିକ ପରିବାରକୁ ଚିକିତ୍ସାସେବା, ତାଙ୍କ ପିଲାମାନଙ୍କୁ ଶିକ୍ଷାବୃତ୍ତି, ବିବାହ ସହାୟତା, ଗୃହ ନିର୍ମାଣ ସହାୟତା, ୬୦ ବର୍ଷ ପରେ ମାସିକ ପେନ୍ସନ୍, ଶ୍ରମିକଙ୍କ ମୃତ୍ୟୁରେ ୫ଲକ୍ଷ ଟଙ୍କା ସହାୟତା ଆଦି ପ୍ରଦାନ ପାଇଁ ଦାବି କରିଥିଲେ । ଦେଶ ଓ ରାଜ୍ୟ ସ୍ତରୀୟ ବିକ୍ଷୋଭ ପ୍ରଦର୍ଶନ କରାଯାଇ ମହାମହୀମ ରାଷ୍ଟ୍ରପତି, ରାଜ୍ୟପାଳ, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯିବ ବୋଲି ସ୍ଥିର ହୋଇଛି । ଏହି ବିକ୍ଷୋଭରେ ବହୁ ସଂଖ୍ୟାରେ ମନେରେଗା ଶ୍ରମିକମାନେ କିଭଳି ଯୋଗେ ଦେବେ ବିଶଦ୍ ଆଲୋଚନା କରାଯାଇଥିଲା । ଏଥିରେ କଟକ ଜିଲ୍ଲା ସଂଘ ଆବାହକ ହରିହର ମହାନ୍ତି, ସମିତିସଭ୍ୟ ଦିଲ୍ଲୀପ କାଣ୍ଡି, ହୃଷିକେଶ ପଣ୍ଡା ଯୋଗଦେଇଥିଲେ ।

# ଶିକ୍ଷକ ଅପିନ୍ଦ୍ର ନାଏକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଚମ୍ପୁଆ, ୦୧/୦୩ (ନି.ପ୍ର): ଉପାନ୍ତ ଚମ୍ପୁଆ ବ୍ଲକ ଭୂଇଁପୁର ଗ୍ରାମପଂଚାୟତ ଅନ୍ତର୍ଗତ ବିରିକୁଆଁ(କ)ସରକାରୀ ପ୍ରାଥମିକ ବିଦ୍ୟାଳୟ ର ଶିକ୍ଷକ ଅପିନ୍ଦ୍ର ନାଏକଙ୍କୁ ଶେଷ କାର୍ଯ୍ୟଦିବସ ଅବସରରେ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି କ୍ଷ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୁରଲୀ ନାଏକଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ କ୍ଲୋଷ୍ଟର ସିଆରସିସି ତ୍ରିନାଥ ନାଏକ ଯୋଗଦେଇଥିବାବେଳେ ସମ୍ମାନୀତ ଅତିଥି ଭାବେ ୟୁଜି ମଇ ବିଦ୍ୟାଳୟର ଶିକ୍ଷକ ନରେନ୍ଦ୍ର ମହାନ୍ତ, ରୁଦ୍ର ନାରାୟଣ ମହାନ୍ତ, ଶିରୀକୁଆଁ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଋଷିନାଥ ନାଏକ, କମଣ୍ଡ(ଖ)ର ବିଚିତ୍ରା ନନ୍ଦ ସାହୁ, ବିରିକୁଆଁ(ଖ)ର ଚିନ୍ତାମଣି ମହାନ୍ତ, ବିରିକୁଆଁ ଗ୍ରାମ ଅଙ୍ଗନବାଡି କର୍ମୀ ସବିତା ମହାନ୍ତ, ଜେମାମଣି ମୁଣ୍ଡା, ଅସ୍ୱାଆର ଜିପିସିମ ପ୍ରଦୀପ ପାତ୍ର, ସହଯୋଗୀ ଶିକ୍ଷୟିତ୍ରୀ ସସ୍ମିତା ମହାନ୍ତ, ପ୍ରମୁଖ ଯୋଗଦାନ କରି ବିଦାୟ ଶିକ୍ଷକଙ୍କ ଉତମ ବ୍ୟବହାର ପ୍ରଦର୍ଶନ ସମ୍ପର୍କରେ ଆଲୋକପାତ କରିଥିଲେ କ୍ଷ ଶିକ୍ଷକ ଉପସ୍ଥିତ ଛାତ୍ର ଛାତ୍ରୀଙ୍କୁ ଭବିଷ୍ୟତ ଗଠନ ନିମନ୍ତେ ଶିକ୍ଷା ନିତାନ୍ତ ଜରୁରୀ, ତଥା କାହାରି ପ୍ରଚନା ରେ ନପଡି ଶିକ୍ଷା ଗ୍ରହଣ ନିମନ୍ତେ ବିଦାଇ ଶିକ୍ଷକ ଶ୍ରୀ ନାଏକ ଉପଦେଶ ଦେଇଥିଲେ । ସଭା କାର୍ଯ୍ୟ ପ୍ରାରମ୍ଭରେ ମା ସ୍ୱରସ୍ୱତୀଙ୍କ ଫୋଟୋ ଚିତ୍ରରେ ଧୂପ, ଦୀପ, ପୁଷ୍ପମାଲ୍ୟ ପୂର୍ବକ ପୂଜାଅର୍ଚ୍ଚନା ପରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଦାୟ ଗୁରୁବନ୍ଦନା ସଂଗୀତ ପଠନ କରାଯାଇଥିଲା । ଅବସରଗ୍ରହଣ କରିଥିବା ଶିକ୍ଷକ ପ୍ରଥମେ ଯୋଡ଼ା ବ୍ଲକ ରେ ଶିକ୍ଷାଦାନ ନିମନ୍ତେ ଦାୟିତ୍ୱ ନେଇଥିବାବେଳେ ପରବର୍ତୀ ସମୟରେ ଝୁମ୍ପୁରା ବ୍ଲକ ଏବଂ ଚମ୍ପୁଆ ବ୍ଲକରୁ ଅବସର ନେଇଥିବା ଜଣା ଯାଇଛି । ଏହି ସଭାରେ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ, ଅଭିଭାବକ, ଗ୍ରାମ ୱାର୍ଡ ମେମ୍ବରସଭା କାର୍ଯ୍ୟ ପରିଚାଳିତ କରିବାରେ ସାହାର୍ଯ୍ୟ କରିଥିବା ବେଳେ ଏକ ବିରାଟ ପଟୁଆରା ରେ ବିଦାୟୀ ଶିକ୍ଷକଙ୍କୁ ଛାତ୍ର ଛାତ୍ରୀ ଅଭିଭାବକ, ପରିଚାଳନା, କମିଟି ର ସଦସ୍ୟ ନିଜଗ୍ରାମ ଝୁମ୍ପୁରା ବ୍ଲକ ଅଧିନ ବଡ଼ପଶିକୁ ନେଇ ଯାଇଥିଲେ ।




# ବିଳାସପୁର

ଛତିଶଗଡ଼ର ବିଳାସପୁର ସହର ଓ ଆଖପାଖରେ ବିଳାସପୁର ସହର ଓ ଆଖପାଖରେ ବହୁ ସୁନ୍ଦର ସୁନ୍ଦର ସ୍ଥାନ ରହିଛି ପ୍ରକୃତିପ୍ରେମୀ ଏହି ସବୁ ସ୍ଥାନ ବୁଲି ଦେଖିପାରିବେ। ବଣଭୋଜି କରିବା ଭଳି ଅନେକ ସ୍ଥାନ ମଧ୍ୟ ରହିଛି । ବିଳାସପୁର ଅଞ୍ଚଳରେ ।

ବିଳାସପୁର, ଛତିଶଗଡ଼ ରାଜ୍ୟର ଏକ ମହତ୍ତ୍ୱପୂର୍ଣ୍ଣ ସହର, ଯାହା ଐତିହାସିକ, ସାଂସ୍କୃତିକ ଓ ପ୍ରକୃତିକ ସୌନ୍ଦର୍ଯ୍ୟ ଦୃଷ୍ଟିରୁ ସମୃଦ୍ଧ । ଇତିହାସ ପୃଷ୍ଠାରୁ ଜଣାପଡ଼େ ଯେ ରତନପୁରର କଳଚୁରୀ ରାଜବଂଶର ଶାସନ ସେଠାରେ ଥିଲା । କିନ୍ତୁ ମରାଠାମାନଙ୍କ ଶାସନ କାଳ ମଧ୍ୟରେ ଏହି ସହରର ପ୍ରସିଦ୍ଧି ବୃଦ୍ଧି ପାଇଥିଲା । ପର୍ଯ୍ୟଟନ ଦୃଷ୍ଟିରୁ ଏହା ଏକ ଆଦର୍ଶ ବିକଳ୍ପ ।



### ରତନପୁର :

ଏହି ପ୍ରାଚୀନ ସ୍ଥଳ ତା'ର ପ୍ରାଚୀନ ସଂରଚନା ପାଇଁ ପ୍ରସିଦ୍ଧ । ଏହି ସହରକୁ ରାଜା ରତନ ଦେବ ନିର୍ମାଣ କରିଥିଲେ । ଦର୍ଶନୀୟ ସ୍ଥାନ ମଧ୍ୟରୁ ସେଠାରେ ଥିବା ମହାମାୟା ମନ୍ଦିର ଅନ୍ୟତମ । ମୁଖ୍ୟ ଆକର୍ଷଣ ମଧ୍ୟରୁ ରତନପୁର ଫୋର୍ଟ ରହିଛି । ଏହି ଅଦ୍ଭୁତ କିଲ୍ଲାକୁ ଦେଖିବା ପାଇ ଦୂରଦୂରାନ୍ତରୁ ପର୍ଯ୍ୟଟକମାନେ ଆସିଥାନ୍ତି । ବିଳାସପୁର ସହରରୁ ଏହା ୨୫ କି.ମି ଦୂରରେ ଅବସ୍ଥିତ ।

### ଅଚାନକମାନର ବନ୍ୟଜୀବ ଅଭୟାରଣ୍ୟ :

ପାଖାପାଖି ୫୫୫ ବର୍ଗ କି.ମି କ୍ଷେତ୍ରରେ ବ୍ୟାପ୍ତ ଏହି ଅଭୟାରଣ୍ୟ ବିଭିନ୍ନ ବନସ୍ପତି ଓ ଜୀବଜନ୍ତୁଙ୍କୁ ସୁରକ୍ଷିତ ଆଶ୍ରୟ ପ୍ରଦାନ କରିଥାଏ । ଘନ ଜଙ୍ଗଲ ଦ୍ୱାରା ପରିବେଷ୍ଟିତ ଏହି ଅଭୟାରଣ୍ୟକୁ ୨୦୦୯ରେ ଏକ ଟାଇଗର ରିଜର୍ଭ ଭାବରେ ଘୋଷଣା କରାଯାଇଥିଲା ।





### ଖୁଣ୍ଟାଘାଟ :

ଖୁଣ୍ଟାଘାଟ ମୁଖ୍ୟତଃ ରିଭର ଡ୍ୟାମ ପାଇଁ ପ୍ରସିଦ୍ଧ। ଏହା ଖାରୁନ ନଦୀରେ ନିର୍ମିତ ହୋଇଛି । ମୁଖ୍ୟ ସହରଠାରୁ ୩୩ କି.ମି ଦୂରରେ ଅବସ୍ଥିତ ଏହା ଏକ ଲୋକପ୍ରିୟ ଡ୍ୟାମ୍ । ବିଳାସପୁର-ଅମ୍ବିକାପୁର ହାଇୱେ ପାର୍ଶ୍ୱରେ ଏହା ଅବସ୍ଥିତ । ଏକ ଲୋକପ୍ରିୟ ପିକ୍‌ନିକ୍ ସ୍ପଟ୍ ହୋଇଥିବାରୁ ସ୍ଥାନୀୟ ନିବାସୀମାନେ ମଧ୍ୟ ସେଠାକୁ ଭ୍ରମଣ ପାଇଁ ଅଧିକ ସଂଖ୍ୟାରେ ଯାଇଥାନ୍ତି ।



### ତାଲାଗାଓଁ :

ବିଳାସପୁର ପର୍ଯ୍ୟଟନ ସ୍ଥଳଗୁଡ଼ିକର ଶୃଙ୍ଖଳାରେ ମୁଖ୍ୟ ସହରଠାରୁ ୩୦ କି.ମି ଦୂରରେ ଅବସ୍ଥିତ ତାଲାଗାଓଁ ଏକ ସୁନ୍ଦର ଗ୍ରାମ, ଯାହା ମନିୟାରୀ ନଦୀ କୂଳରେ ଅବସ୍ଥିତ । ଏହି ସ୍ଥଳ ଦେବରାନୀ-ଜେଠାନୀ ମନ୍ଦିର ପାଇଁ ପ୍ରସିଦ୍ଧ ।






### ଦେବରାନୀ ମନ୍ଦିର :

ଏହି ମନ୍ଦିରରେ ପ୍ରସ୍ତର ନିର୍ମିତ ଅର୍ଦ୍ଧଭଗ୍ନ ଦେବରାନୀ ମନ୍ଦିର, ଶିବ ମନ୍ଦିର ରହିଛି ଯାହାର ମୁଖ ପୂର୍ବ ଦିଗକୁ ରହିଛି । ମନ୍ଦିରର ପଛ ପାର୍ଶ୍ୱରେ ମନିୟାରୀ ନଦୀ ପ୍ରବାହିତ ହେଉଛି । ସେଠାରେ ଗର୍ଭଗୃହ, ଅନ୍ତରାଳ ଏବଂ ଖୋଲା ସ୍ଥାନଯୁକ୍ତ ଶଙ୍କରା ମୁଖମଣ୍ଡପ ଅଛି । ମୁଖମଣ୍ଡପରେ ପ୍ରବେଶ ଦ୍ୱାରା ଅଛି । ମନ୍ଦିର ସ୍ଥଳୀରେ ହିନ୍ଦୁ ବିଶ୍ୱାସ ଅନୁସାରେ ବିଭିନ୍ନ ଦେବୀ ଦେବତା, ପୌରାଣିକ ଆକୃତି, ପୁଷ୍ପାଙ୍କନ ଏବଂ ବିବିଧ ଜ୍ୟାମିତିକ ଏବଂ ଅଜ୍ୟାମିତିକ ଅଙ୍କନଯୁକ୍ତ ପ୍ରତିମା ଏବଂ ବାସ୍ତୁଖଣ୍ଡ ରହିଛି ।

### ଜେଠାନୀ ମନ୍ଦିର :

ଦକ୍ଷିଣାଭିମୁଖୀ ଏହି ମନ୍ଦିର ଭଗବାନ ଶିବଙ୍କୁ ସମର୍ପିତ । ଭଗ୍ନାବଶେଷ ଭାବରେ ଜ୍ଞାନ ସଂରଚନାକୁ ଅନାବୃତ୍ତ କରାଯାଇଛି । ତେଣୁ କେହି ମଧ୍ୟ ଏହାକୁ ଦେଖି ଏହାର ଭୂ- ନିର୍ମାଣ ଯୋଜନା ବିଷୟରେ ଜାଣିପାରିବ । ସମ୍ମୁଖ ଭାଗରେ ଗର୍ଭଗୃହ ଭାଗ ଅଧିକ କ୍ଷତିଗ୍ରସ୍ତ ହୋଇଛି । ଦିଗପାଳ ଦେବତା ବା ଗଜମୁଖ ଚବୁତରାରେ ନିର୍ମିତ କରାଯାଇଛି । ନିଃସନ୍ଦେହ ତାଲାସ୍ଥିତ ସ୍ମାରକଗୁଡ଼ିକର ଅବଶେଷ ଭାରତୀୟ ସ୍ଥାପତ୍ୟକଳାର ବିଲକ୍ଷଣ ଉଦାହରଣ ।



**କେବେ ଯିବେ:** ବିଳାସପୁରରେ ମହାଦ୍ୱୀପୀୟ ଓ ମନସୁନ ପରି ପାଗ ଦେଖିବାକୁ ମିଳେ । ସେଠାରେ ଗରମ ଦିନେ ଅଧିକ ଗରମ ହୁଏ ଓ ଶୀତ କମ୍ ହୁଏ । ବର୍ଷା ସୀମିତ ମାତ୍ରାରେ ହୁଏ । ତେଣୁ ପର୍ଯ୍ୟଟକମାନେ ଶୀତ ଦିନରେ ସେଠାକୁ ଗଲେ ଉପଭୋଗ କରିପାରିବେ ।

**କିପରି ଯିବେ:** ଆକାଶ ମାର୍ଗରେ ଯିବାକୁ ଚାହୁଁଥିବା ପର୍ଯ୍ୟଟକମାନେ ବିଳାସପୁରରେ ଥିବା ବିମାନବନ୍ଦର ପର୍ଯ୍ୟନ୍ତ ଯାଇପାରିବେ । ସେଠାରୁ ଟ୍ୟାକ୍ସି ଯୋଗେ ଭ୍ରମଣ ସ୍ଥାନକୁ ଯାଇପାରିବେ । ଦକ୍ଷିଣ ପୂର୍ବ ମଧ୍ୟ ରେଲୱର ପ୍ରମୁଖ ଷ୍ଟେସନଗୁଡ଼ିକ ମଧ୍ୟରୁ ବିଳାସପୁର ଅନ୍ୟତମ । ରେଲୱେ ଷ୍ଟେସନରୁ ଅଟୋ, ଟାଙ୍ଗା ଦ୍ୱାରା ସହର ମଧ୍ୟକୁ ପହଞ୍ଚ ପାରିବେ ।


# ତ୍ୱଚା ପାଇଁ ଫଳର ମାସ୍କ

ବୟସର ଛାପ ପଡ଼ିଲେ ତ୍ୱଚା ରୁକ୍ଷ ହେବା ।ସହ ଭାଙ୍ଗ ପଡ଼ିବା ଆରମ୍ଭ କରେ । ପାର୍ଲରର ଦାମୀ ଫେସିଆଲ୍ ପରିବର୍ତ୍ତେ ଘରୋଇ ଉପାୟରେ ଏହାର ଚର୍ଚ୍ଚା କରନ୍ତୁ । ଦିନକେଇଟାରେ ଆପଣଙ୍କ ତ୍ୱଚାରେ ଏକ ନୂଆ ଚମକ ଅନୁଭବ କରିପାରିବେ ।





♦ ଖରାଦିନେ ବଜାରରେ ଅଙ୍ଗୁରର ପସରା ଦେଖିବାକୁ ମିଳେ । ଅଙ୍ଗୁର ରସ ଦେହ ପାଇଁ ହିତକର ହୋଇଥିବାବେଳେ ତ୍ୱଚାର ଯତ୍ନ ମଧ୍ୟ ଏହା ଦ୍ୱାରା ନେଇହେବ । ବିଶେଷଜ୍ଞଙ୍କ ମତରେ ଉଭୟ ଅଙ୍ଗୁର ଓ ସେଓରେ ପର୍ଯ୍ୟାପ୍ତ ପରିମାଣର ଆଣ୍ଟିଅକ୍ସିଡାଣ୍ଟ ଭରପୂର ରହିଛି । ୧୦-୧୨ଟି ଅଙ୍ଗୁର ଓ ଫାଳେ ସେଓ ନେଇ ଗ୍ରାଇଣ୍ଡିଂ କରିନେବେ । ପରେ ସେହି ପ୍ୟାକ୍‌କୁ ତ୍ୱଚାରେ ଲଗାଇ ୩୦ ମିନିଟ୍ ପରେ ଧୋଇନେବେ । ସପ୍ତାହରେ ୨-୩ଥର ଏଇ ପ୍ୟାକ୍ ଲଗାନ୍ତୁ । ଫରକ୍ ନିଜେ ହିଁ ଜାଣିପାରିବେ।

♦ ଆମ୍ବ ଫଳରେ ଭିଟାମିନ୍ସ, ମିନେରାଲ୍ସ, ନ୍ୟୁଟ୍ରିସନ୍ ପର୍ଯ୍ୟାପ୍ତ ପରିମାଣରେ ଥାଏ । ଏହାର ପ୍ୟାକ୍ ମଧ୍ୟ ତ୍ୱଚାର ରଙ୍ଗ ସଫା କରିବା ସହ ସନ୍-ଟ୍ୟାନ୍ ଦୂର କରେ । ଅଧ କପ୍ ଆମ୍ବ ରସରେ ମୁଲତାନି ମାଟି ଓ ବେସନ ମିଶାଇ ପ୍ୟାକ୍ ଭଳି ତ୍ୱଚାରେ ଲଗାଇବେ । ପ୍ୟାକ୍ ଶୁଖିବା ପରେ ତ୍ୱଚାକୁ ଭଲଭାବେ ଧୋଇନିଅନ୍ତୁ । ସପ୍ତାହକୁ ଥରୁଟିଏ ଏଇ ପ୍ୟାକ୍ ଲଗାଇଲେ ଲାଭ ମିଳେ ।



# ହାର୍ଟ ଆଟାକ୍ ଆସିବା ମାତ୍ରେ ନ ଡରି କରନ୍ତୁ ଏହି କାମ: ବଞ୍ଚିଯିବ ପୀଡିତାଙ୍କ ଜୀବନ

ହାର୍ଟ ଆଟାକର ମାମଲା ଦିନକୁ ଦିନ ବଢ଼ିବାରେ ଲାଗିଛି । ପୂର୍ବରୁ ୬୦ ବର୍ଷରୁ ଅଧିକ ଲୋକ ଏହାର ଶିକାର ହେଉଥିବା ବେଳେ ଆଜିକାଲି ୧୮-୨୦ ବର୍ଷର ଯୁବପିଢ଼ି ମଧ୍ୟ ଏହାର ଶିକାର ହେଉଛନ୍ତି। ହାର୍ଟ ଆଟାକ୍ ଆସିବା ପରେ ଲୋକଙ୍କୁ ବଞ୍ଚାଇବା ପାଇଁ ମାତ୍ର କିଛି ମିନିଟ ହିଁ ମିଳିଥାଏ । ଏପରି ପରିସ୍ଥିତିରେ ଯଦି ପୀଡିତାଙ୍କୁ ତୁରନ୍ତ ଡାକ୍ତରଖାନା ନିଆନଯାଏ, ତେବେ ତାଙ୍କ ଜୀବନ ଚାଲିଯାଏ। ଡାକ୍ତରଙ୍କ କହିବା ମୁତାବକ, ସାଧାରଣ ଲୋକ ଏହିପରି ଅନେକ ଟିପ୍ସ ଜାଣିବା ଉଚିତ୍, ଯାହା ରୋଗୀର ଜୀବନ ବଞ୍ଚାଇବା ପାଇଁ ତୁରନ୍ତ ବ୍ୟବହାର କରାଯାଇପାରିବ। ଆସନ୍ତୁ ଜାଣିବା କ'ଣ ରହିଛି ଟିପ୍ସ...



ହାର୍ଟ ଆଟାକ୍ ପରେ ତୁରନ୍ତ CPR ଦିଅନ୍ତୁ : ଡାକ୍ତରୀ ବିଶେଷଜ୍ଞମାନେ କହିଛନ୍ତି ଯେ, ଯଦି କାହାକୁ ହାର୍ଟ ଆଟାକ୍ ଆସିଛି, ତେବେ ପୀଡିତାଙ୍କୁ ତୁରନ୍ତ ସିପିଆର ଦେବା ଉଚିତ । ଏହି ଟେକନିକ ବ୍ୟବହାର କରି ରୋଗୀର ଜୀବନ ବଞ୍ଚାଯାଇ ପାରିବ। CPR ହେଉଛି Cardiopulmonary Resuscitation। ଯେତେବେଳେ କାହାକୁ ହାର୍ଟ ଆଟାକ୍ ଆସୁଛି , ଏହି କୌଶଳ ବ୍ୟବହାର କରି ତାଙ୍କ ଜୀବନ ରକ୍ଷା କରିପାରିବେ । ଏହା ମାଧ୍ୟମରେ ରୋଗୀଙ୍କଠାରେ ବ୍ଲଡ଼ ଏବଂ ଅକ୍ସିଜେନ ଯୋଗାଣ ଚାଲୁ ହୋଇଥାଏ ।

*CPR କିପରି ଦେବେ ?:* ଡାକ୍ତରଙ୍କ କହିବାନୁସାରେ, ଯେତେବେଳେ ବି ଜଣେ ବ୍ୟକ୍ତିଙ୍କୁ ହାର୍ଟ ଆଟାକ୍ ଆସେ, ତାଙ୍କୁ ସିଧା ତଳେ ଶୋଇବାକୁ ଦିଅ ଏବଂ ତା'ପରେ ତାଙ୍କ ପାଖରେ ଆଣ୍ଠୁ ମାଡ଼ି ବସିପଡ଼। ଏହା ପରେ ଦୁଇ ହାତର ପାପୁଲିରେ ପୀଡିତାଙ୍କ ଛାତିକୁ ଜୋରରେ ଦବାଇବା ଆରମ୍ଭ କରନ୍ତୁ। ପ୍ରତି ମିନିଟରେ ପ୍ରାୟ ୧୦୦-୧୨୦ / ହାରରେ ଛାତି ଦବାଇଲେ, ରକ୍ତରେ ରକ୍ତ ଏବଂ ଅମ୍ଳଜାନ ଯୋଗାଣ ପୁନଃ ଆରମ୍ଭ ହେବାର ସମ୍ଭାବନା ଥାଏ। ଛାତି ଦବାଇବାବେଳେ ଏହାକୁ ଧ୍ୟାନରେ ରଖିବାକୁ ହେବ ଯେ ଏହା ଏକ ସେମି ପର୍ଯ୍ୟନ୍ତ ତଳକୁ ଯାଉଥିବ। ସିପିଆର ଦେବା ଦ୍ୱାରା ରୋଗୀର ଜୀବନ ବଞ୍ଚିଯାଏ, କିନ୍ତୁ ତାଙ୍କ ଉପରେ ବିପଦ ରହିଥାଏ। ତେଣୁ ସିପିଆର ପରେ ତୁରନ୍ତ ରୋଗୀଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରନ୍ତୁ। ଯାହାଫଳରେ ତାଙ୍କ ଆଞ୍ଜିଓଗ୍ରାଫି କରି ଅଧିକ ଚିକିତ୍ସା ଆରମ୍ଭ କରିଯାଇପାରିବ। ଅନେକ ଥର ରୋଗୀର ଶିରା ବ୍ଲକ ହୋଇଯାଏ, ସେହି କ୍ଷେତ୍ରରେ ତୁରନ୍ତ ଅସ୍ତ୍ରୋପଚାର କରିବା ଜରୁରୀ ହୋଇଥାଏ ।

# ଦୁନିଆର ସବୁଠୁ ଛୋଟ ଦ୍ୱୀପ



ଦୁନିଆରେ ଏପରି ସ୍ଥାନ ଅଛି ଯାହାର ସୌନ୍ଦର୍ଯ୍ୟ ଲୋକଙ୍କ ମନମୋହି ନେଇଥାଏ । ଏହିପରି ଏକ ସୌନ୍ଦର୍ଯ୍ୟମୟ ଦ୍ୱୀପ ବିଷୟରେ ଆଜି କହିବାକୁ ଯାଉଛୁ ଯାହାର ଆକାର ବାବଦରେ ଶୁଣିଲେ ଆପଣ ଆଶ୍ଚର୍ଯ୍ୟ ହୋଇଯିବେ । ଏହି ଦ୍ୱୀପଟି ନ୍ୟୁୟର୍କର ଆଲୋକଜେଣ୍ଡ୍ରିୟା ବାୟ ନିକଟରେ ଅବସ୍ଥିତ । ଏହାକୁ ଦୁନିଆର ସବୁଠୁ ଛୋଟ ଦ୍ୱୀପ ବୋଲି କୁହାଯାଇଥାଏ । ଏହାର ନାମ ହେଉଛି 'ଜଷ୍ଟ ରୁମ ଏନଫ' । ଏହି ଦ୍ୱୀପରେ କେବଳ ଗୋଟିଏ ଘର ଗୋଟିଏ ଗଛ ଅଛି । ଆପଣ ଏବେ ଏଥିରୁ ଜାଣିଥିବେ ଯେ, ଆକାର କେତେ ହେବ । ସୂଚନା ଅନୁସାରେ ଏହି ଦ୍ୱୀପଟିର ଆକାର ଏକ ଟେନିସ କୋର୍ଟ ସହ ସମାନ। ଏହି ଦ୍ୱୀପ ୩୩୦୦ ସ୍କୋୟରଫୁଟ ଅଞ୍ଚଳରେ ପରିବ୍ୟାପ୍ତ । ପ୍ରକାଶଥାଉକି ପୂରା ପୃଥିବୀରେ ଅନ୍ୟୂନ୍ୟ ୨୦୦୦ରୁ ଉର୍ଦ୍ଧ୍ୱ ଦ୍ୱୀପ ରହିଛି, ତନ୍ମଧ୍ୟରୁ ଏହି ଦ୍ୱୀପଟି ଗୋଟିଏ । ଏପରିକି ନିଜ ଆକାରକୁ ନେଇ ଏହି ଦ୍ୱୀପଟି ଗିନିଜ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ମଧ୍ୟ ସ୍ଥାନ ପାଇଛି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# କଂଗ୍ରେସ ମହାଧିବେଶନ ଓ ଶାସନ...

ଏକ ଗଣତନ୍ତ୍ରରେ ଶାସନ କ୍ଷମତାରେ ଥିବା ଏକ ଦଳର ନ୍ୟାୟସଙ୍ଗତ ସମାଲୋଚନା କରିବା ବିରୋଧୀ ଭାବରେ କାମ କରୁଥିବା ଏକ ଦଳର କେବଳ ଏକମାତ୍ର ଦାୟିତ୍ୱ ନୁହେଁ । ଏହା ବାଦ୍ ଅନ୍ୟ ଯେଉଁ ଜିନିଷଟିକୁ ଏହା ଅବଧାରଣା ଭିତରକୁ ଆଣିବା ଉଚିତ, ତାହା ହେଉଛି- ଏକ ବିକଳ୍ପ ଦୃଷ୍ଟିକୋଣ, ଯାହା ସାଧାରଣ ଜନତାଙ୍କ ଦ୍ୱାରା ଗ୍ରହଣୀୟ ହେଉଥିବ । ଭାରତୀୟ ରାଜନୀତି ଉପରେ ମତବ୍ୟକ୍ତ କରୁଥିବା ସମୀକ୍ଷକମାନେ ବିନା କାରଣରେ ତେଣୁ ଯୁକ୍ତି ଦର୍ଶାଇ ନାହାନ୍ତି ଯେ ନରେନ୍ଦ୍ର ମୋଦୀଙ୍କ ଶାସନକୁ ଯାହା ଦୃଢ଼ ଭାବରେ ଗାଦି ମାଡ଼ି ବସିବାରେ ସାହାଯ୍ୟ କରିଛି, ସେଥି ମଧ୍ୟରୁ ଗୋଟିଏ ପ୍ରମୁଖ କାରଣ ହେଉଛି, ଶାସନ କରିବା ନିମନ୍ତେ ବିରୋଧୀମାନଙ୍କ ଦ୍ୱାରା ଶାସନର ଏକ ଆଦର୍ଶ ଖସଡ଼ା ପ୍ରସ୍ତୁତ କରିବା ଯାହା ସାଧାରଣ ଲୋକଙ୍କ ଭିତରେ ଗୁଞ୍ଜରିତ ହେବ। ମନେହୁଏ, କଂଗ୍ରେସ ଦୀର୍ଘ ଦିନ ପରେ ଏମିତି ଏକ ନମୁନା ପ୍ରସ୍ତୁତ କରିବାକୁ ଜାଗି ଉଠିଛି । ଛତିଶଗଡ଼ର ରାୟପୁରଠାରେ ଏହାର ୮୫ତମ ମହାଧିବେଶନରେ ଦଳ ବାସ୍ତବରେ ବିଶ୍ଳେଷଣ କରିବା ଭଳି ଶାସନର ଏକ କାର୍ଯ୍ୟସୂଚୀ ପ୍ରସ୍ତୁତ କରିଛି । ଦେଶରେ ସାଧାରଣ ନିର୍ବାଚନକୁ ଖୁବ୍ ବେଶୀରେ ଆଉ ମାତ୍ର ଏକ ବର୍ଷ ଥିବା ବେଳେ ଏଥିପାଇଁ ଅପରିହାର୍ଯ୍ୟ ପ୍ରଚାର କାର୍ଯ୍ୟ ବସ୍ତୁତଃ ଧୀରେ ଧୀରେ ଜମିବାକୁ ଆରମ୍ଭ କରିଛି । ଏହା ମଧ୍ୟ ସର୍ବସମ୍ମୁଖରେ ଏକ ପ୍ରଶ୍ନ ଉତ୍ଥାପନ କରିଛି- ଶାସନ କ୍ଷମତାରେ ଥିବା ରାଜନୀତିକ ଦଳ ତିନିଗୋଟି ଜିନିଷ ଆବଶ୍ୟକ କରିଥାଏ। ସେଗୁଡ଼ିକ ହେଉଛି- ଏକ ପ୍ରଭାବଶାଳୀ ଦୃଷ୍ଟିକୋଣ, ଯାହା ଉଭୟ ନୂଆ ସଦସ୍ୟମାନଙ୍କୁ ଆକୃଷ୍ଟ କରିବା ନିମନ୍ତେ ପ୍ରସାରଣଶୀଳ ହେବା ସହିତ ଏହାର ମୂଳ ଭିତ୍ତିର ସ୍ୱାର୍ଥକୁ ରକ୍ଷା କରୁଥିବ; ଏକ ନେତୃତ୍ୱ ପ୍ରଦାନକାରୀ ଦଳ, ଯାହା ଦଳର ଦୃଷ୍ଟିକୋଣ ପାଇଁ ଏକ ବିଶ୍ୱସନୀୟ ବାର୍ତ୍ତାବହ ହେବା ସହିତ ଲୋକମାନଙ୍କ ମନରେ ବିଶ୍ୱାସ ଜନ୍ମାଇବା ପାଇଁ ଯାଦୁକରୀ କାର୍ଯ୍ୟ କରି ପାରୁଥିବ; ଏବଂ ଏକ ସଂଗଠନ, ଯାହା ଦଳର ଦୃଷ୍ଟିକୋଣକୁ ସମୂହଙ୍କ ନିକଟରେ ପହଞ୍ଚାଇବା ପାଇଁ ତୃଣମୂଳ ସ୍ତରର ନେଟ୍ୱର୍କ୍ ଗଠନ କରୁଥିବା ସଙ୍ଗେ ସଙ୍ଗେ ଶେଷତମ ଭୋଟର ଏବଂ ଦଳ ମଧ୍ୟରେ ଏକ ସେତୁ ଭଳି କାର୍ଯ୍ୟ କରୁଥିବ । ନିକଟରେ ଶେଷ ହୋଇଥିବା କଂଗ୍ରେସର ମହାଧିବେଶନ ଏସବୁ ପ୍ରଶ୍ନ ମଧ୍ୟରୁ କେତେକ ଉପରେ ପ୍ରତିକ୍ରିୟା ପ୍ରକାଶ କରିବା ଆଶା କରାଯାଉଥିଲା । ଦଳ ଏମିତି କିଛି କରି ପାରିଛି କି ? ମହାଧିବେଶନରେ କଂଗ୍ରେସ ବସ୍ତୁତଃ ଲୋକାଭିମୁଖୀ ହେବା ପାଇଁ ଏକ ନୂଆ ଚିଠା ପ୍ରସ୍ତୁତ କରିଛି । ଏହି ଚିଠାରୁ ଯାହା ବାରିହୁଏ, ତାହା ହେଉଛି, ଶାସନର ଏକ ସଂରଚନା ପାଁଇ କଂଗ୍ରେସର ପ୍ରତିବଦ୍ଧତା, ଯାହା ତିଷ୍ଠି ରହିବ; ନିହାତି କମ୍‌ରେ କାଗଜପତ୍ରରେ ହେଉ ପଛେ, ତାହା ସାମାଜିକ ଭାବରେ ତଥା ଅର୍ଥନୀତିକ ଭାବରେ ସମାନାଧିକାରବାଦୀ ହେବ । ଏଣୁ, ଏକ ପ୍ରାଣବନ୍ତ ନ୍ୟାୟିକ ପ୍ରାସାଦ ଉପରେ ପ୍ରାଧାନ୍ୟ ପ୍ରଦାନ କରାଯାଇଛି, ଯେଉଁଥିରେ ଘୃଣାତ୍ମକ ଅପରାଧଗୁଡ଼ିକ ବିରୁଦ୍ଧରେ ନ୍ୟାୟିକ ବ୍ୟବସ୍ଥା ଅନ୍ତର୍ଭୁକ୍ତ ହୋଇଛି । ଉକ୍ତ ଦାରିଦ୍ର୍ୟ ଭିତରେ କାଳାତିପାତ କରୁଥିବା ଲୋକମାନଙ୍କର କଲ୍ୟାଣ ପାଇଁ କାର୍ଯ୍ୟ କରିବା ଅବଶ୍ୟ ଦଳ ପାଇଁ ୨୦୦୪ ଏବଂ ୨୦୦୯ରେ କ୍ଷମତାରେ ଥିବା ସମୟରେ ଭଲ କାମ କରିଥିଲା । ଆଉ ଏହା କୌଣସିମତେ ସହଜସାଧ ହେବାକୁ ଯାଉନାହିଁ । ଭାରତର ବହୁସଂଖ୍ୟକବାଦୀ ମୋଡ଼ ଦର୍ଶାଇ ଆସିଛି ଯେ ସାମୁହିକ ଧାନ କ୍ୱଚିତ୍ ବଡ଼ ଧରଣର ମଙ୍ଗଳ ଉପରେ ଧାନ କେନ୍ଦ୍ରିତ କରିଥାଏ। ସର୍ବୋପରି, ସମସ୍ତ ପ୍ରକାର ଗଣମାଧ୍ୟମ ଢାଞ୍ଚା ଉପରେ ବିଜେପିର ପ୍ରାଧାନ୍ୟ ବିସ୍ତାରକାରୀ ଉପସ୍ଥିତି ଘଟଣାକୁ ମୋଡ଼ ଦେବା କଳାରେ ଓସ୍ତାଦିକୁ ଅଧିକ ପରିସ୍ଫୁଟିତ କରିଥାଏ । ଏହାଠୁ ବଳି ବଡ଼କଥା ହେଉଛି, ଶ୍ରୀଯୁକ୍ତ ମୋଦୀଙ୍କ ଯାଦୁକରୀ ଉପସ୍ଥାପନ, ଅର୍ଥାତ୍ ନେତୃତ୍ୱ ନେଉଥିବା ବ୍ୟକ୍ତିଙ୍କର ଆକର୍ଷଣୀୟ ବ୍ୟକ୍ତିତ୍ୱ ଓ ବକ୍ତବ୍ୟ। କଂଗ୍ରେସରେ କିନ୍ତୁ ନେତୃତ୍ୱ ନେବା ଗୋଷ୍ଠୀରେ ସେଭଳି କିଛି ବଡ଼ ଧରଣର ଉତ୍ଥାନ ପତନ କରାଯିବାର ସଙ୍କେତ ଦେଖିବାକୁ ମିଳିନାହିଁ ମହାଧିବେଶନରେ । ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, କାରଣ ନେତୃତ୍ୱ କେବଳ ଜାତୀୟ ସ୍ତରର ବିକଳ୍ପକୁ ଉପସ୍ଥାପନ କରି ନଥାଏ, ସଙ୍ଗେ ସଙ୍ଗେ ଆଭ୍ୟନ୍ତରୀଣ ସମସ୍ୟାଗୁଡ଼ିକୁ ମଧ୍ୟ ସମାଧାନ କରିବାର ଶକ୍ତି ବହନ କରିଥାଏ। ପୁନଶ୍ଚ, ଏହା ପରେ ଲୋକଙ୍କ ମନରେ ସ୍ଥାନଟିଏ ତିଆରି କରିବା ଏକ ବଳିଷ୍ଠ ନେତୃତ୍ୱର ସର୍ବଶ୍ରେଷ୍ଠ ଲକ୍ଷଣ । ଏସବୁ ଦୃଷ୍ଟିରୁ ତେଣୁ କଂଗ୍ରେସର ୨୦୨୪ କୌଶଳ ପ୍ରସ୍ତୁତି ପଥରେ ଥିବା ମନେହୁଏ। ତେବେ ଦିନ ପାଖେଇ ଆସୁଛି ; ହାତରେ ସମୟ ଖୁବ୍ କମ୍ ।

# ଆମକୁ କଣ ଦରକାର : ମାନ୍ୟତା ନା ମଡେଲ ?

## ନେତାଜୀ ତାପସ କୁମାର ସାହୁ



ଓଡିଶା ପୂର୍ବ ଭାରତର ପ୍ରବେଶ ପଥ ଯାହା ଏକ ସମୟରେ ଉତ୍ତରରେ ଗଙ୍ଗା ଠାରୁ ଦକ୍ଷିଣରେ ଗୋଦାବରୀ ଯାଏଁ ବିସ୍ତୃତ ଥିଲା । ଯାହାର ନୌବାଣିଜ୍ୟ ପରମ୍ପରା ପାଇଁ ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ରହିଥିବା ବେଳେ ଚାରିଧାମ ରୁ ଗୋଟିଏ ଧାମ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆରାଧନା କ୍ଷେତ୍ର ହେଉଛି ଏହି ମାଟି । ଖାଲି ସେତିକି ନୁହେଁ କାରୁକାର୍ଯ୍ୟଭରା କୋଣାର୍କ, ଚାନ୍ଦୁଆ, ତାରକସି ଓ ସମ୍ବଲପୁରୀ ଶାଢ଼ି ପରି ହସ୍ତତନ୍ତ ସମେତ ପ୍ରାକୃତିକ ସମ୍ପଦ ତଥା ଦେଶର ଦ୍ୱିତୀୟ ସର୍ବାଧିକ ନଦୀ ରହିଛି ଆମ ରାଜ୍ୟରେ । ତେବେ ନିକଟରେ ଭୁବନେଶ୍ୱର ଗସ୍ତରେ ଆସିଥିବା କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଯେତେବେଳେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦିଆଯିବ କି ନାହିଁ ବୋଲି ପ୍ରଶ୍ନ କରାଗଲା, ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ନିୟମ ଅନୁସାରେ କୌଣସି ରାଜ୍ୟକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ମିଳିବ ନାହିଁ ବୋଲି କହିଥିଲେ, ଯାହାକୁ ନେଇ ଉଭୟ ଶାସକ ଓ ବିରୋଧୀ ଦଳ ମୁହାମୁହିଁ ହୋଇଥିଲେ । ତେବେ ଏଠି ପ୍ରଶ୍ନ ଉଠୁଛି ଅନେକ ରାଜ୍ୟ ନିଜର ମଡେଲ ଉପସ୍ଥାପନା କରୁଥିବା ବେଳେ ଓଡିଶା ମଡେଲ କେବେ ଉପସ୍ଥାପିତ ହେବ?

ଓଡିଶା ଏକ କୃଷି ପ୍ରଧାନ ରାଜ୍ୟ ହୋଇଥିଲା ବେଳେ ଉତ୍ତରଓଡିଶାର ଜିଲ୍ଲା ଯଥା ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକରେ ଅନେକ କିଛି ଫସଲ ଚାଷ ହୋଇଥାଏ । ମୟୂରଭଞ୍ଜ ଜିଲ୍ଲାରେ ମୁଖ୍ୟତଃ ତୈଳବୀଜ ଫସଲ, ଡାଲି ଜାତୀୟ ଫସଲ, ଆଳୁ, ପିଆଜ, ରସୁଣ, ଧନିଆ, ମକା ଆଦି ଚାଷ ହେଉଥିବା ବେଳେ ବାଲେଶ୍ୱରକୁ ଧାନ, ପାନ ଓ ମୀନର ସହର କୁହାଯାଏ । ଏଠାରେ ଝୋଟ, ପନିପରିବା, ସୂର୍ଯ୍ୟମୁଖୀ ପରି ଫୁଲ ଚାଷ ହୋଇଥାଏ । ସେହିପରି ଭଦ୍ରକରେ ମୁଗ, ବିରି ଓ ବାଦାମ ଚାଷ ବିଶେଷ ଭାବେ ଉତ୍ପାଦିତ ହୋଇଥାଏ । ଏହା ବ୍ୟତୀତ ପଶୁପକ୍ଷୀ ପାଳନ, ନଡ଼ିଆ ଓ କଦଳୀ ଚାଷ ଏଠାରେ ଅଧିକାଂଶ ଚାଷୀ କରିଥାନ୍ତି। ତେବେ ବିଡ଼ମ୍ବନା ହେଉଛି ଏଠାରେ ଆଜିଯାଏ ଏକ କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ସ୍ଥାପନ ହୋଇପାରିଲା ନାହିଁ । ଯଦି ଏଠାରେ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ସ୍ଥାପନ କରାଯାଏ ତେବେ ଏଠାରେ ଥିବା ସମତଳ, ପାହାଡିଆ ଓ ଲବଣାକ୍ତ ଭୂମିରେ ହେଉଥିବା ଖାଦ୍ୟଶସ୍ୟ, ଡାଲି ଜାତୀୟ ଫସଲ, ଉଦ୍ୟାନ କୃଷି, ଅର୍ଥକାରୀ, ତନ୍ତ ଜାତୀୟ ଓ ତୈଳବୀଜ ଫସଲ ଉପରେ ଅଧିକ ଗବେଷଣା ହେବା ସହ ଅନେକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ । ସେହିପରି ଏହି ଅଞ୍ଚଳରେ ମତ୍ସ୍ୟ ଗବେଷଣା ପାଇଁ ପ୍ରଚୁର ସମ୍ଭାବନା ରହିଥିବା ବେଳେ ବିଶ୍ୱର ବିରଳ ନୀଳରକ୍ତ କଙ୍କଡା ମଧ୍ୟ ଦେଖାଯାଏ। କାଳ ଓ ସୁନେରି ଡ୍ୟାମ୍ ସମେତ ସୁବର୍ଣ୍ଣରେଖା, ବୁଢ଼ା ବଳଙ୍ଗ, ସାଳନ୍ଦୀ ପରି ନଦୀ ଗୁଡିକରେ ମଧୁର ମାଛ ଚାଷ ତଥା ଦୀଘା, ଚାନ୍ଦିପୁର, ତାଳସାରି, ବଳରାମ ଗଡ଼ି ଓ ଧାମରାରେ ଲୁଣି ମାଛ ତଥା ଚିଙ୍ଗୁଡି ଓ କଙ୍କଡା ଉପରେ ଗବେଷଣା ଫଳରେ ଅନେକ ମତ୍ସ୍ୟଜୀବୀ ମାନଙ୍କ ପାଇଁ ରୋଜଗାରର ମାର୍ଗ ପ୍ରଶସ୍ତ ହୋଇପାରିବ । ଏହି ତିନୋଟି ଜିଲ୍ଲାରେ ଶିମିଳିପାଳ ଓ କୁଲଡିହା ପରି ଜଙ୍ଗଲ ଥିବାରୁ ବନବିଭାଗ ଅଧ୍ୟୟନ ଓ ଗବେଷଣା ସହିତ ବନ୍ୟଜାତ ଦ୍ରବ୍ୟ, ମହୁ ଓ ଛତୁ ଚାଷ ପାଇଁ ସର୍ବୋତ୍କୃଷ୍ଟ କ୍ଷେତ୍ର କହିଲେ ଅତ୍ୟୁକ୍ତି ହେବନାହିଁ । ସେହିପରି ପଶୁ ପକ୍ଷୀ ପାଳନ ଏଠାରେ ଅନେକ ଲୋକ କରିଥାନ୍ତି, ଯାହାକି ଘରେ ଘରେ ଦେଖାଯାଏ । ତେଣୁ ବୈଜ୍ଞାନିକ ପଦ୍ଧତିରେ କରାଗଲେ ଅର୍ଥନୀତି କ୍ଷେତ୍ରରେ ଏହି ଅଞ୍ଚଳ ତଥା ରାଜ୍ୟ ସମୃଦ୍ଧ ହୋଇପାରିବ ।

ଆମ ଦେଶର ତୃତୀୟ ସର୍ବାଧିକ ଜନଜାତି ଓଡ଼ିଶାରେ ବସବାସ କରିଥାନ୍ତି, ଯାହାକି ୨୦୧୧ ଜନଗଣନା ଅନୁସାରେ ୨୨.୧ ପ୍ରତିଶତ ତଥା ଦେଶର ଜନଜାତି ସମୁଦାୟର ୯.୭ ପ୍ରତିଶତ। ସେମାନେ ରାଜ୍ୟରେ ମୁଖ୍ୟତଃ ମୟୂରଭଞ୍ଜ, ନବରଙ୍ଗପୁର, ସୁନ୍ଦରଗଡ଼, ମାଲକାନଗିରି କୋରାପୁଟ, କନ୍ଧମାଳ, କଳାହାଣ୍ଡି ଇତ୍ୟାଦି ଜିଲ୍ଲା ଗୁଡିକରେ ବସବାସ କରିଥାଆନ୍ତି । ଜନଜାତି ମାନଙ୍କର କଳା, ସାହିତ୍ୟ, ସଂସ୍କୃତି ତଥା ବିଭିନ୍ନ ରୋଗର ନିରାକରଣ ପାଇଁ ବନ୍ୟଜାତ ଦ୍ରବ୍ୟକୁ ବ୍ୟବହାର କରି ଔଷଧ ତିଆରି କରିବା ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ତେବେ ଗତ ପଶ୍ଚିମବଙ୍ଗ ନିର୍ବାଚନ ସମୟରେ କେନ୍ଦ୍ରଗୃହ ମନ୍ତ୍ରୀ ଅମିତ ଶାହା ସେଠାରେ ବିଜେପି ସରକାର ଆସିଲେ ଜନଜାତି ବିଶ୍ୱବିଦ୍ୟାଳୟ ପାଇଁ ଘୋଷଣା କରିଥିଲେ । ପଶ୍ଚିମବଙ୍ଗରେ ପାଖାପାଖି ୪୦ଟି ଜନଜାତି ସମ୍ପ୍ରଦାୟ ଚିହ୍ନଟ କରାଯାଇଥିଲା ବେଳେ ଓଡିଶାରେ ଏହାର ସଂଖ୍ୟା ହେଉଛି ୬୨ । ଯଦି ଆମ ରାଜ୍ୟରେ ଜନଜାତି ବିଶ୍ୱବିଦ୍ୟାଳୟ ସ୍ଥାପନ କରାଯାଏ ତେବେ ପାର୍ଶ୍ୱବର୍ତ୍ତୀ ରାଜ୍ୟ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ସମେତ ଗୁଜୁରାଟ ଓ ଉତ୍ତରପୂର୍ବ ଭାରତରେ ବସବାସ କରୁଥିବା ଜନଜାତିମାନଙ୍କ ଉପରେ ଗବେଷଣା କରାଯିବା ସହ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ହେଉଥିବା ଔଷଧକୁ କିପରି ବିଭିନ୍ନ ରୋଗର ନିରାକରଣ ପାଇଁ ବ୍ୟବହାର କରାଯାଇପାରିବ ସେଥିପାଇଁ ମାର୍ଗ ପ୍ରଶସ୍ତ ହେବ ଯାହାକି ଓଡ଼ିଶାରେ ଅନେକ ଫାର୍ମା କମ୍ପାନୀମାନଙ୍କୁ ନିବେଶ କରିବାର ସୁଯୋଗ ସୃଷ୍ଟି କରିବ ।

କିଛି ଦିନ ତଳେ ଆମ ରାଜ୍ୟରେ ଦ୍ୱିତୀୟ ଥର ପାଇଁ ବିଶ୍ୱକପ ହକି ପ୍ରତିଯୋଗିତାର ସଫଳ ଆୟୋଜନ କରାଯାଇଥିଲା । କେବଳ ସେତିକି ନୁହ ଆନ୍ତର୍ଜାତୀୟ ସ୍ତରର ରଗବୀ, ଟେନିସ, ଚେସ୍, ଫୁଟବଲ, ବ୍ୟାଡମିଣ୍ଟନ, ଟେବୁଲ ଟେନିସ ତଥା କ୍ରିକେଟ ପରି କ୍ରୀଡା ପ୍ରତିଯୋଗିତା ଆୟୋଜିତ କରି ଓଡିଶା ସମଗ୍ର ଦେଶରେ 'କ୍ରୀଡା ରାଜଧାନୀ' ରୂପେ ଏକ ପରିଚୟ ସୃଷ୍ଟି କରିପାରିଛି । ଖାଲି ସେତିକି ନୁହେଁ ବିଶ୍ୱସ୍ତରୀୟ ହକି, ଆଥଲେଟ, ଫୁଟବଲ, କ୍ରିକେଟ ଓ ଇଣ୍ଡୋର୍ ଷ୍ଟାଡ଼ିୟମ ମଧ୍ୟ ତିଆରି କରିଛି ଓଡିଶା । ଏଥର ରାଜ୍ୟ ବଜେଟରେ କ୍ରୀଡା ଓ କ୍ରୀଡାବିତଙ୍କ ପାଇଁ ଅଧିକ୍ ଅନୁଦାନ ମଧ୍ୟ ଦିଆଯାଇଛି । ସେହିପରି କ୍ରୀଡ଼ାକୁ ପ୍ରୋତ୍ସାହନ ଦେଉଥିବାରୁ ଓଡିଶାକୁ କ୍ରମାଗତ ଚତୁର୍ଥ ଥର ପାଇଁ ଷ୍ଟାର୍ ସ୍ପୋର୍ଟ୍ସ ଏଏସ୍ ଆୱାର୍ଡ ମଧ୍ୟ ମିଳିଛି। ତେବେ ଜାତୀୟ ସ୍ତରରେ ଆମ ରାଜ୍ୟର କ୍ରୀଡାବିତ ମାନଙ୍କ ଅଂଶଗ୍ରହଣ ସଂଖ୍ୟା ଖୁବ୍ କମ୍, ଯାହାକି ଚିନ୍ତା ଜନକ ବିଷୟ । ତେଣୁ ଏକ ଓଡ଼ିଶାରେ କ୍ରୀଡା ବିଶ୍ୱବିଦ୍ୟାଳୟ ସ୍ଥାପନ ମନେ ହେଉଛି, ଯେଉଁଠାରେ ଜାତୀୟ ଓ ଆନ୍ତର୍ଜାତୀୟ କୋଚ୍ ମାନଙ୍କ ତତ୍ତ୍ୱାବଧାନରେ ଅନେକ ଓଡ଼ିଆ କ୍ରୀଡାବିତମାନଙ୍କୁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଭାଗ ନେବାର ସୁଯୋଗ ସୃଷ୍ଟି କରିବା ସହ ଆମ ରାଜ୍ୟ ତଥା ଦେଶ ପାଇଁ ସୁନାମ ଆଣିଦେବ ।

କେନ୍ଦ୍ରରେ ଆମ ରାଜ୍ୟରୁ ରେଳମନ୍ତ୍ରୀ ରୂପେ ଅଶ୍ୱିନୀ ବୈଷ୍ଣବ ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରତିଟି ବଜେଟରେ ରାଜ୍ୟର ଦାବିଠାରୁ ଅଧିକ ଅର୍ଥ ରେଳର ବିକାଶ ପାଇଁ ଦେଉଛନ୍ତି, ଯାହାକି ପୂର୍ବରୁ ମିଳୁନଥିଲା । ସେହିପରି ଓଡିଶାରୁ ଦୈନିକ ଯାତ୍ରୀ ମାନେ ରେଳରେ ଅନେକ ସ୍ଥାନକୁ ଯାତାୟତ କରୁଥିବା ବେଳେ କୋଇଲା, ଆଲୁମିନିଅମ୍, ବକ୍ସାଇଟ ପରି ଖଣିଜ ପଦାର୍ଥ ବିଶେଷ ଭାବରେ ରେଳରେ ହିଁ ରପ୍ତାନୀ ହୋଇଥାଏ । ତେଣୁ ଗୁଜୁରାଟରେ ଭାରତର ପ୍ରଥମ ରେଳୱେ ବିଶ୍ୱବିଦ୍ୟାଳୟ ସ୍ଥାପନ କରାଯାଇଥିଲା ବେଳେ ଥିବା ଓଡ଼ିଶାର ଏହାର ଆବଶ୍ୟକତା ରହିଛି ।

ରାଜ୍ୟରେ ମହାନଦୀ, ବୈତରଣୀ, ସୁବର୍ଣ୍ଣରେଖା, ବ୍ରାହ୍ମଣୀ, ଋଷିକୁଲ୍ୟା ପରି ଅନେକ ବଡ ବଡ ନଦୀ ରହିଥିବା ବେଳେ ଏହାର ଜଳ ଓ ନଦୀକୂଳ ଅଞ୍ଚଳକୁ ସଠିକ ଭାବେ ବିନିଯୋଗ କରାଯାଇପାରିଲେ ଅନେକ ରୋଜଗାର ସୃଷ୍ଟି ହୋଇପାରିବ । ଯଦି ନଦୀ ଗୁଡ଼ିକରେ ବ୍ୟାରେଜ ନିର୍ମାଣ କରାଯାଇପାରନ୍ତା, ତେବେ ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟ ଦେଖୁଥିବା ଓଡ଼ିଶା ଏହାକୁ ରୋକି ପାରନ୍ତା । କେବଳ ସେତିକି ନୁହ ମରୁଭୂମି ଅଞ୍ଚଳକୁ ଜଳସେଚନ, ମତ୍ସ୍ୟ ଉତ୍ପାଦନ, ଉଦ୍ୟାନ କୃଷି, ବର୍ଜ୍ୟବସ୍ତୁ ପରିଚାଳନା, ଜଳ ବିଦ୍ୟୁତ ଉତ୍ପାଦନ, ପାନୀୟ ଜଳ କାରଖାନା ପରି ଅନେକ ବହୁମୁଖୀ କାର୍ଯ୍ୟ ହେବା ସହ ୱାଟର ୱେ ଓ ପର୍ଯ୍ୟଟନ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରାଯାଇପାରିବ । ସେହିପରି ସୁଦୀର୍ଘ ନଦୀ କୂଳ ଓ ସମୁଦ୍ର କୂଳରେ ସୋଲାର ସେଲ ବ୍ୟବହାର କରି ବିଦ୍ୟୁତ ଉତ୍ପାଦନ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ରାଜ୍ୟର ପ୍ରତିଟି ଘରକୁ ୨୪ ଘଣ୍ଟା ବିଜୁଳି ଯୋଗାଣ କରିବା ସହ ଦେଶର 'ଶକ୍ତି ଉତ୍ପାଦନ ରାଜଧାନୀ' ମଧ୍ୟ ଓଡିଶା ହୋଇପାରିବ ।

ତେଣୁ ଏବେ ସମୟ ଆସିଛି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ 'ଉତ୍କଳ ସନ୍ତାନ' ଉକ୍ତି ସ୍ମରଣ କରି ଉତ୍କଳ ଜନନୀକୁ ପୁଣି ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିବାର ।

'ସ୍ୱାର୍ଥର ବନିତା ଅଟେ ତୋଷାମଦ ଭୟ ମିଥ୍ୟା ତାଙ୍କ ପୁତ୍ର
ରାଜ୍ୟରେ ବିପ୍ଲବ ନିଶ୍ଚୟ ଘଟିବ ଏମାନେ ହେଲେ ଏକତ୍ର
ଉଠରେ ଉଠରେ ଉତ୍କଳ ସନ୍ତାନ ଉଠିବୁ ତୁ କେତେ ଦିନେ
ପୁରୁବ ଗୌରବ ପୁରୁବ ସାହାସ ପଡିବ କି କେବେ ମନେ?'


ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର, ଓଡିଶା
ମୋ: ୮୨୬୦୩୫୬୧୧୩


# ଅବିସ୍ମରଣୀୟ ଶହୀଦ ଚଂଦ୍ରଶେଖର ଆଜାଦ

## ବୈଷ୍ଣବ ମେହେର





ଭାରତମାତାର ମୁକ୍ତି ପାଇଁ ଯେଉଁ କେତେ ଜଣ ସ୍ୱାଭିମାନର ସହ ନିଜ ଜୀବନକୁ ଉତ୍ସର୍ଗ କରିଦେଇଥିଲେ ସେମାନଙ୍କ ମଧ୍ୟରୁ ଦେଶଭକ୍ତ ଚଂଦ୍ରଶେଖର ଆଜାଦଙ୍କ ନାମ ଭାରତ ଇତିହାସରେ ସ୍ୱାର୍ଣ୍ଣକ୍ଷରରେ ସବୁଦିନ ପାଇଁ ଲିପିବଦ୍ଧ ହୋଇ ରହିଛି । ଭାରତ ସ୍ୱାଧୀନତା ସଂଗ୍ରାମ ଚରମ ସ୍ଥିତିକୁ ପହଂଚାଇବାରେ ଦେଶପ୍ରେମୀ ଚଂଦ୍ରଶେଖରଙ୍କ ଅବଦାନ ଅତୁଳନୀୟ ଓ ଅବିସ୍ମରଣୀୟ । ଚଂଦ୍ରଶେଖର ଆଜାଦଙ୍କ ଜନ୍ମ ହୁଏ ଉତ୍ତରପ୍ରଦେଶର ଉନ୍ନାଓ ଜିଲ୍ଲାର ଭାବରା ଗ୍ରାମରେ ୧୯୦୬ ମସିହା ଜୁଲାଇ ମାସ ୨୩ ତାରିଖରେ । ତାଙ୍କ ପିତା ଥିଲେ ପଣ୍ଡିତ ସୀତାରାମ ତିୱାରୀ ଓ ମା' ଙ୍କ ନାମ ଥିଲା ଜଗରାଣୀ ଦେବୀ। ବାଳକ ସମୟରୁ ଚଂଦ୍ରଶେଖରଙ୍କ ଅଦମ୍ୟ ସାହାସୀକତା ହିଁ ତାଙ୍କୁ ତିୱାରୀରୁ ଆଜାଦର ପରିଚୟ ଆଣି ଦେଇଥିଲା । ମାତ୍ର ୧୫ ବର୍ଷ ବୟସରେ ଗାନ୍ଧିଜୀଙ୍କ ନେତୃତ୍ୱାଧୀନ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିବା ଚଂଦ୍ରଶେଖର ବ୍ରିଟିଶ ପୋଲିସ ହାତରେ ଧରାପଡ଼ି କାରାବରଣ କରିଥିଲେ । ଏହି ସମୟରେ ଥରେ ବିଚାରପତି ତାଙ୍କ ପରିଚୟ ପଚାରିବାରୁ ସେ ମୋ ନାଁ ଆଜାଦ, ବାପାଙ୍କ ନାମ ସ୍ୱାଧୀନତା ଆଉ ଜେଲଖାନା ହିଁ ମୋର ଘର ବୋଲି ଦୃଢ଼ ଭାବରେ ଜବାବ ଦେଇଥିଲେ । ପରିଣାମ ସ୍ୱରୂପ ସେଦିନ ଚଂଦ୍ରଶେଖରଙ୍କୁ ପନ୍ଦର ଚାବୁକ୍ ପ୍ରହାର କରାଯାଇଥିଲା । କିନ୍ତୁ ସେଦିନ ଠାରୁ ଆଜାଦ୍ ନାମରେ ସେ ସୁପରିଚିତ ହୋଇଗଲେ ।

ଚଂଦ୍ରଶେଖରଙ୍କ ମା'ଙ୍କ ଇଚ୍ଛା ଥିଲା ତାଙ୍କ ପୁଅ ସଂସ୍କୃତ ପଢ଼ି ପଣ୍ଡିତ ହେଉ । ତେଣୁ ତାଙ୍କୁ ସେ କାଶୀ ବିଦ୍ୟାପୀଠରେ ଭର୍ତ୍ତି କରାଇଥିଲେ । କିନ୍ତୁ ବିଧିରବିଧାନ ଅଲଗା ଥିଲା । ଦେଶ ମାତୃକାର ସେବା ପାଇଁ ଜନ୍ମ ନେଇଥିବା ସାହାସୀ ନାବାଳକ ଚଂଦ୍ରଶେଖର ୧୯୨୧ ମସିହାରେ ମାହାତ୍ମା ଗାନ୍ଧୀଙ୍କ ଡାକରାରେ ଅସହଯୋଗ ଆନ୍ଦୋଳନରେ ଯୋଗଦାନ କରି ବ୍ରିଟିଶଙ୍କ ପ୍ରତି ତାଙ୍କ ବିଦ୍ରୋହ ମନୋଭାବର ପରିଚୟ ଦେଇଥିଲେ । ପରବର୍ତ୍ତି ବର୍ଷ ହିନ୍ଦୁସ୍ଥାନ ରିପବ୍ଲିକାନ ଆସୋସିଏସନ୍‌ର ପୁରୋଧା ରାମ ପ୍ରସାଦ ବିସମିଲ୍‌ଙ୍କ ସହ ଚଂଦ୍ରଶେଖରଙ୍କ ସାକ୍ଷାତ ହେଲା ଏବଂ ଏସୋସିଏସନ୍ ଦ୍ୱାରା ଅନୁପ୍ରାଣିତ ଚଂଦ୍ରଶେଖର ଏହାର ଜଣେ ସକ୍ରିୟ ଓ ଉତ୍ସର୍ଗୀକୃତ ସଦସ୍ୟ ହୋଇଗଲେ । ଏହା ପରେ ଏସୋସିଏସନ୍ ପାଇଁ ପାଣ୍ଠି ଏକଜୁଟ୍ କରିବାର ଦାୟିତ୍ୱ ନେଇ ବ୍ରିଟିଶ ସରକାରଙ୍କ ସମ୍ପତ୍ତି ଲୁଣ୍ଠନ କରିବାକୁ ଯୋଜନା କରିଥିଲେ । ୧୯୨୫ ମସିହା ଅଗଷ୍ଟ ନଅରେ ଲକ୍ଷ୍ନୌ ନିକଟସ୍ଥ କାକୋରୀ ଷ୍ଟେସନରେ ଟ୍ରେନରେ ଥିବା ସରକାରୀ ଖଜଣା ଲୁଟିବା ପରେ ଆଜାଦ ଏବଂ ତାଙ୍କ ସାଥିଙ୍କୁ ଗିରଫ କରିବା ପାଇଁ ବ୍ରିଟିଶ ସରକାର ତତପର ହୋଇ ପଡ଼ିଲେ । ଏତିକି ବେଳେ ବ୍ରିଟିଶ ସରକାରଙ୍କ ମନୋବୃତ୍ତିକୁ ଅନୁଧ୍ୟାନ କରିପାରି ଆଜାଦ ତୁରନ୍ତ ବୁନ୍ଦେଲଖଣ୍ଡ ପଳାଇଯାଇ, ସେଠାରେ ଅଜ୍ଞାତବାସରେ ରହିବାକୁ ଲାଗିଲେ । ଆଜାଦ ସେଠାରେ ରହିବା ସମୟରେ ଯୁବ କ୍ରାନ୍ତିକାରୀଙ୍କ ପାଇଁ ଗଢ଼ିଥିବା ସଂଗଠନକୁ ନୂତନ ରୂପ ଦେବା ସହ ବ୍ରିଟିଶ ସରକାରଙ୍କ କାର୍ଯ୍ୟକଳାପ ଉପରେ ତୀକ୍ଷ୍ଣ ନଜର ରଖି ଥିଲେ ।

ଚଂଦ୍ରଶେଖର ଆଜାଦଙ୍କ ଭଳି ଦେଶପ୍ରେମୀ ବାସ୍ତବରେ ବିରଳ । ୧୯୩୧ ମସିହା ଫେବୃଆରୀ ମାସ ୨୭ ତାରିଖରେ ଆହ୍ଲାବାଦର ଆଲଫ୍ରେଡ଼ ପାର୍କରେ ବ୍ରିଟିଶ ପୋଲିସ ଠାରୁ ନିଜ ସଂଗ୍ରାମୀ ସାଥିଙ୍କୁ ବଂଚାଇବାର ଉଦ୍ୟମରେ ଆହତ ଆଜାଦ, ସିଂହ ଭଳି ଲଢ଼େଇ କରି ତିନି ଜଣ ଇଂରେଜ ପୋଲିସକୁ ମାରିଦେବା ସହ ଅନେକଙ୍କୁ ଗୁରୁତ୍ୱର ଆହତ କରିଥିଲେ । ପୂର୍ବରୁ ଜୀବିତାବସ୍ଥାରେ ଇଂରେଜମାନଙ୍କ ହାତରେ ଧରା ନପଡ଼ିବାର ସଂକଳ୍ପ କରିଥିବା ଚଂଦ୍ରଶେଖର ନିଜ ପିସ୍ତଲରେ ନିଜକୁ ଗୁଳି କରି ସେଦିନ ଦେଶ ପାଇଁ ଜୀବନ ଦେଇଦେଲେ । ଭାରତ ମାତାଙ୍କ ଜଣେ ସୁଯୋଗ୍ୟ ସନ୍ତାନଙ୍କ ଜୀବନ ପ୍ରଦୀପ ଅବେଳରେ ଅସ୍ତ ସିନା ହୋଇଗଲା ହେଲେ ଅନେକ ଯୁବକଙ୍କ ଭିତରେ ମୁକ୍ତି ସଂଗ୍ରାମର ବହ୍ନିକୁ ତେଜିୟାନ କରି ଦେଇଥିଲା ।


ସିନାପାଲି,ନୂଆପଡ଼ା





## ମୃତ୍ୟୁ
### ବର୍ଷାରାଣୀ ମହାମଲ୍ଲିକ



ଜୀବନର ଆରମ୍ଭ ଓ ଅନ୍ତ
ଏଇ ଜନ୍ମ ଆଉ ମୃତ୍ୟୁ,
ଜନ୍ମରେ ଖୁସିର ଜୁଆର
ମୃତ୍ୟୁରେ ବୁକୁଫଟା ଲୁହଧାର
ମୃତ୍ୟୁ ଦେଖେନି ବୟସ
ସମୟ ହେଲେ ଦେଖାଏ ତା
କାଳଭୟ
ବୁଝେନା ଭଲମନ୍ଦ, ସ୍ଥିତି-ପରିସ୍ଥିତି
ବଦଳେ ନାହିଁ ତାର ନୀତି

ମୃତ୍ୟୁ ସମସ୍ତଙ୍କ ଗତି
ଅଚାନକ ଆଗମନ ଘଟେ ତାର
ଅଦିନିଆ ବର୍ଷା ପରି ମାଡ଼ି ଆସେ
କରାଳ ରୂପ ଧରି ତାର
ସେଥିଯୋଗୁ ତ ମୃତ୍ୟୁ ଏକାନ୍ତ ନିଜର
ତାର ଡେଣା ମେଲେଇ ଦିଏ
ଚିହ୍ନିତ ମଣିଷର ଚତୁର୍ଦ୍ଦିଗରେ
ଖେଳେଇ ଯାଏ କ୍ରନ୍ଦନର ରୋଳ
ସେ ଆସେ ହସି ହସି

ସମସ୍ତଙ୍କୁ ଲୁହରେ ଭିଜେଇ ଦେବା
ପାଇଁ
ଟାଣିନେବା ପାଇଁ ଶରୀରଠୁଁ ଆତ୍ମା
ଆସେ ଯେକୌଣସି ବେଳରେ
ଘେନିଯିବା ପାଇଁ ଠିକ୍ ସମୟରେ.....


ବରଗଡ଼
ମୋ: ୮୨୬୦୬୫୯୩୩୨


## ମଳିନ ରକ୍ତ
### ସତ୍ୟ ସିଂ ବାଗ



ଶୁଖିହୀନ ଦୁର୍ଦ୍ଦଶାରେ ବଜ୍ର ଘାତେ
କୃପଣ ଶରୀର
ମୁକୁଳି ମୁକାଳ କଷ୍ଟକର
ସନ୍ତୋଷ ମନମର ବେକାର !!
ସହିକହେ ପଞ୍ଚଆତ୍ମାର ସୁପତିକ
କଷଣ ମର୍ମାହତ
ବିକଳାଙ୍ଗ ସପ୍ନର ସପ୍ନ ଭାଙ୍ଗେ
ନଦେଇ ପାରେ ମତ !!
ଖୋଲାଶରୀରରେ ଘୁରିବୁଲେ
ମନର ଉକ୍ତ
ପ୍ରାଣେ ଶକ୍ତ ମାରିଲେବି
ବାହାରୁ ନାହିଁ
ଏମଳିନ ରକ୍ତ ଏମଳିନ ରକ୍ତ.....

ଦେହରେ ଭାରି ସାହାସ
କାଢ଼ିଦେବାକୁ ଏମଳିନ ଅଶ୍ରୁ
ବାହାରୁନାହିଁ ହତଭାଗା ଶରୀରରେ
ବାହାରେ ଯଦି ମିଶ୍ରୁ !!
ଶରୀରକୁ ଦରକାର ଭଲ ରକ୍ତ
ଏମଳିନ ରକ୍ତ ଜମା ଲୋଡ଼ନାହିଁ
ମା କୁ ଦରକାର ପୁଅ ବଡ଼ପଣିଆର
ସହାନୁଭୂତି ଏ କାହିଁ !!
ଖୋଲା ଶରୀରରେ ଘୁରିବୁଲେ
ମନର ଉକ୍ତ
ପ୍ରାଣେ ଶକ୍ତ ମାରିଲେବି
ବାହାରୁ ନାହିଁ
ଏମଳିନ ରକ୍ତ ଏମଳିନ ରକ୍ତ.....

ବେଳେ ବେଳେ ଯେଉଁମଣିଷ ଦୁଃଖ
ସହେ ଦିନକରଖୁସି ହିଁ ଯଥେଷ୍ଟ
ସବୁବେଳେ ଯେଉଁମଣିଷ ଭଲକାମ
କରେ ସେଦିନ କାଷେଇରେ ଉଷ୍ଣ !!
ଘନନିବିଡ ସମ୍ପର୍କ ଜମାନୁହେଁ ଭଲ
କାରଣ ଦିନେ ବିଛୁଡ଼ି ଯିବ
ଅଗୋଚର ଯେବେ ସାଜେ ଗୋଚର
ମନରେ ନିଶ୍ଚୟ ଭଳିବ !!
ଖୋଲା ଶରୀରରେ ଘୁରିବୁଲେ
ମନର ଉକ୍ତ
ପ୍ରାଣେ ଶକ୍ତ ମାରିଲେବି
ବାହାରୁ ନାହିଁ
ଏମଳିନ ରକ୍ତ ଏମଳିନ ରକ୍ତ.....

କୁଟମନ ତୃଟ ବ୍ୟସା
ଲୀନମୟ ଏ ଦୂରଶର କଷା
ପଦାକୁ ପଦାର୍ପଣ ବେଳେ
କ୍ଷଧା ବା ଅନେକ ଦୂର ଦସା !!
ବ୍ୟାଖନାୟୀ ମାତାଳ ବାୟୀ
ନହୋଇ ପାରେ ସମ୍ମାନ
ମାନବିଳାପ ରେ ସୀମାରୁ ପାର
ମନକୁ କରିଦେଇ ଲିନ !!
ଖୋଲା ଶରୀରରେ ଘୁରି ବୁଲେ
ମନର ଉକ୍ତ
ପ୍ରାଣେ ଶକ୍ତ ମାରିଲେବି
ବାହାରୁ ନାହିଁ
ଏମଳିନ ରକ୍ତ ଏମଳିନ ରକ୍ତ.....


ଗ୍ରା / ପୋ - ତେରେସିଂହା
ଭାୟା - ରିଷିଡା
ଜି - କଳାହାଣ୍ଡି
ମୋ: ୬୩୫୩୩୭୪୫୦୯


## ନାରୀ ବନ୍ଦନୀୟା
### ଧ୍ରୁବ ଚରଣ ବେହେରା



ଯେଉଁ ସମାଜରେ ନାରୀର ସମ୍ମାନ
ଥାଆଇ ସ୍ଥାୟିତ୍ୱ ହୋଇ
ସେ ସମାଜ ଅଟେ ସଦା ସ୍ମରଣୀୟ
ଏକଥା ଶାସ୍ତ୍ର କହଇ ।

ନାରୀ, ଦେବୀ, ଜାୟା, ନାରୀ ହିଁ
ଭଗିନୀ
ନାରୀ ଶକ୍ତି ସ୍ୱରୂପିଣୀ
ନାରୀ ହିଁ ଗାୟତ୍ରୀ ନାରୀ ହିଁ ଧରିତ୍ରୀ
ସୃଷ୍ଟି ଅମୃତ ଦାୟିନୀ ।

ନାରୀ ବିନା ଲାଗେ ସଂସାର ଅନ୍ଧାର
ନାରୀ ଗଢେ ପରିବାର
ତ୍ୟାଗ ତା'ର ଲାଗେ କୋଟି
ବରଦାନ
ସତ୍ୟର ଅଭୟ ବର ।

ମାଆ ହୋଇ ଢାଳେ କରୁଣାର ବାରି
କଷ୍ଟ ପିଡା ନିଏ ଧୋଇ
ଆର୍ଯ୍ୟ ନାରୀ ସିଏ ସୀତା ମନ୍ଦୋଦରୀ
ତାରା କୁନ୍ତି ସ୍ନେହମୟୀ ।

ଇତିହାସ ପୃଷ୍ଠା ଦେଖ ଓଲଟାଇ
ନାରୀ ସଦା ପୂଜନୀୟା
ଆଧୁନିକ ନାରୀ ନୁହେଁ କମ୍ କିଛି
ଲଢାକୁ ଉଡାଏ ଓ୍ୱା ..ବାଃ... ।

ଜିଜାବାଈ ହୋଇ ଶିକ୍ଷା ସେ ଦିଅଇ
ଆଦ୍ୟ ଅକ୍ଷର ତା ନାଆଁ
କୁଆଁ କୁଆଁ ରାବି ଆସିଥିଲି ଦିନେ
ସେହି ମୋ ଦେବକି ମାଆ ।

ଏକା ଏକା ସହି ଦୁଃଖର ପାହଡ
ପରଶେ ଅସୀମ ସୁଖ
ଦୁଇ କୂଳ ଲାଗି ସତ୍ୟ ସନାନ୍ତନୀ
ନ ହୁଏ କେବେ ବିମୁଖ ।

ମମତାମୟୀ ସେ ମମତାରେ ବାନ୍ଧି
ହସାଏ ଅଗଣା ଘର
ତା' ସେବା ସଂସ୍କାରେ ସଂସାର
ଲାଗଇ
ସତେ ସୁ ସରଗପୁର ।


ଭାରତୀୟ ସାମରିକ ସେବା
ଅଠରବାଟିଆ, ବାଲୁଗାଁ ,ଖୋର୍ଦ୍ଧା
ମୋ-୮୩୨୮୯୩୦୫୫୪



# ଶେଷ ଦସ୍ତଖତ

## ଶୁଭଦର୍ଶିନୀ ଦାଶ



ସମୟ ପାଖାପାଖି ଦିନ ଏଗାରଟା ହେବ, କ'ଣ କରିବି, କ'ଣ କରିବି ଚିନ୍ତା କରି ଗୁରୁଜୀଙ୍କୁ ଫୋନ କରିଥିଲି । ଗୁରୁଜୀ କ୍ଲାସ କରୁଥିଲେ ବୋଧହୁଏ ଦୁଇଥର ଫୋନ ରିଙ୍ଗ ହେଲାପରେ ଯାଇ ଫୋନ ଉଠାଇଥିଲେ। ଫୋନ ଉଠାଇ କ'ଣ ହେଲା କିରେ ପଚାରିବାରୁ। ମୁଁ କୋହଭରା କଣ୍ଠରେ କହିଥିଲି, ଗୁରୁଜୀ ମୋତେ ରକ୍ଷା କରନ୍ତୁ । ଗୁରୁଜୀ ଆଶ୍ଚର୍ଯ୍ୟ ହୋଇ ମୋତେ ପଚାରିଥିଲେ କ'ଣ ହେଲା ଏମିତି କ'ଣ କହୁଛୁ ? ମୁଁ ତାଙ୍କୁ ନେହୁରା ହୋଇ କହିଥିଲି ଆପଣ ଟିକେ ଥାନାକୁ ଆସନ୍ତୁ । ଦାଦାଙ୍କୁ ଫୋନ କରି କିଛି କହିବେ ନାହିଁ। ଦୟାକରି ଆସନ୍ତୁ, ଆସିଲେ ସବୁ କହିବି, ଏତିକି କହୁ କହୁ ପୋଲିସ ବାବୁ ମୋ ହାତରୁ ଫୋନ ନେଇ, ଶୀଘ୍ର ଆସି ଦେଖାକରନ୍ତୁ କହି ଫୋନଟି କାଟି ଦେଇଥିଲେ । କିଛି ସମୟ ପରେ ଗୁରୁଜୀ ଆସି ପହଁଞ୍ଚିଥିଲେ ।

ମୋତେ ଯେଉଁ ମାନଙ୍କ ସହ ଥାନାକୁ ଅଣାଯାଇଥିଲା ସେମାନେ ସମସ୍ତେ ବେଞ୍ଚରେ ବସିଥାନ୍ତି, ଆଉ ମୁଁ ଗୋଟିଏ କୋଣରେ ଠିଆ ହୋଇ କାନ୍ଦୁଥାଏ। ଗୁରୁଜୀଙ୍କୁ ଦେଖି ତାଙ୍କ ଗୋଡ ଧରି ଆହୁରି କାନ୍ଦିବାକୁ ଲାଗିଲି (ବାପା,ମା' ନାଁହାନ୍ତି, ଜେଜେବାପାଙ୍କୁ ଛାଡିଦେଲେ ଜଣେ ବ୍ୟକ୍ତି ଯିଏ ମୋତେ ଅତି ନିଜର ପରି ଲାଗନ୍ତି, ଆଉ ସିଏ ବି ମୋତେ ଭାରି ଭଲପାଉଥିଲେ । ସ୍କୁଲ ହଷ୍ଟେଲରେ ରହି ପଢିବା ସମୟରେ ପ୍ରତ୍ୟକ ଦିନ ହଷ୍ଟେଲ ଆସି ମୋ ଭଲମନ୍ଦ କଥା ବୁଝି ଯାଉଥିଲେ)। ଗୁରୁଜୀ ମୋତେ ତାଙ୍କ ପାଦତଳୁ ଉଠାଇ ଆଶ୍ୱାସନା ଦେଇଥିଲେ ତୁ ବ୍ୟସ୍ତ କାହିଁକି ହେଉଛୁ କ'ଣ ହୋଇଛି କହ । ବିପଦରେ କେହି ଜଣେ ନିଜ ଲୋକଙ୍କୁ ପାଖରେ ପାଇ ଟିକେ ଅଶ୍ୱସ୍ତି ଲାଗୁଥିଲ। ମୋ ଉପରେ ଥିବା ତାଙ୍କର ବିଶ୍ୱାସ ମୋତେ ଟିକେ ସାହସ ଦେଲା । ମୁଁ ସେଦିନର ସବୁ ଘଟଣା ବର୍ଣ୍ଣନା କରି ଚାଲିଲି ତାଙ୍କ ସମୁଖରେ... ।

'ମୋତେ କ୍ଷମା କରିଦେବେ ମୋର କିଛି ଭୁଲ ନଥାଇ ଆଜି ମୁଁ ଏଠାକୁ ଆସିଛି, ମୋ ପାଇଁ ଆପଣଙ୍କୁ ମଧ ଥାନାକୁ ଆସିବାକୁ ପଡିଲା । ମୁଁ ଘରକୁ ଫୋନ କରି କିଛି ଜଣାଇନାହିଁ । ଆପଣତ ଦାଦାଙ୍କୁ ଭଲ ଭାବେ ଜାଣିଛନ୍ତି ସେ କେତେ ରାଗି ! ବାପା ଓ ମା'ଙ୍କ ମୃତ୍ୟୁ ପରେ ଦାଦା ମୋ ପାଠପଢ଼ା ବନ୍ଦ କରି ମୋତେ ହଷ୍ଟେଲରୁ ଗାଁ'କୁ ନେଇଯିବାକୁ ଚାଁହୁଥିଲେ, ଖାଲି ଜେଜେବାପାଙ୍କ କଥାରେ ମୋତେ ଟାଉନ ରେ ରଖି ପାଠ ପଢ଼ାଉଛନ୍ତି । ସେଥିରେ ପୁଣି ତାଙ୍କ ପୁଅଟି ଭଲ ପଢୁନାହିଁ ବୋଲି ମୋ ଉପରେ ଅଯଥା ଅଶାନ୍ତି ହେଉଛନ୍ତି କ୍ଷସେଥିପାଇଁ ତାଙ୍କୁ କିଛି ଜଣାଇଲି ନାହିଁ । ନହେଲେ କିଛି ନବୁଝି ବଦମାସି କରୁଛି କହି ମୋତେ ଗାଁ'କୁ ନେଇଯିବେ । ଆଉ ମୋର କୋଚିଂ ପାଠ ସବୁ ବନ୍ଦ ହୋଇଯିବ। ବାପାଙ୍କର ଆଶା ଥିଲା ମୁଁ ଭଲ ପାଠ ପଢ଼ି ବଡମଣିଷ ହୁଏ । ଜେଜେବାପା ବହୁ କଷ୍ଟରେ ଧାନ ବିକ୍ରି କରି ପାଠ ପଢ଼ାଉଛନ୍ତି । ତେଣୁ ଥାନାରେ ଯେତେବେଳେ ବାପାଙ୍କୁ ଫୋନକରି ଡାକିବାକୁ କହିଲେ ମୁଁ ଦାଦାଙ୍କୁ ନ ଜଣାଇ ଆପଣଙ୍କୁ ଫୋନ କରି ଏଠାକୁ ଡାକିଲି । ଆଜି ରବିବାର ଥିଲା ମୁଁ କିଛି ବହି ଓ ଖାତା ଆଣିବାକୁ ପାଖରେ ଥିବା ଏକ ବହି ଦୋକାନକୁ ଯାଇଥିଲି । ଏମାନେ ସମସ୍ତେ ଆମ ହଷ୍ଟେଲ ପିଲା ସେଇଠି ଥିଲେ । ମୁଁ ଜାଣିନାହିଁ କ'ଣ ହେଲା, କାହା ସହ ଯୁକ୍ତି ତରକ କରି ମାରପିଟ ଆରମ୍ଭ କରିଦେଲେ, ଆଉ କେହି ଜଣେ ପୋଲିସ ଷ୍ଟେସନ ଫୋନ କରିବାରୁ ପୋଲିସ ଯାଇ ଯେତେବେଳେ ତାଙ୍କୁ ଆଣୁଥିଲେ ସେମାନଙ୍କ ଭିତରୁ କେହିଜଣେ ମୋତେ ଦେଖି, ମୋ ନା ଧରି ଡାକି ଦେବାରୁ ମୋତେ ବି ନେଇଆସିଛନ୍ତି, ଆଉ ମୁଁ ଯେ ନିର୍ଦୋଷ...କେହି ଏକଥା ବୁଝୁନାଁହାନ୍ତି ।

ଏହି ସମୟରେ ଭିତରୁ ଜଣେ କେହି ଷ୍ଟାଫ ଆସି ଗୁରୁଜୀଙ୍କୁ ଡାକିଥିଲେ --- ଆପଣ କ'ଣ ଏ ପିଲାର ବାପା ?

....... ଭିତରକୁ ଚାଲନ୍ତୁ ।

ଗୁରୁଜୀ ମୋତେ ନେଇ ଭିତରକୁ ଯାଇଥିଲେ । ତାଙ୍କର ମୋ ପ୍ରତି ଥିବା ଦୃଢ଼ ବିଶ୍ୱାସ ଭାବ ନେଇ, ମୋ ବିଷୟରେ ଯାହା ପଚାରିଲେ ଉତ୍ତର ଦେଇଥିଲେ, ଆଉ ଶେଷରେ ଏଇ ପଦିକ କଥା ବି କହିଥିଲେ ଗୁରୁ ଆଖି କ'ଣ ଶିଷ୍ୟ ଚିହିଁ ପାରିବନି । ସବୁ ଶୁଣିସାରି ଅଫିସର ଜଣକ ସତ କ'ଣ ହୃଦୟଙ୍ଗମ କରିଥିଲେ । ମୋର କିଛି ଭୁଲ ନାହିଁ, ମୋତେ ଛାଡ଼ିଦେବାକୁ କହିଲେ । ଗୁରୁଜୀଙ୍କୁ କହିଥିଲେ ବାହାରେ ଥିବା ରେଜିଷ୍ଟରରେ ଦସ୍ତଖତଟେ କରିଦେଇ ଯିବାକୁ । ତାଙ୍କୁ ଟିକେ କଷ୍ଟ ଲାଗୁଥିଲା ଥାନା ରେଜିଷ୍ଟରରେ ଦସ୍ତଖତ ମାରିବାକୁ, ହେଲେ ମଧ ମାରିଥିଲେ । ମୋତେ ତାଙ୍କଗାଡ଼ିରେ ବସାଇ ଆଣି ହଷ୍ଟେଲରେ ଛାଡିଦେଇ ଯାଇଥିଲେ। ବାଟରେ ମୋତେ ବୁଝାଇବା ସମୟରେ କହିଥିଲେ, ଦେଖ୍ ସୁଜଲ ତୁ ଏବେ ସ୍କୁଲ ସାରି ପ୍ରଥମ କରି କଲେଜରେ ପାଦ ଦେଇଛୁ ଆଉ ତୁ ଛୋଟ ପିଲା ନୁହେଁ, ତେଣୁ ନିଜକୁ ନିୟନ୍ତ୍ରଣରେ ରଖି ପାଠରେ ଧ୍ୟାନ ଦେବୁ । ମୁଁ କହିଥିଲି ଗୁରୁଜୀ, ମୁଁ ଆପଣଙ୍କ ପାଖରେ ଋଣୀ । ଗୁରୁଜୀ ମୁଣ୍ଡକୁ ଆଉଁସି ଦେଇ କହିଥିଲେ ତୁ ମୋ ଋଣ ସୁଝିବୁ, ନିଜକୁ ନିୟନ୍ତ୍ରଣରେ ରଖିବୁ ଭଲ ମଣିଷ ହେବୁ । ତୋର ପାଠ ଖାତାରୁ, ସାର୍ଟିଫିକେଟ, ଆଉ ଆଜି ତୋତେ ନିର୍ଦୋଷ ବୋଲି ପ୍ରଣାମ ଦେବାକୁ ଆସି ଥାନା ରେଜିଷ୍ଟର ସବୁ ଜାଗାରେ ଦସ୍ତଖତ ମାରିଦେଲି । କେବେ ଜୀବନରେ ଖରାପ କାମ କରିବୁନାହିଁ କିମ୍ୱା ଖରାପ ସାଙ୍ଗ ବାଛିବୁ ନାହିଁ , ଆଉ ମୋ ଦସ୍ତଖତକୁ ଭୁଲ ପ୍ରଣାମ କରିବୁନାହିଁ । ମୋର ଟ୍ରାନ୍ସଫର ହୋଇଯାଇଛି ସୁନ୍ଦରଗଡ଼, ଦିନେ ଦୁଇଦିନରେ ଚାଲିଯିବି ଆଉ ଏଇଟା ମୋର ତୋ ପାଇଁ ଥିଲା 'ଶେଷ ଦସ୍ତଖତ'। ଏତିକି କହି ଗୁରୁଜୀ ମୋତେ ଗେଟ ପାଖରେ ଛାଡ଼ିଦେଇ ଚାଲିଯାଇଥିଲେ।

ହେଲେ କାହିଁକି କେଜାଣି ଗୁରୁଜୀଙ୍କ ସେ ପଦେ କଥା ବାରମ୍ବାର ମୋ ମନକୁ ଆନ୍ଦୋଳିତ କରୁଥାଏ, ଆଉ ନିଜକୁ ଅସହାୟ ମନେ ହେଉଥାଏ । ଏଇଟା ମୋ 'ଶେଷ ଦସ୍ତଖତ'....।

କିଛିଦିନ ପରେ ଗୁରୁଜୀ ଚାଲିଯାଇଥିଲେ ତାଙ୍କ ନୂତନ କର୍ମ କ୍ଷେତ୍ରକୁ ଆଉ ମୁଁ ବି ବ୍ୟସ୍ତ ମୋ ପାଠକୁ ନେଇ । ମଝିରେ ମଝିରେ ଗୁରୁଜୀ ଫୋନ କରି କଥା ହେଉଥିଲେ ଆଉ ସେଇ ସମାନ ଉପଦେଶ ଦେବାକୁ କେବେ ଭୁଲୁନଥିଲେ , ନିଜକୁ ସଂଯମରେ ରଖି ଚଳିବୁ,ଆଉ ଭଲ ମଣିଷ ହେବୁ।

ଏହାରି ଭିତରେ ଛଅ ବର୍ଷ ହୋଇଗଲାଣି, ଆଜି ମୁଁ ମୋ ଲକ୍ଷ ପଥରେ ପହଁଞ୍ଚି ଯାଇଛି । ହେଲେ ମୋର ସଫଳତା ଦେଖିବାକୁ ଜେଜେବାପା ଆଉ ଏ ଦୁନିଆରେ ନାଁହାନ୍ତି । ଚାକିରୀ ଆବେଦନ ପାଇଁ ଫର୍ମରେ 'ଦସ୍ତଖତ' କରି ପଦିଏ କଥା କହିଥିଲେ, ବାପରେ, ମୋ ମୁଣ୍ଡ କେବେ ନୁଆଁଇବୁନାହିଁ। ତା' ପରେ ମୋତେ ଏକା କରି ଚାଲିଗଲେ ସବୁଦିନ ପାଇଁ ।

ଭଗବାନଙ୍କ ଆଶୀର୍ବାଦରୁ ମୋର ଯେଉଠି ପ୍ରଥମ ପୋଷ୍ଟିଙ୍ଗ ସେଇଠି ଗୁରୁଜୀଙ୍କର ଟ୍ରାନ୍ସଫର ହୋଇଥିଲା, ହେଲେ ବହୁତ ଦିନ ହେବ ବ୍ୟସ୍ତତା ଭିତରେ ଯୋଗାଯୋଗ ହୋଇନାହିଁ କ୍ଷ ମନେ ମନେ ସ୍ଥିର କଲି ଫୋନ କରିବିନାହିଁ, ଘରକୁ ଯାଇ ଦେଖାକରି ଆଶୀର୍ବାଦ ନେଇ ଜଏନ କରିବାକୁ ଯିବି । ଉତ୍ସାହର ସହ ଯେବେଯାଇ ଗୁରୁଜୀଙ୍କ ଠିକଣାରେ ପହଞ୍ଚିଲି , ମୋତେ ନିଜ ଉପରେ ଦୟା ଆସୁଥାଏ ସତରେ କ'ଣ ମୋ ଭାଗ୍ୟରେ ଖୁସି ଲେଖା ହୋଇନାହିଁ । ମୁଁ କ'ଣ ଏତେ ହତଭାଗାଟା ଆଜି ମୋ ସଫଳତା ଦେଖି ଆଶୀର୍ବାଦ ଦେବାପାଇଁ, ମୋତେ କୋଳେଇ ନେବା ପାଇଁ କେହି ଜଣେ ନିଜର ମଣିଷ ମୋ ପାଖରେ ନାହାଁନ୍ତି । ବାପା ଓ ମା' ମୋତେ ପ୍ରଥମକରି ସ୍କୁଲରେ ଛାଡି ଘରକୁ ଫେରିବା ବାଟରେ ଆକ୍ସିଡେଣ୍ଟରେ ମୋତେ ଛାଡି ଚାଲିଗଲେ, ଅନେକ ଦିନର କଥା ଆଜିବି ଝାପସା ମନେପଡେ ହଷ୍ଟେଲର ଫର୍ମାଲିଟି ପେପରରେ ଦସ୍ତଖତ ମାରିସାରି ମୋତେ ବୁଝାଇ ଦେଇ ଯାଇଥିଲେ, ବାପା, ମନଦୁଃଖ କରିବୁନାହିଁ । ମନ ଦେଇ ପାଠ ପଢ଼ିବୁ, ମୁଁ ଛୁଟିହେଲେ ଆସି ନେଇଯିବି । ହେଲେ ଆଉ ଆସିଲେନାହିଁ ....। ଆଉ ଆଜି ଗୁରୁଜୀ ନାହାଁନ୍ତି ମୋର ସଫଳତା ଦେଖିବା ପାଇଁ, କି ମୋତେ ଆଶୀର୍ବାଦ ଦେବାପାଇଁ । ସେଦିନ ସିନା ବୁଝିପାରିନଥିଲି କାହିଁକି ଗୁରୁଜୀଙ୍କର 'ଶେଷ ଦସ୍ତଖତ'କଥାଟି ମୋ ମନକୁ ବାରମ୍ବାର ଆନ୍ଦୋଳିତ କରୁଥିଲା। ହେଲେ ଏବେ ମୁଁ ବୁଝିଗଲି ଗୁରୁଜୀ ମୋତେ ସେଇଦିନ ହିଁ ଆଶୀର୍ବାଦ ଦେଇଦେଇଥିଲେ ଏଇଟା ମୋର 'ଶେଷ ଦସ୍ତଖତ' କହି ।

ମୋ ବ୍ରହ୍ମା, ବିଷ୍ଣୁ, ଓ ମହେଶ୍ୱର ମୋତେ ଛାଡିଯାଇଛନ୍ତି ଏକାକରି ଏ ଦୁନିଆର ଭିଡ଼ଭିତରେ । ଆଉ ଆଶୀର୍ବାଦ ସ୍ୱରୂପ ଦେଇଯାଇଛନ୍ତି ସମସ୍ତେ ତାଙ୍କର 'ଶେଷ ଦସ୍ତଖତ' ମୋ ଜୀବନରେ ସଫଳତାର ଫର୍ଦ୍ଦ ଉପରେ । ଆଉ ସେଇଟା ଏବେ ହେବ ମୋ ଜୀବନର ମୂଳମନ୍ତ୍ର । ମୁଁ ଏବେ ବଡ଼ ପଦବୀରେ, ହେଲେ କୌଣସି ଏମିତ ଜାଗାରେ ମୋର ଦସ୍ତଖତ ମାରି ସହମତି ଜଣାଇବି ନାହିଁ ଯେଉଁଠି ମୋ ଆଶୀର୍ବାଦର ଅବମାନନା ହେବ। ଆଉ ଯଦି ସେମିତି କିଛି ପରିସ୍ଥିତି ଉପୁଜେ ମୁଁ ସେ ପଦ ଛାଡ଼ିଦେବି ମୋର 'ଶେଷ ଦସ୍ତଖତରେ' ।

+ ଭୁବନେଶ୍ୱର
ମୋ: ୮୨୮୦୩୧୧୦୦୦

# ବିବାହ ପିଲାଖେଳ ନୁହେଁ

## ଶ୍ୱେତା ରାଉତ୍

### ସମ୍ପର୍କର ରଙ୍ଗ

ବିବାହ ଏକ ସ୍ୱର୍ଗୀୟ ମିଳନ। ସେଥିପାଇଁ ବିବାହ ସଂସ୍କାରରେ ସବୁ କର୍ମ ବିଧି ସ୍ୱର୍ଗୀୟ ମନେହୁଏ। ବର, କନ୍ୟା ସେଦିନ ଈଶ୍ୱର ପାର୍ବତୀଙ୍କ ସ୍ୱରୂପ ହୋଇଥାନ୍ତି। କନ୍ୟାଦାନ କରି ପିତା ମହାପୁଣ୍ୟ ଲାଭ କରେ। ବେଦୀ ଉପରେ ମନ୍ତ୍ର ପାଠ, ହୋମ ନିଆଁ ସହିତ ଈଶ୍ୱରଙ୍କୁ ସାକ୍ଷୀ ରଖି,ଅଗ୍ନିକୁ ସାକ୍ଷୀ ରଖି ପରସ୍ପରର ଜୀବନ ସାଥୀ ହୋଇ ଥାନ୍ତି।ବଧୂଟି ନାଲି ରଙ୍ଗର ଶାଢ଼ୀ, ସିନ୍ଦୂର, ଚୁଡ଼ି ଓ ଗହଣାରେ ଦେବୀ ପ୍ରାୟ ବେଶ ହୋଇଥାଏ। ମଙ୍ଗନ ବା ମଙ୍ଗଳ ପାଗରେ କନ୍ୟା ହଳଦୀ ଲଗାଇ ସାତ ଜଣ ସ୍ତ୍ରୀଲୋକଙ୍କ ଦ୍ୱାରା ଶଙ୍ଖ, ହୁଳହୁଳି ସହିତ ବନ୍ଦାପନା ହୋଇଥାଏ। ହଳଦୀ ରଙ୍ଗର ଲୁଗା, ଚନ୍ଦନ, ସିନ୍ଦୂର, ଶଙ୍ଖା ଫୁଲମାଳ ଆଦି ପିନ୍ଧିଥାଏ। ବାହା ଦିନ ଠାକୁରାଣୀ ଗାଧୁଆ ପାଣିରେ କୋଇଲିବୁଡ ଗାଧୁଆ ହୁଏ, ବେଦି ଉପରେ ଗଇଁଠାଳ ପଡ଼େ, କନ୍ୟା ପାଞ୍ଚି, ବଉଳ ପାଟ ପିନ୍ଧି ବେଦୀରେ ବାହା ହୁଏ। ପାଲିଙ୍କିରେ ବର ରାଜା ପରି କାନ୍ଧରେ ଯାଏ ଓ କନ୍ୟା ସବାରୀରେ। ପାରମ୍ପରିକ ରୀତନୀତିରେ ଯୁଗ ଯୁଗକୁ ଗଢି ହୋଇଥାଏ ସମ୍ପର୍କ। ଦୁଇଟି ଆତ୍ମାର, ଦୁଇଟି ପରିବାରର।

କିନ୍ତୁ ଏବେ ଏ ସ୍ୱର୍ଗୀୟ ମିଳନର ପାରମ୍ପରିକ ରୀତିନୀତିକୁ ଭୁଲିଗଲେଣି ଯୁବ ପିଢ଼ି। ଶଙ୍ଖ ହୁଳହୁଳି, କର୍ମକାଣ୍ଡ, ବେଦୀ ସଂସ୍କାର କିଛି ବି ଆଗ ପରି ନାହିଁ। ଅଛି କେବଳ ପ୍ରବଳ ଅର୍ଥ ଅପଚୟ, ମଦ, ମାଂସର ଆଖଳା।

ଏବେ ତାହା ହିଁ ପାଳନ ହେଉଛି, ଯାହା ଆମ ଓଡ଼ିଆ ପରମ୍ପରାରେ ନାହିଁ। ବାଡୁଅ ପାଣିରେ ଗାଧୋଇବା ବେଳେ ଲୋଡା ହେଉନାହିଁ ପାନ ପତ୍ର, ଶିଳିପୁଆ ଅବା ଆରିସା ପିଠା। ହଳଦୀ ଲଗାଇଲେ ମେକପ୍ ଛାଡିଯିବ, କେବଳ ଛୁଆଇଁ ଦେବା କଥା। ମଙ୍ଗଳପାଗକୁ କୁହାଯାଉଛି ହଳଦି, ଅଳତା ସ୍ଥାନରେ ମେହେନ୍ଦି ରସମ୍, ସଙ୍ଗୀତ, ନାଚ ଗୀତ ଏସବୁ କଣ ଆମ ସଂସ୍କାର। ଶାଢୀ ବଦଳରେ ଲେହେଙ୍ଗା, ନାଲି ଶଙ୍ଖା, ପାଣି ଚୁଡ଼ି ବଦଳରେ 'ଯୁଡ଼ା' ଯାହା ପଞ୍ଜାବୀ ମାନଙ୍କର ପାରମ୍ପରିକ ପରିପାଟୀ। ଅନ୍ୟ ରାଜ୍ୟମାନଙ୍କରେ ଯେତେବେଳେ ନିଜ ପ୍ରଥା, ପରମ୍ପରାକୁ ନେଇ ସମସ୍ତେ ସଚେତନ ଓ ନିଜ ଢଙ୍ଗରେ ପାଳନ କରନ୍ତି, ଆମ ଓଡ଼ିଆମାନେ କାହିଁକି ନିଜ ପ୍ରଥା, ପରମ୍ପରାକୁ ଭୁଲି ଅନ୍ୟକୁ ଅନୁସରଣ କରନ୍ତୁ ବୁଝି ହୁଏନି। ଯୁଗ ସହିତ ତାଳ ଦେଇ ଚାଲିବା, ଆଧୁନିକ ହେବା ଖରାପ ନୁହେଁ, ହେଲେ ଯାହା ଆମର ଦଶବିଦ୍ଧ ସଂସ୍କାର ନୁହେଁ, ସେ ପ୍ରହସନକୁ ଆପଣେଇ ନିଜ ମାତୃଭୂମିର ସ୍ୱସଂସ୍କାର ଭୁଲିଯିବା ଏକପ୍ରକାର ମାତୃଭୂମିର ଅପମାନ ନୁହେଁ କି ?

ଯେତେବେଳେ ଦୁଇଟି ହୃଦୟ, ଦୁଇଟି ଆତ୍ମା, ଦୁଇଟି ଜୀବନ ଏକ ହୋଇ ସଂସାର ପଥରେ ଚାଲିବା ଆରମ୍ଭ କରନ୍ତି, ସେତେବେଳେ ନିଜ କୁଳ ଦେବତା, ଆତ୍ମୀୟ ସହୋଦର, ବନ୍ଧୁ ପରିଜନ ସମସ୍ତଙ୍କ ଆଶୀର୍ବାଦ ସହିତ, ବୈବାହିକ ଜୀବନ ଯେମିତି ସୁରୁଖୁରୁରେ ଚାଲୁ ସେଥିପାଇଁ ନାନାଦି ପାରମ୍ପରିକ ପୁଜାକର୍ମ କରାଯାଇଥାଏ।ବାହା ଚିତାଠୁ ଆରମ୍ଭ କରି, ବେଦୀ ଉପରେ ନାନମୁଖି ପିଣ୍ଡ ଦେବାଯାଏ, ସବୁ କାର୍ଯ୍ୟର କିଛି ଗୁଢ଼ କାରଣ ରହିଛି ଯାହା ଆମ ପୁର୍ବଜ ବିବାହ ବେଦୀ କାର୍ଯ୍ୟ, ମନ୍ତ୍ରପାଠରେ ଲେଖି ଯାଇଛନ୍ତି।ଏସବୁକୁ ନ ମାନି କେବଳ ବାହ୍ୟ ଆଡମ୍ବରକୁ ପ୍ରାଧାନ୍ୟ ଦେଲେ କେବଳ



ସାମୟିକ ଭାବେ ଆନନ୍ଦ ମିଳେ ସତ, ସମ୍ପର୍କ ଦୀର୍ଘସ୍ଥାୟୀ ହୋଇନଥାଏ। ବିବାହରେ ଅଧିକ ବିଚ୍ଛେଦ ହିଁ ଦେଖାଯାଏ। ଆଜିକାଲି ବିବାହ ବିଚ୍ଛେଦ ଯେମିତି ଦୃତ ଗତିରେ ବଢ଼ି ଚାଲିଛି। ମନର ମିଳନକୁ କେହି ଗୁରୁତ୍ୱ ଦେଉନାହାନ୍ତି, ବିବାହ ଆଜିକାଲି ସତେ ଯେମିତି ଗୋଟେ ପର୍ବରେ ପରିଣତ ହେଉଛି। ବିଚ୍ଛେଦରେ ବି ଦୁଃଖ ନାହିଁ, ବାରମ୍ବାର ବିବାହ କରିବାରେ ଅସୁବିଧା ହେଉନାହିଁ, ଲଜ୍ଜାବୋଧ ନାହିଁ କି ଦାୟିତ୍ୱବୋଧ ନାହିଁ। ସମ୍ପର୍କରେ ଆଉ ସମର୍ପଣ ଭାବ ନାହିଁ, କେବଳ ସଉକ୍ ରେ ଜୀବନ ଜିଇଁବା ଏବଂ କେବଳ ନିଜ ପାଇଁ। ଅନ୍ତତଃ ଅନ୍ୟ ରାଜ୍ୟବାସୀଙ୍କୁ ଅନୁସରଣ କରି କିଭଳି ନିଜ ମାଟିର ସଂସ୍କାର ପ୍ରତି ଯଥୋଚିତ ସମ୍ମାନ ପ୍ରଦର୍ଶନ କରିହେବ ଶିଖି ପାରିଲେ ଅନତଃ ନିଜକୁ ଆନନ୍ଦ ଲାଗନ୍ତା। ବିବାହ ପିଲାଖେଳ ନୁହେଁ, ଏକ ସ୍ୱର୍ଗୀୟ ମିଳନର କ୍ଷଣ। ଏକଥା ଯୁବପିଢିଙ୍କୁ ପରିବାରଜନ ବୁଝେଇବା ଉଚିତ୍।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼, ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ଆଜିର କବିତା

## ବଡ ଦାଣ୍ଡ

### ଡ. ସୁମିତ୍ରା ମିଶ୍ର



ଲମ୍ୱତମ୍ୱ ଶୋଇ ରହିଛି
ବଡଠାକୁରଙ୍କ ବଡଦାଣ୍ଡ
ଲମ୍ୱିଛି ବଡ ଦେଉଳରୁ ଗୁଣ୍ଡିଚାମନ୍ଦିର
ଘେରିଛି ତାକୁ ଆକାଶ, ପୃଥିବୀ, ବିଶ୍ୱବ୍ରହ୍ମାଣ୍ଡ
ଅଜଗର ସାପ ପରି କାତି ମେଲାଇ ଖରା ପିଠିଆ
ପଡିରହିଛି କେତେ ଶତାବ୍ଦୀର ପ୍ରହାରସହି।

କେତେ ବିସ୍ମୟର, ସଂଶୟର, ଆଶା,
ଆକାଂକ୍ଷାର ସାକ୍ଷୀ ଏ ବଡଦାଣ୍ଡ
ରଥ ପାଇଁ ତିଆରି ଏ ପଥ
ଏବେ ସାଜିଛି ବେପାର ବଣିଜ ପାଇଁ ଏକ ହାଟ।
ଗରିବ ବୁଢୀଟିର ସବତୀ ବେପାରକୁ
ବୁଡେଇ ଦେଉଛି
ଚଳଚଞ୍ଚଳା ଫ୍ରକ୍ ପିନ୍ଧି ଧାଉଁଥିବା ଝିଅଟି
ଶହେଟା ବତୀ ପୁଞ୍ଜା ନ ବିକିଲେ
ପିଟିବତାକୁତା ମଦ୍ୟପ ବାପ,
ଧାଉଁଛି ସେ ଏ ଗରାଖଠାରୁ ସେ ଗରାଖ
ଜାଣେ ସେ ବୁଢୀମଣିଷଙ୍କର
ଲୋଭ ଥାଏ ସବତୀରେ।

ସେପଟେ ଜୋତାଷ୍ଟାଣ୍ଡରେ ଭାରିଭିଡ
ଭାରିଭିଡ ଶ୍ରୀମନ୍ଦିର ମହାପ୍ରସାଦ ଦୋକାନରେ
କାଁଭାଁ ଗ୍ରାହକ ପଶିଯାଉଛନ୍ତି ପୂଜା ଦୋକାନରେ
ବଡ ଦାଣ୍ଡ ଦୁଇକଡରେ କେତେ ଛୋଟ ମୋଟ
ଦୋକାନ
କାହାର କାଠ କ୍ୟାବିନ୍ ତ
କାହାର ଅସ୍ଥାୟୀ ତମ୍ବୁ
କାହାର ସାହାରା ଖଣ୍ଡେ ସତରି,
ଯାହା ଉପରେ
ଥୁଆ ନାନା ଆକାରର ଶଂଖ, ଶାମୁକା,
ଶାମୁକାଖଚିତ ଦର୍ପଣ।

ବଡଦାଣ୍ଡରେ ନଥାଏ ନିସ୍ତବ୍ଧତା,
ନିଶାର୍ଦ୍ଧର ଏକଲାପଣ
କେବେ ଫିକା ପଡେନି ଯାତ୍ରୀଙ୍କ କୋଳାହଳ
ସରେନି ଯାତ୍ରା, ଯୋଗୀ ଆସନ୍ତି,
ଭୋଗୀ ଆସନ୍ତି
ଚାଲୁଥାଏ ନିରନ୍ତର ଶୋଭା
ଯାତ୍ରାଜୀବନ ବିପଣୀର
ଅଥଚ ନିର୍ବିକାର, ନିସ୍ପୃହ,
ନିର୍ଭୀକ ଥାଏ ବଡଦାଣ୍ଡ
ତା'ର ଅପେକ୍ଷା ଥାଏକେବଳ ଗୋଟିଏ ଦିନକୁ
ଯେବେ ତା ଛାତି ଉପରେ ଘୁସୁରି ଚାଲିବ
ତିନିଠାକୁରଙ୍କ ରଥ, ତାଳଧ୍ୱଜ,
ନନ୍ଦିଘୋଷ, ଦର୍ପଦଳନ।

+ଭୁବନେଶ୍ୱର
ମୋ: ୯୯୨୦୬୯୬୮୧୫

## ଶୂନ୍ୟ ଶୂନ୍ୟ ମହାଶୂନ୍ୟ

### ରଞ୍ଜିତା ରାଉଳ

ମୋରମୋର ଏଠି କାହାକୁ କହୁଛୁ
କେହି ନୁହେଁ ଆପଣାର
ସ୍ୱାର୍ଥ ସରିଗଲେ ଗଳାଧକା ଦେଇ
ନଜଠୁ କରନ୍ତି ଦୂର ।

କ୍ଷୁଦ୍ର କ୍ଷୁଦ୍ର ବୋଲି କାହାକୁ କହୁଛୁ
ଦୁବଘାସ ଅତି ସାନ
ପ୍ରଭୁ ମସ୍ତକରେ ସ୍ଥାନ ପାଇଥାଏ
ହୁଅଇ ସେ ମୂଲ୍ୟବାନ ।

ଧନ ସମ୍ପତ୍ତି ତୁ କାହାକୁ ଦେଖାଉ
ନୁହେଁ ତାହା ଚିରସ୍ଥାୟୀ
ପଞ୍ଚଭୂତରେ ତୁ ଲୀନ ହୋଇଯିବୁ
ଗର୍ବ ଅହଙ୍କାର ବୋହି ।

ରୂପଯୌବନ ତୁ କାହାକୁ ଦେଖାଉ
ଅପେକ୍ଷାରେ ବୃଦ୍ଧାବସ୍ଥା
କେହି ଚାହିଁବେନି ମୁହଁକୁ ତୋହର
ଅଲୋଡା ଜୀବନ ଶସ୍ତା ।

ଲୋକବଳ ତୋର
କିଏସେ ନିଜର
ସମୟ ଜଣେଇ ଦେବ
ସମର୍ପଣ କଲେ ପ୍ରଭୁ ପାଦତଳେ
ଆସ୍ଥାନେ ସ୍ଥାନ ପାଇବ ।

ହିଂସା, ଈର୍ଷା, ଲୋଭ
କାହିଁକି କରୁଛୁ
ଜୀବନ ତ ଛକିଶୂନ



ଏ ପ୍ରାଣ ଶରୀର ପ୍ରଭୁ ବରଦାନ
ଶୂନ୍ୟ ଶୂନ୍ୟ ମହାଶୂନ୍ୟ ।

+ରାଜ୍ୟ ସହ ସଂପାଦିକା
ଓଡ଼ିଶା ସାହିତ୍ୟିକ ସଂଗଠନ,
ଭୁବନେଶ୍ୱର, ଓଡ଼ିଶା
ଅନୁଗୋଳ

## ଶାନ୍ତି

### ଶୁଭଲକ୍ଷ୍ମୀ ବେହେରା

ମୁଁ ତୁମକୁ ଖୋଜେ ପ୍ରତି ମୁହୂର୍ତ୍ତରେ
କିନ୍ତୁ ତୁମେ ଧରା ଛୁଆଁ ଦିଅନା କେବେ
ଖାଲି ହସ ବାଳୁତ ପିଲା ପରି
ମୋ ଆଡ଼କୁ ଚାହିଁ।
ମୁଁ ଅଭିମାନ କରେ, ପୁଣି ହାତ ବଢ଼ାଏ
ତୁମକୁ କୋଳେଇ ନେବା ପାଇଁ
କିନ୍ତୁ ତୁମେ ମରୀଚିକା ପାଲଟି ଯାଅ କ୍ଷଣକରେ
ମୋ ଆଖିରେ ଲୁହ ଦେଇ..

ମୁଁ ଦୌଡି ଦୌଡି ନିରାଶ ହୋଇ
ଫେରି ଆସେ ଶୂନ୍ୟ ହାତରେ...
ତୁମେ କେବେ ଧରା ଛୁଆଁ ଦିଅନା
କେବଳ ମୁଁ ନୁହଁ ଏ ଦୁନିଆର
ପ୍ରତ୍ୟେକଙ୍କ ସେ ତୁମର ଲୁଚକାଳି ଖେଳ
ଚାଲିଥାଏ ଅନବରତ...


ତୁମକୁ ପାଇବା ପାଇଁ କିଏ କରେ ଆତ୍ମହତ୍ୟା
ବେକରେ ରଶି ଲଗାଇ
ନଚେତ୍ ଜହର ପିଇ...
ତଥାପି ତୁମେ ଧରା ଛୁଆଁ ଦିଅନି
ତୁମେ ତ ସବୁଠି ରହିଛ
ପୁଣି କେଉଁଠି ନାହଁ କିନ୍ତୁ...

କେହି ପାରନ୍ତି ନାହିଁ ଚିହ୍ନି
ତୁମେ ଅଦୃଶ୍ୟ ରହିଥାଅ ପୂର୍ବପରି
ମୁଁ ବି ପାରୁନି ଖୋଜି ତୁମ ସତ୍ତାକୁ
ତୁମେ କେଉଁଠି ଲୁଚି ରହିଛ
ଥରେ ମୋ ସାମ୍ନାକୁ ଆସ
ଏ ଜୀବନ ମୋତେ ଅସହ୍ୟ କରିଦେଲାଣି
ଥରେ ମୋତେ ଧରା ଦିଅ
ତୁମେ କଣ କେବଳ ମୃତ୍ୟୁ
ନା ମୃତ୍ୟୁ ମାନେ ହିଁ ତମେ।

ଗ୍ରାମ -ରୁସ୍ତମପୁର,
ବ୍ଲକ - ଖଇରା
ବାଲେଶ୍ୱର-୭୫୬୦୫୯
(ମୋ) ୮୦୧୮୭୬୩୬୧୪

## ଫୁଲଠୁ କୋମଳ କର

### ନଳିନୀ ଦାଶ



ଫୁଲଠୁ କୋମଳ କର ମହାପ୍ରଭୁ
ଫୁଲଠୁ କୋମଳ କର
ରାଗ, ଈର୍ଷା, ହିଂସା, ଘୃଣା, ଅହଙ୍କାର
ମନରୁ ମୋ ଦୂରକର ।

ଜନମ ଦେଇଛ ଜୀବନ ଖଞ୍ଜିଛ
ତୁମେ ପରା ନିରାକାର
ଧର୍ଯ୍ୟ, ଶାନ୍ତି, ଶକ୍ତି ସାହାସ ଭରହେ
ଦୁର୍ବଳ ଶରୀରେ ମୋର ।
ପ୍ରତିଟି ରକତ ବିନ୍ଦୁରେ ଭରିବ
ସ୍ନେହ ମମତାର ଝର
ବିପଦେ ଡାକିଲେ ସାହା ହେଉଥିବ
ଆହେ ଜଗତ ଠାକୁର ।

ଧୈର୍ଯ୍ୟର ବନ୍ଧ ମୋ ଭାଙ୍ଗି ଦେବନାହିଁ
ଡ଼ାକୁଥିବି ନିରନ୍ତର
ତୁମର ସନ୍ତାନ ମୁଁ ଶିଶୁ ଅଜ୍ଞାନ
ତୁମେ ବାରେ କ୍ଷମାକାର ।

+ଶରଣକୁଳ, ନୟାଗଡ଼
ମୋ: ୬୩୭୦୦୯୫୨୪୧

## ରହିବାର ଜାଗା

### ଆଦ୍ୟାଶା ମହାପାତ୍ର



ତାରା ମାନଙ୍କୁ ଦେଖ ତ
ଟିକିଏ ବି ଜାଗା ଛାଡି ନାହାନ୍ତି
ପୁରାଟା ଆକାଶ
ସେମାନଙ୍କ ଦଖଲରେ
କୋଉଠି ରହିବେ
ମୋ ଜେଜେ ମା' କେଜାଣି !
ଅବଶ୍ୟ
ମୋ ଜେଜେ ମା' ଖୁବ୍ ସ୍ନେହୀ
ଅଚିରେ ଜିଣିପାରନ୍ତି
ସବୁରି ହୃଦୟ
ସେଇଠି ବି ତ
ତାଙ୍କର କିଛି ଅଛନ୍ତି ଆତ୍ମୀୟ
କୋଉଠି ନା କୋଉଠି
ମୋ ଜେଜେ ମା'ପାଇଁ
ଜାଗା ଖଣ୍ଡେ
ଯୋଗାଡିଦେବେ ନିଶ୍ଚୟ....!

+ନୂଆପଡା, କଟକ

# ମାଲକାନଗିରି ପ୍ରସିଦ୍ଧ ବଡ଼ଯାତ୍ରା ଆରମ୍ଭ

ମାଲକାନଗିରି, ୦୧/୦୩ (ନି.ପ୍ର): ପ୍ରତି ଦୁଇ ବର୍ଷରେ ଥରେ ପାଳନ ହେଉଥିବା ମାଲକାନଗିରି ଜିଲ୍ଲାର ପ୍ରସିଦ୍ଧ ଗଣପର୍ବ ବଡ଼ଯାତ୍ରା ଆରମ୍ଭ ହୋଇଥିବା ବେଳେ ସୋମବାରରେ ଆନ୍ଧ୍ରର ତାଡକାରେଉ ଜଙ୍ଗଲ ଗର୍ତରେ ଥିବା ଜଳକୁଣ୍ଡରେ ତିନି ଠାକୁର କାନ୍ନାମରାଜୁ, ପୋତରାଜୁ ଓ ବାଲରାଜୁ ସ୍ନାନ କରିଛନ୍ତି। ଏହି ମୁହୁର୍ତକୁ ଦର୍ଶନ କରିବାକୁ ଦୂର ଦୂରଦୂରାନ୍ତରୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଛି । ତେବେ ୧୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ଏଠାରେ ସମାଗମ ହୋଇଥିବା ଅନୁମାନ କରାଯାଇଛି। ଆନ୍ଧ୍ର, ତେଲେଙ୍ଗାନା, ଛତିଶଗଡ ଓ ଓଡିଶା ଦଣ୍ଡକାରଣ୍ୟ ଅଂଚଳର ପ୍ରସିଦ୍ଧ ଓ ପୁରାତନ ଏହି ବଡ଼ ଯାତ୍ରା ପାଇଁ ମାନ୍ୟମକୋଣ୍ଡା ସମେତ ସମଗ୍ର ଜିଲ୍ଲା ଚଳଚଂଚଳ ହୋଇ ଉଠିଛି। ଆଦିବାସୀ ସଂସ୍କୃତି ଓ ପରମ୍ପରା ନୀତି ନିୟମରେ ଅନୁଷ୍ଠିତ ଏହି ଯାତ୍ରା ଏକ ମାସ ବ୍ୟାପୀ ପାଳନ କରାଯାଇଥାଏ । ପାଟପୂଜାରୀ ମାନେ ବିମାନ ଓ ଅନେକ ବାଉଁଶ ଲାଠି ସମେତ ଜିଲ୍ଲା ସଦରରୁ ମାନ୍ୟମକୋଣ୍ଡା ପର୍ଯ୍ୟନ୍ତ ପଦଯାତ୍ରାରେ ପହଂଚି ଥିଲେ । ଗତ ରବିବାର ଦିନ ମାନ୍ୟମକୋଣ୍ଡା ପର୍ବତ କୋଳରୁ ତିନି ଠାକୁର ଉକ୍ତ ବିମାନରେ ସମାବେଶ ହୋଇ ସ୍ନାନ କରିବାକୁ ସୀମାନ୍ତ ଆନ୍ଧ୍ରର ପୋଲୁର ଅଭିମୁଖେ ଯାତ୍ରା କରିଥିଲେ । ଯିବା ବାଟରେ ଓଡ଼ିଶା ପୋଲୁର ଠାରେ ପହଂଚି ରାତ୍ରି ରହଣି କରିଥିଲେ । ସୋମବାର ସକାଳେ ଓଡ଼ିଶା ଓ ଆନ୍ଧ୍ର ପୋଲୁର ମଝିରେ ଥିବା ସିଲେରୁ ନଦୀରେ ନୌକା ବିହାର କରି ଆନ୍ଧ୍ର ପୋଲୁର ନିକଟସ୍ଥ ତାଡକାରେଉ ଜଙ୍ଗଲ ଗର୍ତରେ ପହଂଚି ଥିଲେ । ଏବଂ ସେଠାରେ ଥିବା ଜଳ କୁଣ୍ଡରେ ଠାକୁର ସ୍ନାନ ସାରି ସେଦିନ ସନ୍ଧ୍ୟାରେ ମାନ୍ୟମକୋଣ୍ଡାକୁ ଫେରିଛନ୍ତି । ମଙ୍ଗଳବାର ଦିନ ମାନ୍ୟମକୋଣ୍ଡାରେ ଆଡମ୍ବର ସହିତ ପୂଜାର୍ଚ୍ଚନା ପଶୁ ପକ୍ଷୀ ବଳି ସମେତ ପ୍ରଥମ ଅନ୍ନଭୋଗ ଅର୍ପଣ କରାଯାଇଛି । ବୁଧବାର ଦିନ ମାନ୍ୟମକୋଣ୍ଡରୁ ମାଲକାନଗିରି ଅଭିମୁଖେ ତିନି ଠାକୁର ସମେତ ଦେବୀ ମୁତ୍ୟାଲୁଆମା ଗମନ କରିବେ ବୋଲି ଜଣାପଡିଛି । ଗୁବଲେର ନଦୀ କୂଳ ଏବଂ କାଲିମେଳା ବଦୁ ଗୁଡାରେ ପୂଜା ପରେ ବୁଧବାର ରାତ୍ରିରେ କାଲିମେଳା ପୂଜା ସ୍ଥଳରେ ଠାକୁର ରହଣି କରିବେ । ଗୁରୁବାର ସକାଳେ କାଲିମେଳା ଠାରେ ପୂଜା ଅନୁଷ୍ଠିତ ହେବ । ଏପରି ୯୦ କିମି ଦୂର ପାଦଯାତ୍ରା କଲା ପରେ ମାଲକାନଗିରି ସଦର ସ୍ଥିତ ମାଣ୍ଡିଆଭଙ୍ଗା ଏବଂ ମାଉଳିମା ମନ୍ଦିରରେ ଶେଷ ପୂଜା ଅନୁଷ୍ଠିତ କରାଯିବ । ଜିଲ୍ଲା ସଦର ମହକୁମାରେ ପହଂଚିବା ପର୍ଯ୍ୟନ୍ତ ବିଭିନ୍ନ ପୂଜା ମଣ୍ଡପ ସମେତ ତାଙ୍କ ଚଲା ପଥରେ ପୂଜାର୍ଚ୍ଚନା ସହିତ ବ୍ୟାପକ ପଶୁପକ୍ଷୀ ବଳି ଦିଆଯିବ । ଅର୍ଥାତ୍ ପ୍ରତି ପାଦରେ ପୂଜାର୍ଚ୍ଚନା, ବଳି ପୂଜା କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଏହି ବଡ଼ ଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହିତ ପରିଚାଳନା କରିବାକୁ ଆଜି ମାନ୍ୟମକୋଣ୍ଡା ଅଂଚଳରେ ପ୍ରଶାସନିକ ଅଧିକାରୀ ସମେତ ବିଭିନ୍ନ ବିଭାଗର କର୍ମଚାରୀ ବୃନ୍ଦ, ପୁଲିସ, ସ୍ୱାସ୍ଥ୍ୟ ବିଭାଗ, ସ୍ୱେଚ୍ଛାସେବୀ, ମାନ୍ୟମକୋଣ୍ଡା ବଡ଼ ଯାତ୍ରା କମିଟିର କର୍ମକର୍ତା ପ୍ରାମୁଖ ଉପସ୍ଥିତ ରହିଥିଲେ ।

# ବଲାଙ୍ଗିର ଆଦିବାସୀମାନଙ୍କ କଳା ସାମଗ୍ରୀ ରାଜ୍ୟ ଆଦିବାସୀ ମେଳାରେ ଦର୍ଶାଯାଇଛି

ବଲାଙ୍ଗିର, ୦୧/୦୩ (ନି.ପ୍ର): ବଲାଙ୍ଗିର ବନବିଭାଗ ଜିଲ୍ଲା ଅଧିକାରୀ ନୀତିଶ କୁମାର ପ୍ରକାଶ କରିଛନ୍ତି ଆମେ ଘୋଷଣା କରି ଖୁସି ଯେ, ଓଡିଶାର ଆଦିବାସୀମାନଙ୍କ ପରମ୍ପରା ଏବଂ ହସ୍ତତନ୍ତର ଉତ୍ସବ ଆଦିବାସୀ ମେଳା ବର୍ତମାନ ଭୁବନେଶ୍ୱରର ଇଡକୋ ପ୍ରଦର୍ଶନୀ ପଡିଆରେ ଅନୁଷ୍ଠିତ ହେଉଛି। ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ୨୦ ଫେବୃଆରୀରେ ଏହି ମେଳାର ଉଦଘାଟନ କରିଥିଲେ। ଆଦିବାସୀ ମେଳାର ମୂଳ ଉଦ୍ଦେଶ୍ୟ ହେଉଛି, ରଙ୍ଗୀନ ଆଦିବାସୀ କଳା ଏବଂ ହସ୍ତଶିଳ୍ପ, ଜଙ୍ଗଲ ଏବଂ ଆଦିବାସୀ ଉତ୍ପାଦନ, ଆଦିବାସୀ ରୋଷେଇ, ଏବଂ ପ୍ରତ୍ୟେକ ସନ୍ଧ୍ୟାରେ ଆଦିବାସୀ ନୃତ୍ୟର ସାଂସ୍କୃତିକ କାର୍ଯ୍ୟକ୍ରମର ମଂଚ ପ୍ରଦର୍ଶନକୁ ପ୍ରୋତ୍ସାହିତ ତଥା ପାଳନ କରିବା। ଅଧିକନ୍ତୁ, ଏହି ମେଳା ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ହୋଇ ଓଡିଶାର ଆଦିବାସୀମାନଙ୍କର ଆବଶ୍ୟକ ବିକାଶ ବିଷୟରେ ସଚେତନତା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି। ଆମେ ଅଂଶୀଦାର କରି ଆନନ୍ଦିତ ଯେ, ଆମ ଜଙ୍ଗଲ ଯୋଜନା ଅଧୀନରେ ଥିବା ରେଙ୍ଗଟାସିଲ ଭିଏସଏସ୍ 'ମା ମହେଶ୍ୱରୀ ଏସଏଚଜି, ବଲାଙ୍ଗୀର ବନ ବିଭାଗର ପାଟଣାଗଡ ଏଫଏମୟୁରୁ ଆମ ଜଙ୍ଗଲ ଯୋଜନା ସଦସ୍ୟଙ୍କ ଦ୍ୱାରା ପ୍ରାୟୋଜିତ, କାର୍ପେଟ, ସାର୍ଟ, କୁର୍ତୀ, ଲୁଙ୍ଗି, ଟାୱେଲ, ବ୍ଲାଉଜ ଖଣ୍ଡ, ରୁମାଲ ଇତ୍ୟାଦି ପରି ପାରମ୍ପାରିକ ହସ୍ତତନ୍ତ ସାମଗ୍ରୀ ପ୍ରଦର୍ଶନ କରୁଛି। ୨୦ ଫେବୃଆରୀ ୨୦୨୩ ପର୍ଯ୍ୟନ୍ତ, ସେମାନେ ୭୦,୩୦୦ ଟଙ୍କା ମୂଲ୍ୟର ଉତ୍ପାଦ ବିକ୍ରି କରିଛନ୍ତି। ସେମାନଙ୍କ ଉଦ୍ୟମକୁ ପ୍ରଦର୍ଶନ କରିବା ପାଇଁ ସେମାନଙ୍କୁ ଏକ ମୂଲ୍ୟବାନ ପ୍ଲାଟଫର୍ମ ଯୋଗାଇ ଦେଇଥିବାରୁ ବଲାଙ୍ଗୀର ବନ ବିଭାଗକୁ କୃତଜ୍ଞତା ଜଣାଇଛନ୍ତି ଏସଏଚଜିର ସଭାପତି। ଆଦିବାସୀ ମେଳା କେବଳ ଆଦିବାସୀ କଳା ଏବଂ ସଂସ୍କୃତି ପ୍ରଦର୍ଶନ ପାଇଁ ଏକ ପ୍ଲାଟଫର୍ମ ନୁହେଁ, ବରଂ ଏହା ରାଜଧାନୀର ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ବାର୍ଷିକ ଘରର ଆବଶ୍ୟକତା ସଂଗ୍ରହ କରିବାର ସୁଯୋଗ ମଧ୍ୟ ପ୍ରଦାନ କରୁଥିବା ବେଳେ ପର୍ଯ୍ୟଟକମାନେ ଆଦିବାସୀ ସମାଜର ସାମଗ୍ରିକ ଚିତ୍ର ଏବଂ ଅନୁଭବ ପାଇବାକୁ ଭିଡ଼ ଜମାଇଛନ୍ତି।

## ମୁଖ୍ୟମନ୍ତ୍ରୀ କଳାକାର ସହାୟତା ପ୍ରଦାନ ଉତ୍ସବ

କନ୍ଧମାଳ, ୦୧/୦୩ (ନି.ପ୍ର): ଖଜୁରୀପଡା ପଂଚାୟତ ସମିତି ସଭାଗୃହରେ ଆଜି ରାଜ୍ଯ ସରକାରଙ୍କ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାର ସହାୟତା ପ୍ରମାଣପତ୍ର ପଂଚାୟତ ସମିତି ଅଧିନସ୍ଥ କଳାକାର ମାନଙ୍କୁ ବଂଟନ କରାଯାଇଛି। ପୂର୍ବରୁ ପଂଚାୟତ ସମିତି କାର୍ଯ୍ୟାଳୟରେ କଳାକାର ମାନେ ଦରଖାସ୍ତ ମାଧ୍ୟମରେ କଳାକାର ସହାୟତା ପାଇଁ ଆବେଦନ କରିଥିବା ବେଳେ ଚୟନ ପାଇଁ ବିଚାରକ ଏବଂ ପ୍ରସାଶନିକ ଅଧିକାରୀ ମାନଙ୍କ ଉପସ୍ଥିତିରେ ପ୍ରକୃତ କଳାକାର ମାନଙ୍କୁ ସେମାନଙ୍କ ଦକ୍ଷତାର ପ୍ରଦର୍ଶନ ମଧ କରାଯାଇ ଚୟନ କରାଯାଇଥିଲା। ବର୍ତମାନ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପ୍ରକାରେ କଳାକାର ମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଛି। ବ୍ଲକରେ ସମୁଦାୟ ୯୪ ଜଣ କଳାକାର ଆବେଦନ କରିଥିବା ବେଳେ ସେଥିରୁ ୬୬ ଜଣଙ୍କୁ ଯୋଗ୍ୟ ବିବେଚିତ କରାଯାଇଥିଲା। ସେଥିମଧ୍ୟରୁ ଜଣେ କଳାକାରଙ୍କ ପରଲୋକ ହୋଇଥିବା ବେଳେ ଆଜି ସମୁଦାୟ ୫୫ ଜଣ କଳାକାରଙ୍କୁ ସେମାନଙ୍କ ପ୍ରମାଣପତ୍ର ବଂଟନ କରାଯାଇଛି।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଂଚାୟତ ସମିତି ଅଧ୍ୟକ୍ଷା ସୁଶ୍ରୀ ଅନିମା କହଁର ଯୋଗଦାନ କରି ରାଜ୍ୟ ସରକାର ରାଜ୍ୟର କଳାସଂସ୍କୃତି ଏବଂ କଳାକାର ମାନଙ୍କ ବିକାଶ ପାଇଁ ସବୁବେଳେ ଉଦ୍ୟମ କରିଆସୁଛନ୍ତି ବୋଲି କହିବା ସହ ଯେଉଁ କଳାକାର ମାନଙ୍କୁ ଆଜି ପ୍ରମାଣପତ୍ର ପ୍ରଦାନ କରାଯାଇଛି ସେମାନଙ୍କୁ ଅଭିନନ୍ଦନ ଜଣାଉଛି ବୋଲି କହିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ବ୍ଲକ କଳାକାର ସଂଘ ସଭାପତି ଅନୁପମା ଘୋଷ କଳାକାର ମାନଙ୍କୁ ପ୍ରମାଣପତ୍ର ବଂଟନ ପରେ ଧନ୍ୟବାଦ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ଶ୍ରୀମତୀ ଉର୍ବଶୀ ଦିଗାଲ, ବ୍ଲକ କଳାକାର ସଂଘ ସମ୍ପାଦକ ତଥା ବିଏସଏସଓ ମନୋଜ କୁମାର ସାହୁ, କଳାକାର ସଂଘ ଉପସଭାପତି ସରୋଜ କୁମାର ସାହୁ, ମନୋଜ କୁମାର ସାସମଲଙ୍କ ସମେତ ବହୁ କଳାକାର ଉପସ୍ଥିତ ଥିଲେ।

# ମିଶନ ଶକ୍ତିର କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କ ସ୍ଥାୟୀ ଚାକିରି ଏବଂ ଦରମା ବୃଦ୍ଧି ଦାବି କରି ଆପ୍‌ର ବିରୋଧ ପ୍ରଦର୍ଶନ

ପୁରୀ, ୦୧/୦୩ (ନି.ପ୍ର): ଆମ୍ ଆଦମୀ ପାର୍ଟି ପୁରୀ ଜିଲ୍ଲା ତରଫରୁ ଆଜି ପୁରୀ ଟାଉନ ହଲ ନିକଟରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା କରାଯାଇଛି । ମିଶନ ଶକ୍ତିରେ ସହାୟକ ଷ୍ଟାଫ ଭାବରେ କାମ କରୁଥିବା ଏମବିକେ, ସିଆରପି, ପ୍ରାଣୀମିତ୍ର, କୃଷିମିତ୍ର ଏବଂ ବ୍ୟାଙ୍କମିତ୍ର ମାନେ ଦୀର୍ଘ ଦଶବର୍ଷ ଧରି କାମ କରୁଥିବା ବେଳେ ସେମାନଙ୍କୁ ସ୍ଥାୟୀ କରିବା ଓ ତାଙ୍କର ଦରମା ବୃଦ୍ଧି ନ ହେବା ଅତି କ୍ଷୋଭର ବିଷୟ ଏବଂ ତୁରନ୍ତ ଏହି ଦାବୀକୁ ଆପଣଙ୍କ ସରକାର ଗ୍ରହଣ କରୁ ବୋଲି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପୁରୀ ଜିଲ୍ଲାପାଳଙ୍କ ଦ୍ୱାରା ଦିଆଯାଇଛି। ପ୍ରତ୍ୟକ ପଂଚାୟତରେ କାର୍ଯ୍ୟରତ ଏହି କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କୁ ଅଧିକରୁ ଅଧିକ ଦାୟିତ୍ୱ ଦେବା ବେଳେ ସେମାନଙ୍କର ଚାକିରୀକୁ ସ୍ଥାୟୀ ନ କରିବା ଏବଂ ଦରମା ବୃଦ୍ଧି କରାନଯିବା ସରକାରଙ୍କର କର୍ମଚାରୀ ବିରୋଧୀ ମନୋଭାବକୁ ସ୍ପଷ୍ଟ କରୁଛି ବୋଲି ଜିଲ୍ଲା ଆବାହକ ସଞ୍ଜୀବ ମହାନ୍ତି କହିଛନ୍ତି। ମିଶନ ଶକ୍ତିର କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କୁ ନେଇ ବିଜୁ ଜନତା ଦଳ ଦ୍ୱାରା ପ୍ରସ୍ତୁତ କରାଯାଇଥିବା "ଅଲ ଓଡିଶା ଜିପିଏଲଏଫ ମିଶନ ଶକ୍ତି କର୍ମୀ ସାମୁଖ୍ୟ" ମଧ୍ୟଏହି ଦାବୀ ପୂରଣ ପାଇଁ ଫେବୃଆରି ୨୦ ତାରିଖରେ ରାଜରାସ୍ତାକୁ ଓହ୍ଲାଇଥିଲା । ଏମବିକେ, ସିଆରପି, ପ୍ରାଣୀମିତ୍ର, କୃଷିମିତ୍ର, ବ୍ୟାଙ୍କମିତ୍ର ଏବଂ ଏଲଏସପିର ଏହି ଆନ୍ଦୋଳନରେ ଓଡ଼ିଶାରେ ବିଭିନ୍ନ ଅଂଚଳରୁ କର୍ମକର୍ତା ଯୋଗ ଦେଇଥିଲେ । ସୁବାସ ସିଂହ ଏବଂ ପ୍ରଣବ ପ୍ରକାଶ ଦାସଙ୍କ ନିର୍ଦ୍ଦେଶରେ ଏ ପ୍ରକାର ଆନ୍ଦୋଳନ ହୋଇଥିଲେ ମଧ ସରକାର ମିଶନ ଶକ୍ତି ସପୋର୍ଟ ଷ୍ଟାଫଙ୍କର ନାର୍ଯ୍ୟ ଦାବୀକୁ ଗ୍ରହଣ କରୁନାହାନ୍ତି ବୋଲି ଜିଲ୍ଲା ମହିଳା ସଭାନେତ୍ରୀ ତପସ୍ୱିନୀ ଜଗଦେବ କହିଛନ୍ତି। ମିଶନ ଶକ୍ତିର ସମସ୍ତ ସପୋର୍ଟ ଷ୍ଟାଫଙ୍କୁ ସ୍ଥାୟୀ କରାଯାଉ ବୋଲି ଆମ୍ ଆଦମୀ ପାର୍ଟି ଦାବି କରିଛି ଏବଂ ସେମାନଙ୍କର ପାରିଶ୍ରମିକ ବୃଦ୍ଧି କରାଯାଉ । ଆଗାମୀ ଦିନରେ ଏ ଦାବୀ ପୂରଣ ପାଇଁ ଆମ୍ ଆଦମୀ ପାର୍ଟି ମିଶନ ଶକ୍ତିର କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କର ସମସ୍ତ ପ୍ରକାର ସହଯୋଗ କରିବ ଏବଂ ଆନ୍ଦୋଳନକୁ ଅଧିକ ତୀବ୍ରତର କରିବ ବୋଲି ଯୁବ ସଭାପତି ଅଂଶୁମାନ ଶତପଥୀ କହିଛନ୍ତି । ଆଜିର ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆବାହକ ସଞ୍ଜୀବ ମହାନ୍ତି, ଜିଲ୍ଲା ସୋସିଆଲ ମିଡ଼ିଆ ଅଧ୍ୟକ୍ଷ ସମୀର ସାମନ୍ତରାୟ, ଜିଲ୍ଲା ମୁଖ୍ୟ ପ୍ରବକ୍ତା ଅନିଲ କୁମାର ସେନାପତି, ଜିଲ୍ଲା ଲିଗାଲ ସେଲ ଅଧ୍ୟକ୍ଷ ବଶିଷ୍ଠ ରଥ, ପ୍ରକାଶ ପ୍ରଧାନ, ଜିଲ୍ଲା ଯୁବ ସଭାପତି ଅଂଶୁମାନ ଶତପଥୀ, ଜିଲ୍ଲା ଯୁବ ସମ୍ପାଦକ ସୁନିଲ ଜେନା, ସୁଧାଂଶୁ ଶେଖର, ପାର୍ବତୀ ପ୍ରଧାନ, ତପସ୍ୱିନୀ ଜଗଦେବ, ଚିନ୍ମୟୀ ରଥ, ଯୁଧିଷ୍ଠିର ବାରିକ୍, ଶ୍ୟାମଳେନ୍ଦୁ ପ୍ରଧାନ, ଯୁଲ୍ଫକର୍ ଅଲି, ଅଜିତ ବାରିକ୍, ଉମା ଦେବୀ, ଜନ୍ମେଜୟ ଜେନା, ବିଭୁତି ମାଲିଆ, ବିରଜା ନାଥ, ରବୀନ୍ଦ୍ର ନାଥ ସାହୁ, କାର୍ତିକ ପରିଡା, ନରେନ୍ଦ୍ର ମୁଦୁଲି ପ୍ରମୁଖ ଜିଲ୍ଲା ସଦସ୍ୟ ଉପସ୍ଥିତ ଥିଲେ।

## କାର୍ଯ୍ୟରତ ପ୍ରଧାନଶିକ୍ଷକଙ୍କ ହୃଦଘାତରେ ପରଲୋକ

ଧର୍ମଶାଳା, ୦୧/୦୩ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ମହେଶ୍ୱରପୁର ପଂଚାୟତସ୍ଥ ଚାନ୍ଦପୁର-ମହେଶ୍ୱରପୁର ଉଚ୍ଚ ବିଦ୍ୟାଳୟର କାର୍ଯ୍ୟରତ ପ୍ରଧାନଶିକ୍ଷକ ଫାରୁକ ଖାଁନଙ୍କର ଆଜି ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି । ପରଲୋକ ବେଳକୁ ତାଙ୍କୁ ୫୬ ବର୍ଷ ହୋଇଥିଲା । ତାଙ୍କ ପରଲୋକର ଖବର ପ୍ରଚାରିତ ହେବା ପରେ ବିଦ୍ୟାଳୟ ପରିସରରେ ଶୋକାକୂଳ ପରିବେଶ ସୃଷ୍ଟି ହେବା ସହ ଅବିଭକ୍ତ ବ୍ରହ୍ମବରଦା ଅଂଚଳରେ ଶୋକରଛାୟା ଖେଳିଯାଇଛି । ମର ଶରୀରକୁ ଭୁବନେଶ୍ୱରରୁ ବିଦ୍ୟାଳୟ ପରିସରକୁ ଅଣାଯାଇଥିଲା । ସେଠାରେ ଶେଷ ଦର୍ଶନ ପରେ ତାଙ୍କ ବାସଭବନ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଚାରିନଙ୍ଗଳ ଗ୍ରାମକୁ ନିଆଯାଇଥିଲା । ବାଟରେ ତାଙ୍କ ମରଶରୀରକୁ ସ୍ୱାଗତ କରାଯାଇଥିଲା । ମରଶରୀର ତାଙ୍କ ବାସଭବନରେ ପହଚିବା ପରେ ବହୁ ବ୍ୟକ୍ତି ବିଶେଷ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ପଂହଚି ଶେଷ ଦର୍ଶନ କରିବା ସହିତ ଶୋକାକୂଳ ପରିବାରଙ୍କୁ ସମବେଦନା ଜଣାଇଥିଲେ । ବିଦ୍ୟାଳୟର ଶିକ୍ଷକ ସେକ୍ ତାଜୁଦ୍ଦିନ, ମନୋଜ କୁମାର ବାରିକ, ମହେନ୍ଦ୍ର ଓଝା, ବାବୁଲି କୁମାର କର, ନିବେଦିତା କର, କଲ୍ୟାଣୀ ସନ୍ଧିବିଗ୍ର, ବିଚିତ୍ର ଗିରି, ବଜେନ୍ଦ୍ର କୁମାର ଦାସ,ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସେକ୍ ଅକ୍ତର ଅଲ୍ଲୀ,ସରପଂଚ ଝରଣା ପାତ୍ର, ଯୁବ ନେତା ସେକ୍ ଆଶାରୁଲ,ଜାକିର ହୋସେନ,ବ୍ରହ୍ମବରଦା ସରପଂଚ ମମତା ଶୁଭଦର୍ଶନୀ ଦେଓ, ପ୍ରଦୀପ ଦାସ, ଅବସରପ୍ରାପ୍ତ କର୍ମଚାରୀ ସଂଘ ସମ୍ପାଦକ ବିଶ୍ୱନାଥ ପଣ୍ଡାଙ୍କ ସମେତ ବ୍ରହ୍ମବରଦାର ସମସ୍ତ ଶିକ୍ଷାନୁଷ୍ଠାନ ଶିକ୍ଷକଶିକ୍ଷୟିତ୍ରୀ ,ଅବିଭାବକ ଓ ଛାତ୍ରଛାତ୍ରୀ ପ୍ରମୁଖ ଗଭୀର ଶୋକପ୍ରକାଶ କରିଛନ୍ତି । ସୂଚନା ଥାଉକି,ସ୍ୱର୍ଗତ ଖାଁନ ଚଳିତ ମାସ ୨୨ତାରିଖ ଦିନ ବିଦ୍ୟାଳୟ ଶ୍ରେଣୀଗୃହରେ ପଢାଉଥିବା ସମରେ ସେ ଟଳି ପଡିଥିଲେ । ତାଙ୍କୁ ତୁରନ୍ତ ସ୍ଥାନୀୟ ମେଡିକାଲକୁ ନେଇଥିଲେ । ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା । ତେବେ ଆଜି ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ପରଲୋକ ଘଟିଥିଲା । ଜଣେ ଆଦର୍ଶ ଶିକ୍ଷକ ଭାବେ ବେଶ ଜଣାଶୁଣା । ପିଲାମାନଙ୍କୁ ଭଲ ପାଇବା ସହିତ ଧର୍ମ କାର୍ଯ୍ୟକୁ ସେ ଗୁରୁତ୍ୱ ଦେଉଥିଲେ । ସ୍ଥାନୀୟ ଅଂଚଳରୁ ଜଣେ ଆଦର୍ଶ ଶିକ୍ଷକ ଚାଲିଗଲେ ବୋଲି ଛାତ୍ରଛାତ୍ରୀ ଓ ଅବିଭାବକ ମହଲରେ ଆଲୋଚନା ହେଉଛି ।

# କଦମପଡା ସରସ୍ୱତୀ ଶିଶୁ ମନ୍ଦିରରେ 'ବିଜ୍ଞାନ ଦିବସ' ପାଳିତ

ବଲାଙ୍ଗିର, ୦୧/୦୩ (ନି.ପ୍ର): ଆଜି ବଲାଙ୍ଗୀର କଦମପଡା ସ୍ଥିତ ସରସ୍ୱତୀ ଶିଶୁମନ୍ଦିରରେ ସାର ସି.ଭି.ରମଣଙ୍କ ଜନ୍ମଦିନ ଅବସରରେ ବିଜ୍ଞାନ ଦିବସ ପାଳନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ରାଜେନ୍ଦ୍ର କଲେଜ ପୂର୍ବତନ ଅଧକ୍ଷ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗର ଅବସରପ୍ରାପ୍ତ ଅଧ୍ୟାପକ ଡ. ଅଭିମନ୍ୟୁ ମିଶ୍ର ଦୀପ ପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ କରିଥିଲେ । ମଂଚାସୀନ ଅତିଥିଙ୍କ ପରିଚୟ ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ସୁବ୍ରତ କୁମାର ବେହେରା କରିଥିଲେ । ସ୍ୱାଗତ ସଂଗୀତ ଛାତ୍ରୀ ସ୍ନେହାଞ୍ଜଳୀ ପଣ୍ଡା, ଭାଗ୍ୟଶ୍ରୀ ମହାପାତ୍ର, ପ୍ରତୀକ୍ଷା ନିଆଲ, ରାଜନନ୍ଦିନୀ ବେହେରା, ପ୍ରିୟଙ୍କା ସାହୁ, ରେଶ୍ମା ମେହେର, ପ୍ରତିଭା ସାହୁ ଗାନ କରିଥିଲେ। ତାପରେ ମୁଖ୍ୟଅତିଥି ନିଜ ବକ୍ତବ୍ୟ ଦେଇ ଶିଶୁଙ୍କ ଉଦ୍ଦେଶ୍ୟରେ କହିଥିଲେ ଯେ, ସୁସ୍ଥଦେହ ହିଁ ସୁସ୍ଥ ମନର କାରଣ ଏବଂ ଏକ ସୁସ୍ଥ ମନ ହିଁ ବୈଜ୍ଞାନିକ ମନୋଭାବକୁ ସଂଚାରିତ କରେ । ଏହି କାର୍ଯ୍ୟକ୍ରମକୁ ଛାତ୍ରୀ ସାକ୍ଷୀପ୍ରଜ୍ଞା ନାଏକ ଓ ସ୍ନେହାଞ୍ଜଳୀ ପଣ୍ଡା ସଂଯୋଜନା କରିଥିଲା ବେଳେ ଗୁରୁମା ନିରୂପମା ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । ମଂଚାସୀନ ଅନ୍ୟତମ ଅତିଥିଙ୍କ ମଧ୍ୟରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ରସାୟନ ବିଭାଗର ପ୍ରଧ୍ୟାପକ ପ୍ରେମଚାନ୍ଦ ମହାନ୍ତି, ଅବସରପ୍ରାପ୍ତ ବଲାଙ୍ଗୀର ହୋମିଓପାଥି ମେଡିକାଲର ମେଡିକାଲ ଅଫିସର ଗୋଦାବରୀଶ ରଥ, କୋଷାଧକ୍ଷ ସତ୍ୟାନନ୍ଦ ଷଡଙ୍ଗୀ, ପୂର୍ବତନ ସଂପାଦକ ଚିତରଞ୍ଜନ ପଟେଲ, ସଦସ୍ୟ ସନାତନ ଠାକୁର ଉପସ୍ଥିତ ଥିଲେ।

ଏହାପରେ ୧ମରୁ ୧୦ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଜ୍ଞାନ କୁଇଜ ପ୍ରତିଯୋଗିତା କରାଯାଇଥିଲା । ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ । ଛାତ୍ରଛାତ୍ରୀମାନେ ଭାରତୀୟ ବୈଜ୍ଞାନିକମାନଙ୍କ ବିଷୟରେ ଅଭିଭାଷଣ ମାନ ଉପସ୍ଥାପନା କରିଥିଲେ। ସମସ୍ତ ଗୁରୁଜୀ ଗୁରୁମା ଙ୍କ ସହଯୋଗରେ ଉକ୍ତ କାର୍ଯ୍ୟକ୍ରମଟି ସଫଳତା ସହ ସମ୍ପନ୍ନ ହୋଇଥିଲା।

## ଚମ୍ପୁଆ ଶିଶୁ ବିଦ୍ୟା ମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ ପାଳିତ

ଚମ୍ପୁଆ, ୦୧/୦୩ (ନି.ପ୍ର): ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସଙ୍କ ଅଧ୍ୟକ୍ଷତାରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥିଭାବେ ପରିଚାଳନା ସମିତିର ସଭାପତି ରମାକାନ୍ତ ପ୍ରଧାନ ଯୋଗ ଦେଇ ବିଜ୍ଞାନକୁ ଜଗତର କଲ୍ୟାଣରେ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ କଳାକର ମହାନ୍ତ ଯୋଗ ଦେଇ ବିଭିନ୍ନ ବୈଜ୍ଞାନିକ ମାନଙ୍କର ଉଦାହରଣ ମାଧ୍ୟମରେ ବିଜ୍ଞାନ ସୃଷ୍ଟି ଯୋଗୁଁ ମଣିଷ ଜୀବନ ସହଜ ହୋଇପାରିଛି ବୋଲି କହିଥିଲେ। ବିଜ୍ଞାନ ଗୁରୁଜୀ ରବୀନ୍ଦ୍ର କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ରମଣ ରଶ୍ମିର ଉପଯୋଗୀତା ଓ ଭେଙ୍କଟରମଣଙ୍କ ଜୀବନୀ ବିଷୟରେ ମାର୍ଗଦର୍ଶନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ ଛାତ୍ରଛାତ୍ରୀମାନଙ୍କୁ ସତ୍ୟର ସନ୍ଧାନ ଓ ଅନ୍ଧକାରରୁ ଆଲୋକର ଆବିଷ୍କାର କରିବା ହିଁ ବିଜ୍ଞାନ ବୋଲି ମତପୋଷଣ କରିଥିଲେ। ଆଚାର୍ଯ୍ୟ ସରୋଜ କୁମାର ପାତ୍ର ଅତିଥି ପରିଚୟ ପ୍ରଦାନ ଓ ମଂଚ କାର୍ଯ୍ୟ ପରିଚାଳନା କରିଥିଲେ।

## ସ୍ୱର୍ଣ୍ଣ ପଦକ ବିଜୟୀ ବଡି ବିଲ୍ଡରଙ୍କୁ ସମ୍ବର୍ଦ୍ଧନା

ପୁରୀ, ୦୧/୦୩ (ନି.ପ୍ର): କର୍ଣ୍ଣାଟକର ମାଙ୍ଗାଲୋର ଠାରେ ଚଳିତ ମାସ ୨୦ ରୁ ୨୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ବଡି ବିଲଡିଙ୍ଗ ଚମ୍ପିୟାନସିପର ୭୫ ରୁ ୮୦ କିଗ୍ରା ବର୍ଗରେ ପୁରୀର ଦିବ୍ୟ ଶୁଭ୍ରାଶିଷ ଚିନାରା ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ।ଏହି ସଫଳତା ପାଇଁ ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ସମର୍ଥ ବର୍ମା ଶ୍ରୀ ଚିନାରାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ନିଷ୍ଠା, ଆନ୍ତରିକତା ଓ ପ୍ରତିବଦ୍ଧତାକୁ ବଜାୟ ରଖିବା ସହ ଜିଲ୍ଲା ତଥା ରାଜ୍ୟ ପାଇଁ ଆହୁରି ଅନେକ ଗୌରବ ଆଣିବା ପାଇଁ ସେ ଆଶାବ୍ୟକ୍ତ କରିଥିଲେ।

ଏହି ସମ୍ବର୍ଦ୍ଧନା ସମୟରେ ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ ସାହୁ, ବାର ଆସୋସିଏସନର ସମ୍ପାଦକ ବିଭୁତି ଶଙ୍କର ତ୍ରିପାଠୀ, ପୂର୍ବତନ ସମ୍ପାଦକ ଶାରଦା ପ୍ରସାଦ ସାମଲ, ସୁରଜ ମଲ୍ଲ ସାହା କଲେଜର ପି ଇ ଟି ହରିହର କର, ରଘୁନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ମୂଳାପାଳ ପଂଚାୟତରେ ପିଡିଏସ ଚାଉଳରେ ପ୍ଲାଷ୍ଟିକ ଚାଉଳ

କୋରାଇ, ୦୧/୦୩ (ନି.ପ୍ର): କୋରାଇ ବ୍ଲକ୍‌ର କେତେକ ପଂଚାୟତରେ ପିଡିଏସ ଚାଉଳ ଖାଇ ବହୁଲୋକ ଆକ୍ରାନ୍ତ ହୋଇଥିବା ଖବର ପ୍ରଚାରିତ ହେବା ପରେ ମୂଳାପାଳ ପଂଚାୟତରେ ଏବେ ଏହା ଦେଖିବାକୁ ମିଳିଛି । ମୂଳାପାଳ ଗ୍ରାମର ମହେଶ୍ୱର ସାମଲ ଏହି ଖାଦ୍ୟଖାଇ ଅସୁସ୍ଥ ହେବାର ଅଭିଯୋଗ କରିଛନ୍ତି । ବରପଦା ଗ୍ରାମରେ ଏହି ପିଡିଏସ ଚାଉଳରେ ଅପମିଶ୍ରିତ ପ୍ଲାଷ୍ଟିକ ଚାଉଳ ଦେଖିବାକୁ ମିଳିଛି। ଯାହାକୁ ନେଇ ସାଧାରଣରେ ଭୟ ଓ ଆଶଙ୍କା ଦେଖାଦେଇଛି । ଅପରପକ୍ଷେ ଏହା ଭିଟାମିନ ମିଶ୍ରିତ ଚାଉଳ ବୋଲି ରିଟେଲର ମହେଶ୍ୱର ଦାସ କହିଛନ୍ତି । ପ୍ରକାଶ ଯେ କୋରାଇ ବ୍ଲକର ମୂଳାପାଳ ପଂଚାୟତ ବରପଦା ଗ୍ରାମର କିଛି ଲୋକ ଚଳିତ ମାସର ରାସନ ଚାଉଳ ଆଣିଥିଲେ। ଚାଉଳ ଆଣିବା ପରେ ଭାତ କରିବା ପାଇଁ ଉକ୍ତ ଚାଉଳକୁ ପାଣିରେ ପକାଇବା ପରେ ସେଗୁଡିକ ଭାସିବା ଭଳି ଦେଖାଯାଇଥିଲା। ଚାଉଳରୁ ଭାତ ହେବା ତ ଦୁରର କଥା ସମସ୍ତ ଚାଉଳ ଜାଉ ହୋଇଯାଇଥିଲା। ଏନେଇ ସନ୍ଦେହ ଉପୁଜିବା ପରେ ଗ୍ରାମର ହିତାଧିକାରୀ ଉକ୍ତ ଚାଉଳକୁ ନିଆଁରେ ପୋଡିଥିଲେ ମଧ୍ୟ ତାହା ପ୍ଲାଷ୍ଟିକ ଭଳି ତରଳି ଯାଇଥିଲା। ଫଳରେ ସେଗୁଡିକ ପ୍ଲାଷ୍ଟିକ ଚାଉଳ ବୋଲି ଜଣାପଡିଥିଲା। ଏନେଇ ଭୟ ସଂଚାର ହେବାରୁ ଉକ୍ତ ଚାଉଳକୁ ମହିଳା ମାନେ ବାଛି ରୋଷେଇ କରୁଥିବା ଦେଖାଯାଇଛି। ବରପଦା ଗ୍ରାମର ବାସନ୍ତୀ ମାଝୀ, ରାଜ କିଶୋର ପରିଡା, ଅରୁଣ ମଳିକ, ହରିହର ମଳିକ, ନିଂଜନ ବେହେରା, ବାବୁରାମ ପରିଡା, ବଟକୃଷ୍ଣ ପରିଡା, ରତ୍ନାକର ବେହେରା, ଶିଶିର ଖଟୁଆ, କରୁଣା ମଳିକ , ରାଜେନ୍ଦ୍ର ମଳିକ ପ୍ରମୁଖ ସମାନ ଅଭିଯୋଗ ଆଣିଛନ୍ତି । ତେବେ ଘଟଣା ସମ୍ପର୍କରେ କୋରାଇ ବ୍ଲକ ଯୋଗାଣ ଅଧିକାରୀ ପ୍ରଶାନ୍ତ କୁମାର ନାୟକଙ୍କୁ ପଚାରିବାରୁ ଦିଆଯାଇଥିବା ଚାଉଳ ପ୍ଲାଷ୍ଟିକ୍ ନୁହେଁ ଭିଟାମିନ୍ ଚାଉଳ ବୋଲି କହିଛନ୍ତି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଚଳିତ ୨୦୨୩ ମସିହା ଜାନୁଆରୀ ମାସରୁ ଏହି ଚାଉଳ ଲୋକଙ୍କୁ ଦିଆଯାଇଛି। ଏହି ଚାଉଳ ପୂର୍ବରୁ ରାଜ୍ୟର ୪ଟି ଜିଲ୍ଲାରେ ଦିଆଯାଉଥିବା ବେଳେ ଏବେ ସମଗ୍ର ରାଜ୍ୟରେ ଦିଆଯାଉଛି। ପ୍ରତି କେଜି ସାଧାରଣ ଚାଉଳରେ ଶହେ ଗ୍ରାମର ଭିଟାମିନ୍ ଯୁକ୍ତ ଚାଉଳ ମିଶାଇ ଲୋକଙ୍କୁ ଦିଆଯାଉଛି। ଅପପୃଷ୍ଟି ଦୁର କରିବା ଏବଂ ଲୋକଙ୍କୁ ଆବଶ୍ୟକ ଭିଟାମିନ୍ ଦିଆଯିବାକୁ ସରକାର ଏଭଳି ବ୍ୟବସ୍ଥା କରିଥିବା ବେଳେ ଏହା କୌଣସି ପ୍ଲାଷ୍ଟିକ ଚାଉଳ ନୁହେଁ ବୋଲି ଶ୍ରୀ ନାୟକ କହିଛନ୍ତି। ଉକ୍ତ ଚାଉଳ ଖାଇ ଝାଡାବାନ୍ତି ହେବାକୁ ଶ୍ରୀ ନାୟକ ଖଣ୍ଡନ କରିବା ସହିତ ଅନ୍ୟ କୌଣସି କାରଣରୁ ତାହା ହୋଇପାରେ ବୋଲି କହିଛନ୍ତି। ତେବେ ଆକ୍ରାନ୍ତ ବ୍ୟକ୍ତି ଏଥି ଯୋଗୁ ବା ଅନ୍ୟ କାରଣ ତାହା ତଦନ୍ତ ସାପେକ୍ଷ । ଅନ୍ୟପକ୍ଷରେ ଯଦି ଏହା ଭିଟାମିନ ଯୁକ୍ତ କରାଯାଇଛି ତାହା ସର୍ବସାଧାରଣରେ ପ୍ରଚାର ପ୍ରସାର କରାଯାଇନଥିବାରୁ ଏଭଳି ଘଟଣା ଦେଖିବାକୁ ମିଳିଛି।

# ଲୋକଦୃଷ୍ଟି କଲେଜର ୧୫ତମ ବାର୍ଷିକ ଉତ୍ସବ ପାଳନ

ନୂଆପଡ଼ା, ୦୧/୦୩ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଗଡ୍ରାମୁଣ୍ଡା ସ୍ଥିତ ଲୋକ ଦୃଷ୍ଟି ଏଡଭାନସ ଟେ କୋନଲୋଜି କଲେଜ ରେ ୧୫ ତମ ବାର୍ଷିକ ଉତ୍ସବ ଧୁମ୍ ଧାମ ରେ ପାଳିତ ହୋଇଯାଇଛି ।ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଆୟକର ବିଭାଗ ର କମିସନର ଶ୍ରୀକାନ୍ତ ଚାଟାର୍ଜୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଖଡ଼ିଆଳ ସ୍ୱେଙ୍ଗ ଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ତରୁଣ କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବେ ନୂଆପଡ଼ା ,ନୂଆପଡ଼ା ନେସନ୍ନାଲ କଲେଜ ର ପୂର୍ବତନ ଅଧ୍ୟକ୍ଷ ଡ୍ ମେଜର ରାମଚନ୍ଦ୍ର ମିଶ୍ର ,ଖଡ଼ିଆଳ କଲେଜ ର ପୂର୍ବତନ ଅଧକ୍ଷ ସୁପ୍ରିୟା ଚାଟାର୍ଜୀ, କଣ୍ଟାବାଞ୍ଜି କେ ଭି କଲେଜ ଅଧାପକ ଲୋହିତାକ୍ଷା ଯୋଶୀ,ପ୍ରମୁଖ ମଞ୍ଚାସିନ ହୋଇ ଛାତ୍ର ଛାତ୍ରୀ ମାନେ କିପରି ନିଜ ଉଜ୍ଵାଲ ଭବିଷ୍ୟତ ଗଢିବେ ଏବଂ ନିଜ ଗ୍ରାମ ତଥା ଜିଲ୍ଲା ଏବଂ କଲେଜ ର ନାମ କୁ ଶିକ୍ଷା କ୍ଷେତ୍ର ରେ ଆଗକୁ ବଢାଇ ପାରିବେ ସେ ନେଇ ମାତା ପ୍ରକାଶ କରିଥିଲେ ।ପରେ କଲେଜ ର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏଥିରେ ଓଡ଼ିଶୀ,ସମ୍ବଲପୁରୀ ନୃତ୍ୟ ଅନେକ ଙ୍କ ମନ ମୋହିଥିବା ବେଳେ ଅନେକ ଛତେଛାତ୍ରି ,ଦର୍ଶକ ସାଂସ୍କୃତିକ କାର୍ଯ୍ୟ କ୍ରମ ରେ ବିଭୋର ହୋଇ ଉପଭୋଗ କରିଥିଲେ ।ଏଥିରେ ଲୋକଦୃଷ୍ଟି କଲେଜ ଅଧ୍ୟକ୍ଷ ତାପସ ରଞ୍ଜନ ପାଣିଗ୍ରାହୀ, ଅଧାପକ ହେମା ରଞ୍ଜନ ପୋଢ଼, ତିଲୋଚନ ଜଗତ, ଯୋଷୋବନ୍ତ ପୁଞ୍ଜି, ଶାଶ୍ୱତ ଚଲାନ୍, ଶିବାନୀ ମୁଣ୍ଡ,, ଶ୍ୱେତା ମହାପାତ୍ର ,ଉଦିତ ତାଣ୍ଡି, ଶୋଭିତ ମିଶ୍ର, ଚୂଡାମଣି ସାହୁ,ରୁପେଶ ବୈଠାରୁ, ରାଜେନ୍ଦ୍ର ହଂସ, ସୁମିଟ ଠାକୁର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟ କ୍ରମ ପରିଚାଳନା କରିଥିଲେ ।

# ବଳଦେବଜୀଉ ବିଦ୍ୟାପୀଠ ୧୯୯୫ ବ୍ୟାଚର ବନ୍ଧୁମିଳନ ଉତ୍ସବ

ଧର୍ମଶାଳା, ୦୧/୦୩ (ନି.ପ୍ର): ଧର୍ମଶାଳା ବ୍ଲକ ଦେଓଦା ପଂଚାୟତସ୍ଥ ବଳଦେବଜୀଉ ବିଦ୍ୟାପୀଠ ୧୯୯୫ ମସିହା ବ୍ୟାଚର ଏକ ବନ୍ଧୁ ମିଳିନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଦେଓଦା ବଳଦେବଜୀଉ ମନ୍ଦିର ପରିସରରେ ଆୟୋଜିତ ଏହି ଉତ୍ସବରେ ଶିକ୍ଷକ ବସନ୍ତ କୁମାର ସାହୁଙ୍କ ସମେତ ପ୍ରାକ୍ତନଶିକ୍ଷାବିତ୍ ପ୍ରମୁଖ ଯୋଗ ଦେଇ ପୁରାତନ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ନିଜ ସମୟରେ ପାଠ ପଢି ବିଭିନ୍ନ କ୍ଷେତ୍ରରେ ଛାତ୍ରଛାତ୍ରୀମାନେ କୃତିତ୍ୱ ହାସଲ କରିଥିବାରୁ ଶିକ୍ଷକମାନେ ବେଶ ଉତ୍ସାହିତ ହୋଇଥିଲେ । ଏଭଳି ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆଗାମୀ ଦିନରେ ଚାଲୁ ରହିବାକୁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ଛାତ୍ରଛାତ୍ରୀ ସଂଘ ସଭାନେତ୍ରୀ ଅରୁନ୍ଧତି ପଣ୍ଡା,ସମ୍ପାଦିକା ସ୍ମୃତିରେଖା ପଣ୍ଡା, କୋଷାଧ୍ୟକ୍ଷ ଅମ୍ଲାନ କୁମାର ପାଣି କାର୍ଯ୍ୟକ୍ରମ ପରିଚାନାରେ ସହଯୋଗ କରିଥିଲେ । ଏହି ଉତ୍ସବରେ ଉପସଭାପତି କୁଳମଣୀ ସାହୁ, ବାସୁଦେବ ପଣ୍ଡା,ନଳିନି ପାଣିଗ୍ରାହୀ, ମନୋରମା ପାଣିଗ୍ରାହୀ, ସସ୍ମିତା ନନ୍ଦ, ମୀନତି ମିଶ୍ର, ଅମୂଲ୍ୟ ସାହୁ, ପ୍ରକାଶ ମିଶ୍ର, ବିଜୟ ମଲିକ, ସୁନିଲ ନନ୍ଦ, ଶ୍ୟାମସୁନ୍ଦର ବେହେରା, ତୁଷାର ମିଶ୍ର, ମନୋଜ ସାହୁ, ଅନିଲ ପାଣି, ତପନ ପାଣିଗ୍ରାହୀ, ନିରଞ୍ଜ ମଲିକ, ହିମାଂଶୁ ମହାନ୍ତି, ସୁଧାକର ରଣା, ନିରଞ୍ଜନ ମହାରଣା କାର୍ଯ୍ୟରେ ଉପସ୍ଥିତ ରହି ପୂର୍ଣ୍ଣ ସହଯୋଗ କରିଥିଲେ । ଶେଷରେ କୋଷାଧ୍ୟକ୍ଷ ଅମ୍ଲାନ ପାଣି ଧନ୍ୟବାଦ ଅର୍ପଣ କରିଥିଲେ ।

# ତ୍ରିବେଣୀ ଯୁବ ଜନକଲ୍ୟାଣ ସଙ୍ଗଠନର ଗଣବିବାହ : ୫ ଯୋଡା ଅସହାୟ ବରକନ୍ୟାଙ୍କ ବିବାହ ସମ୍ପନ୍ନ



ବାରିପଦା, ୦୧/୦୩ (ନି.ପ୍ର): ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଆଜି ତ୍ରିବେଣୀ ଯୁବ ଜନକଲ୍ୟାଣ ସଙ୍ଗଠନର ତରଫରୁ ବାରିପଦା ସତ୍ୟନାରାୟଣ ମନ୍ଦିର ଠାରେ ଗଣବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଗଣବିବାହ କାର୍ଯ୍ୟକ୍ରମରେ ଗରିବ ତଥା ଅସହାୟ ୫ଯୋଡା ସମାଜିକ ଓ ଆର୍ଥିକ ଅନଗ୍ରସର ବର ଓ କନ୍ୟାଙ୍କର ବିବାହ ସଙ୍ଗଠନ ତରଫରୁ ବିନା ମୂଲ୍ୟରେ ସମ୍ପନ୍ନ କରାଯିବା ସହ ବରକନ୍ୟାଙ୍କୁ ନୂତନ ପୋଷାକ ଓ ବିବାହ ସାମଗ୍ରୀ ସହିତ ଏହି ଅନୁଷ୍ଠାନ ତରଫରୁ ପଲଙ୍କ, ଆଲମୀରା, ବିଛଣା ସେଟ, ବାକ୍ସ ସୁନା ନାକଫୁଲ, ଘରକରଣା ସାମଗ୍ରୀ, ବର କନ୍ୟାଙ୍କ ପାଇଁ ହାତଘଂଟା ମଧ୍ ?ଯ ବିନା ମୁଲ୍ୟରେ ଯୋଗାଇ ଦିଆଯାଇଥିଲା । ଉଭୟ ବର ଓ କନ୍ୟା ପକ୍ଷ ବାରିପଦା ମାଅମ୍ବିକାଙ୍କ ମନ୍ଦିର ଠାରୁ ଏକ ଶୋଭାଯାତ୍ରାରେ ଯାଇ ବାରିପଦା ସତ୍ୟନାରାୟଣ ମନ୍ଦିର ନିକଟରେ ପହଂଚିବା ପରେ ଅଲଗା ଅଲଗା ବେଦି ରେ ସମସ୍ତଙ୍କର ବ୍ରାହ୍ମଣ ପୂରୋହିତଙ୍କ ମାଧ୍ୟମରେ ବିବାହକାର୍ଯ୍ୟ ସମ୍ପର୍ଣ୍ଣ ହୋଇଥିଲା । ଏହି ଅବସର ରେ ମାନସ ରଂଜନ ଭୂୟାଁ, ଜୟନ୍ତ ଦିଗାର, କମଳ କିଶୋର କର୍ଣାନୀ, ମାରୁଆଡି ମହିଳା ମୋର୍ଚ୍ଚା ସଭାନେତ୍ରୀ ମଂଜୁଲତା ଖଣ୍ଡେଲୱାଲ, ରମେଶ ଚନ୍ଦ୍ର ସାହୁ, ସେବତି ସାହୁ ପ୍ରମୁଖ ବସ୍ତ୍ର ଓ ଗହଣା ଆସବାବ ପତ୍ର ପ୍ରଦାନ କରିଥିଲେ । ଏହି ଅବସରରେ ବାରିପଦା ଯୁବ ଜନକଲ୍ୟାଣ ସଙ୍ଗଠନର ସଭାପତି ସନ୍ତୋଷ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଆଶୀର୍ବାଦୀ ସଭାରେ ପଶ୍ଚିମବଙ୍ଗ ଗଣ ବିବାହ ଟିମର ସମ୍ପାଦକ ସନାତନ ଦାସ, କୋଷାଧକ୍ଷ ଅନୁପ କୁମାର କର, ବାରିପଦା ଟିମ ସଭାପତି ଚନ୍ଦ୍ର ଶେଖର ଖଣ୍ଡେଲୱାଲ, ସାଧାରଣ ସମ୍ପାଦକ ଗୟା ପ୍ରସାଦ ଖଣ୍ଡେଲୱାଲ, ସଂଗଠନ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ଦାସ, କୋଷାଧକ୍ଷ ସରୋଜ କୁମାର ସାହୁ, ବିଜୟ କୁମାର ଅଗ୍ରୱାଲ, ଅଜୟ କୁମାର ଝା, ସରୋଜ କୁମାର ଦାସ, ଶମ୍ଭୁ ଦୟାଲ ଖଣ୍ଡେଲୱାଲ, କମଳ ଗିରି, ଅଜିତ କୁମାର ଭଂଜଦେଓ, ସୀତାରାମ ଖଣ୍ଡେଲୱାଲ, ବଜରଙ୍ଗ ଅଗ୍ରୱାଲ, ସୁଧାଂଶୁ ଶେଖର ମହାନ୍ତି ପ୍ରମୁଖ ନବ ଦମ୍ପତିଙ୍କୁ ଆଶିର୍ବାଦ ପ୍ରଦାନ କରିବା ସହ ଅନୁଷ୍ଠାନର କାର୍ଯ୍ୟକୁ ପ୍ରଶଂସା କରିଥିଲେ ।

## ଆଦିବାସୀ ବସ୍ତି ଉଠାଇବାକୁ ନେଇ ନୋଟିସ୍, ଚିନ୍ତାରେ ୧୮ ପରିବାର

ଭଦ୍ରକ, ୦୧/୦୩ (ନି.ପ୍ର): ଦୀର୍ଘଦିନ ହେବ ରହିଥିବା ସ୍ଥାନରୁ ଉଚ୍ଛେଦ ପାଇଁ ନୋଟିସ୍। ୧୯ ରୁ ୭ ପରିବାରକୁ ଘର ଉଚ୍ଛେଦ ପାଇଁ ଆସିଛି ନୋଟିସ୍। ଯାହାକୁ ନେଇ ଚିନ୍ତାରେ ସ୍ଥାନୀୟ ବାସିନ୍ଦା। ସୂଚନାଯୋଗ୍ୟ ଯେ, ଭଦ୍ରକ ଜିଲା ଭଣ୍ଡାରିପୋଖରୀ ତହସିଲ ଅଧୀନ ନିର୍ଗୁଣ୍ଡି ପଂଚାୟତ, ଅନନ୍ତପୁର ଆଦିବାସୀ ସାହିରେ ୧୮ ରୁ ଅଧିକ ଆଦିବାସୀ ପରିବାର ଦୀର୍ଘବର୍ଷ ହେବ ରହି ଆସୁଛନ୍ତି। ଏହି ସ୍ଥାନକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ବିବାଦ ପରେ ଅଂଚଳର ୮ ପରିବାରକୁ ଉଚ୍ଛେଦ ପାଇଁ ତହସିଲ ତରଫରୁ ନୋଟିସ୍ ଲଗାଯାଇଛି। ଯଥାଶୀଘ୍ର ଘର ଖାଲି କରିବା ପାଇଁ ନୋଟିସ୍ ପାଇବା ପରେ ଆଦିବାସୀ ପରିବାରର ଲୋକେ ସରକାରୀ ଅପିସରେ ଚକ୍କର କାଟୁଛନ୍ତି। ତେବେ ଏହି ଆଦିବାସୀ ପରିବାରଗୁଡିକ ଭୂମିହୀନ ହୋଇଥିବାବେଳେ ଏବେ ଉଚ୍ଛେଦ ପରେ କେଉଁଠାରେ ରହିବେ। ସେ ନେଇ ବିକଳ୍ପ ବ୍ୟବସ୍ଥା ନଥିବାରୁ ଚିନ୍ତାରେ ଅଛନ୍ତି। ଏହି ଉଚ୍ଛେଦ ନୋଟିସ୍‌କୁ ମଧ ସ୍ଥାନୀୟ କେତେକ ବାସିନ୍ଦା ନାପସନ୍ଦ କରିଛନ୍ତି। ଭୂମିହୀନ ଆଦିବାସୀଙ୍କୁ ଭୂମି ଯୋଗାଇବା ପରେ ଉଚ୍ଛେଦ ପାଇଁ ଦାବି ହେଉଛି।

## ବାଲେଶ୍ୱର ଆଇନ ମହାବିଦ୍ୟାଳୟରେ ପ୍ରଥମ ରକ୍ତଦାନ ଶିବିର

ବାଲେଶ୍ୱର, ୦୧/୦୩ (ନି.ପ୍ର): ଦୀର୍ଘ ୪୦ ବର୍ଷ ପରେ ପ୍ରଥମଥର ପାଇଁ ବାଲେଶ୍ୱର ଆଇନ ମହାବିଦ୍ୟାଳୟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ତଥା ପ୍ରାକ୍ତନ ସାଂସଦ ଇଂ. ରବୀନ୍ଦ୍ର କୁମାର ଜେନା ଏହି ଶିବିରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହିତ ରକ୍ତଦାନ ଭଳି ମହତ କାର୍ଯ୍ୟ ପ୍ରତି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଗ୍ରହ ବୃଦ୍ଧି ଅତ୍ୟନ୍ତ ସ୍ୱାଗତଯୋଗ୍ୟ ବୋଲି କହିଥିଲେ। ଏହିଭଳି ଶିବିର ଆୟୋଜନ ଜିଲାରେ ରକ୍ତର ଅଭାବ ପୂରଣରେ ବେଶ ସହାୟକ ହୋଇପାରିଛି ବୋଲି ସେ କହିଥିଲେ। ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହିତ ନିୟମିତ ବ୍ୟବଧାନରେ ଏହିଭଳି ଶିବିର ଆୟୋଜନ ପାଇଁ ଇଂ. ଜେନା ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକାଙ୍କୁ ପରାମର୍ଶ ଦେଇଥିଲେ। ଆଇନ ମହାବିଦ୍ୟାଳୟ ପରିଚାଳନା ପରିଷଦ ସଦସ୍ୟ ନିକୁଞ୍ଜ ବିହାରୀ ଦାସ, ପ୍ରଫେସର ଶତ୍ରୁଘ୍ନ ମଲିକ, 'ସମାଜ' ଉତ୍ତର ଓଡ଼ିଶା ସାଂସ୍କରଣ ମୁଖ୍ୟ ମଧୁସୂଦନ ଦାସ, ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ଡ. ରାଜଲକ୍ଷ୍ମୀ ଯତି, ଅଧ୍ୟାପକ ଡ. ସନ୍ତୋଷ କୁମାର ରଥ, ଜୟନ୍ତ କୁମାର ପାଇକରାୟ, ସମ୍ରାଟ କେଶରୀ ଉଦୟସିଂହ, ଅଧ୍ୟାପକ ଅବିନାଶ ନୃସିଂହ, ସାଇନା ସନ୍ତୋଷ ଦାସ ପ୍ରମୁଖ ଏଥିରେ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହିତ ଶିବିର ପରିଚାଳନାରେ ବିଶେଷ ପଦକ୍ଷେପ ନେଇଥିଲେ। ଜିଲା ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ବସନ୍ତ କୁମାର ଉପାଧ୍ୟାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ଟେକ୍ନିସିଆନ ସୁଚିସ୍ମିତା ଦାସ, ଅକ୍ଷୟ କୁମାର ଜେନା, ଜ୍ୟୋତିଷ ପ୍ରଧାନ, ଅଜୟ କୁମାର ମହାପାତ୍ର, ବିଦ୍ୟାଧର ସାହୁ ପ୍ରମୁଖ ରକ୍ତଭଣ୍ଡାର କର୍ମଚାରୀ ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପାଦନ କରିଥିଲେ। ବରିଷ୍ଠ ଅଧ୍ୟାପକ ଡ. ସର୍ବେଶ୍ୱର ସାହୁ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିବିର ଶେଷ ସୁଦ୍ଧା ମୋଟ ୧୦୨ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଦୀର୍ଘବର୍ଷ ପରେ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଉଦ୍ୟମରେ ଆୟୋଜିତ ଏହି ଶିବିରର ସଫଳତାକୁ ନେଇ ପରିଚାଳନା ପରିଷଦ ସନ୍ତୋଷ ପ୍ରକାଶ ସହ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଜେଲ୍‌ରେ ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କୁ ଭେଟିଲେ ବିଜେପି ସଭାପତି

ଭୁବନେଶ୍ୱର, ୦୧/୦୩ (ନି.ପ୍ର): ଗତକାଲି ଆକ୍ରୋଶମୂଳକ ଭାବେ ଯୁବମୋର୍ଚ୍ଚା। ରାଜ୍ୟ ସଭାପତି ଇରାସିସ୍ ଆଚାର୍ଯ୍ୟଙ୍କ ସମେତ ୨୨ ଜଣ ଯୁବ କାର୍ଯ୍ୟକର୍ତାଙ୍କୁ ପୋଲିସ ଅଟକ ରଖିବା ପରେ ୩୦୭ ଭଳି ବିଭିନ୍ନ ସଂଗୀନ ଦଫାରେ ଗିରଫ କରି ରାତି ଅଧରେ କୋର୍ଟକୁ ଫରୱାର୍ଡ କରି ଜେଲ୍‌କୁ ପଠାଇ ଦେଇଥିଲେ । ମିଛ କେସ୍ କରି କେଉଁ ଭଳି ଭାବେ ଜଣେ ନିର୍ଦ୍ଦୋଷକୁ ଫସେଇ ଜେଲ୍‌ରେ ଭର୍ତି କରାଯାଇପାରେ, ଏ କଥା ବିଜେଡି ସରକାରଠାରୁ ଆଉ କିଏ ଭଲ ଭାବେ ଜାଣିନାହାନ୍ତି ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି। ପୋଲିସ ଯେଉଁମାନଙ୍କୁ ଗିରଫ କରିଛି ସେମାନେ ଆନ୍ଦୋଳନରେ ନଥିଲେ । ପୋଲିସର ଏଭଳି ପକ୍ଷପାତିତା ଗଣତନ୍ତ୍ର ପ୍ରତି ଶୁଭଙ୍କର ନୁହେଁ। ଆନ୍ଦୋଳନ ଓ ପ୍ରତିବାଦ କରିବା ପାଇଁ ଗଣତନ୍ତ୍ରରେ ସମସ୍ତଙ୍କ ଅଧିକାର ରହିଛି । ଜନତାଙ୍କ ସେବାରେ ଏବଂ ବିଚାରଧାରାକୁ ଭଲପାଉଥିବା ଯୁବନେତାଙ୍କୁ ପୋଲିସ ମିଥ୍ୟା ମକଦମା ଜରିଆରେ ତାଙ୍କ ସ୍ୱରକୁ ଚପାଇ ପାରିବ ନାହିଁ । ଯୁବମୋର୍ଚ୍ଚାର ମନବଳ ସୁଦୃଢ଼ ଅଛି, ଆଗାମୀ ଦିନରେ ରାଜ୍ୟ ସରକାରଙ୍କ ବିରୋଧରେ ନିର୍ଣ୍ଣାୟକ ଲଢ଼େଇ ପାଇଁ ପ୍ରସ୍ତୁତ ଅଛନ୍ତି। ଶାସକ ବିଜେଡିର ନିର୍ଦ୍ଦେଶରେ ଗିରଫ ହୋଇ ଜେଲରେ ଥିବା ଯୁବମୋର୍ଚ୍ଚା କାର୍ଯ୍ୟକର୍ତାଙ୍କୁ ଭେଟି ପାର୍ଟୀ ତରଫରୁ ସମସ୍ତ ଆଇନଗତ ସହଯୋଗ ଯୋଗାଇ ଦିଆଯିବ ବୋଲି ରାଜ୍ୟ ସଭାପତି ଶ୍ରୀ ମହାନ୍ତି ସାନ୍ତ୍ୱନା ଦେଇଛନ୍ତି। ଏହି ଅବସରରେ ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ରାଜ୍ୟ ମୁଖପାତ୍ର ଠାକୁର ରଣଜିତ୍ ଦାସ, ଅନୀଲ ବିଶ୍ୱାଳ, ରାଜ୍ୟ ଗଣମାଧ୍ୟମ ସହମୁଖ୍ୟ ସୁଜିତ୍ ଦାସ, ପୂର୍ବତନ କର୍ପୋରେଟର ସୁରେଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## ଭଦ୍ରକ ମହିଳା ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ଆନୁକୂଲ୍ୟରେ 'ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ସଂପୂର୍ଣ୍ଣକ୍ରାନ୍ତି' ଶୀର୍ଷକ ସଂପାନ




ଭଦ୍ରକ, ୦୧/୦୩ (ନି.ପ୍ର): ତାଭଦ୍ରକ ମହିଳା ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ଆନୁକୂଲ୍ୟରେ "ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ସଂପୂର୍ଣ୍ଣକ୍ରାନ୍ତି" ଶୀର୍ଷକ ଏକ ସଂପାନ କାର୍ଯ୍ୟକ୍ରମ ତା୨୮.୦୨.୨୦୨୩ ରିଖରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷା ପ୍ରାଧାପିକା ସୁପ୍ରିତି କରଙ୍କ ପୌରହିତ୍ୟରେ ଉକ୍ତ ସଭାରେ ତୃତୀୟ ବର୍ଷ ଛାତ୍ରୀ ମମତା ରଣାଙ୍କ ଦ୍ୱାରା ମଂଚ ଉପରକୁ ଅତିଥି ମାନଙ୍କୁ ନିମନ୍ତ୍ରଣ ପରେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା। ଉକ୍ତ ସଭାରେ ବିଭାଗୀୟ ମୁଖ୍ୟା ପ୍ରାଧାପିକା ଅନିତା ଦଳାଇ ସଭାଟିକୁ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ କର, ମୁଖ୍ୟ ଅତିଥି ଡଃ ସୁଧିର ଚନ୍ଦ୍ର ଜେନା, ଅବସରପ୍ରାପ୍ତ ପ୍ରଫେସର ବି.ଜେ.ପି କଲେଜ, ଭୁବନେଶ୍ୱର ଓ ପ୍ରାକ୍ତନ ବିଭାଗୀୟ ମୁଖ୍ୟ ପ୍ରାଧାପକ ମନୋଜ କୁମାର ସ୍ୱାଇଁ ସମେତ ପ୍ରଦୀପ ପ୍ରଜ୍ଜ୍ୱଳନ କରି ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରାଧାପକ ମନୋଜ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିବା ସହ ସଂପାନ ଶୀର୍ଷକ ବିଷୟରେ ଆଲୋକପାତ କରିଥିଲେ। ଅଧକ୍ଷା ଶ୍ରୀମତୀ କର ପ୍ରାରମ୍ଭିକ ଭାଷଣ ପ୍ରଦାନ କରି ଶିକ୍ଷା କ୍ଷେତ୍ରରେ ଏକ ସଂପାନର ଗୁରୁତ୍ୱ ବର୍ଣ୍ଣନା କରିବା ସହ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ବିଭାଗୀୟ ମୁଖ୍ୟା ପ୍ରାଧାପିକା ଅନିତା ଦଳାଇ ଆଲୋଚ୍ୟ ବିଷୟ ଉପରେ ପ୍ରାରମ୍ଭିକ ତଥ୍ୟ ପ୍ରଦାନ କରିଥିଲେ। ଉକ୍ତ ସଂପାନର ମୁଖ୍ୟ ଅତିଥି ଡ. ସୁଧିର ଚନ୍ଦ୍ର ଜେନା "ଜୟ ପ୍ରକାଶ ନାରାୟଣଙ୍କ ସଂପୂର୍ଣ୍ଣ କ୍ରାନ୍ତି" ଶୀର୍ଷକ ବିଷୟ ଉପରେ ଏକ ବିଶ୍ଳେଷଣାତ୍ମକ ବିସ୍ତୃତ ବିବରଣୀ ପ୍ରଦାନ କରିବା ସହ ଆଜି ବି ତାଙ୍କ ଆଦର୍ଶର ପ୍ରାସଙ୍ଗିକତା ଅଛି ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ବିଭାଗୀୟ ଛାତ୍ରୀ ଯଥା- ମମତା ରଣା, ଶିବାନୀ ସୂତାର, ସୁନେହରା ପରୱିନ, ପ୍ରିନ୍ସପ୍ରିୟା ନାୟକ, କବିତା ଦାସ, ପୁଷ୍ପାଞ୍ଜଳି ଖଟୁଆ ଓ ରାଜଲକ୍ଷ୍ମୀ ବୀର ପ୍ରମୁଖ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ମୁଖ୍ୟ ଅତିଥି ମାନଙ୍କ ଦ୍ୱାରା କୃତୀ ଛାତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ବିଭାଗୀୟ ଅଧାପକ ରାଜେଶ କୁମାର ପାହାରିଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲା। ଉକ୍ତ ସଭାଟିକୁ ସମସ୍ତ ଛାତ୍ରୀ ଆୟୋଜନ କରିଥିଲେ।

## ଡ଼େରା ପକାଉଛନ୍ତି ଅବସରପ୍ରାପ୍ତ କର୍ମଚାରୀ

ଉଦଳା, ୦୧/୦୩ (ନି.ପ୍ର): ଉଦଳା ବିଜ୍ଞାପିତ ପରିଷଦ କାର୍ଯ୍ୟାଳୟରୁ ଅବସର ନେଉଥିବା କର୍ମଚାରୀ ମାନେ ପୁଣି ଥରେ କାର୍ଯ୍ୟାଳୟରେ କାମ କରୁଥିବାର ଦୃଶ୍ୟ ଦେଖିବାକୁ ମିଳୁଛି । ସହରରେ ବହୁ ଉଚ୍ଚ ଶିକ୍ଷିତ ଯୁବକ ଯୁବତୀ ମାନେ ବେକାର ଜୀବନ ବିତାଉଥିବା ବେଳେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ଆଉଥରେ କାହିଁକି ନିଯୁକ୍ତି ମିଳୁଛି ବୋଲି ଅନେକଙ୍କ ମନରେ ପ୍ରଶ୍ନ ଉଠୁଛି । ଏହାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ଏ ନେଇ ନିର୍ବାଚିତ କାଉସିଲ ବଡ଼ି ଏବଂ କାର୍ଯ୍ୟରତ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟକଳାପକୁ ଲୋକେ ଆଦୌ ପସନ୍ଦ କରୁନଥିବାର ଜଣା ଯାଇଛି । କେତେକ ଉଦଳା ଏନ୍.ଏ.ସି. କାର୍ଯ୍ୟାଳୟରୁ କି ମହୁ ଝରୁଛି ଯେ ଅବସରପ୍ରାପ୍ତ କର୍ମଚାରୀ ମାନେ ଛାଡ଼ି ଯିବାକୁ ଚାହୁଁ ନାହାଁନ୍ତି ଏଠାରେ ଡ଼େରା ପକାଉଛନ୍ତି ବୋଲି କୁହା କୁହି ହେଉଥିବାର ଶୁଣିବାକୁ ମିଳୁଛି ।

## ବେଆଇନ ପଥର ବୋଝେଇ ଡମ୍ପର ଜବତ : ଡ୍ରାଇଭର ଅଟକ

ନୀଳଗିରି, ୦୧/୦୩ (ନି.ପ୍ର): ବରହମପୁର ପୋଲିସ ବୁଧବାର ଦିନ ଏକ ବେଆଇନ ପଥର ବୋଝେଇ ଡମ୍ପରକୁ ଜବତ କରିବା ସହ ଡ୍ରାଇଭରକୁ ଅଟକ ରଖିଛନ୍ତି । ବୁଧବାର ଦିନ ଏକ ଡମ୍ପର ଓ.ଡି. ୦୧କେ-୦୩୩୬ ରେ ବେଆଇନ ଭାବେ ପଥର ନେଇ ଯାଉଥିବା ବେଳ ଅଁଳାପାଳ ଛକ ଠାରେ ବରହମପୁର ପୋଲିସ ଅଟକାଇବା ପରେ ଡ୍ରାଇଭର କୌଣସି କାଗଜପତ୍ର ଦେଖାଇ ପାରି ନ ଥିଲା । ପରେ ପୋଲିସ ଡମ୍ପରଟିକୁ ଥାନାକୁ ନେଇ ଆସିଥିଲେ । ଡ୍ରାଇଭର ସମେତ ଅନ୍ୟଜଣକୁ ଥାନାରେ ଅଟକ ରଖାଯାଇଥିବା ବେଳେ ଗୁରୁବାର ଦିନ ଅଟକ ଦୁଇ ଜଣକୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ହେମନ୍ତ ମାଝୀ ସୂଚନା ଦେଇଛନ୍ତି ।

## ମୁଖ୍ୟମନ୍ତ୍ରୀ ଓ ଗୃହ ରାଷ୍ଟ୍ରମନ୍ତ୍ରୀ ଗୃହରେ ବିଭ୍ରାନ୍ତିକର ତଥ୍ୟ ଦେଉଥିବା ଅଭିଯୋଗ

ଭୁବନେଶ୍ୱର, ୦୧/୦୩ (ନି.ପ୍ର): କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ମୁଖ୍ୟମନ୍ତ୍ରୀ ଓ ଗୃହ ରାଷ୍ଟ୍ରମନ୍ତ୍ରୀ ଗୃହରେ ବିଭ୍ରାନ୍ତିକର ତଥ୍ୟ ରଖୁଥିବାର ଅଭିଯୋଗ କରିବା ସହ ସେମାନଙ୍କ ନାମରେ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଆଣିଛନ୍ତି । ଆଜି ବିଧାନସଭାରେ ସେ କହିଛନ୍ତି ଯେ ନବ ଦାସ ହତ୍ୟା ଘଟଣାରେ ସେ ପଚାରିଥିବା ଏକ ପ୍ରଶ୍ନର ଉତରରେ ବିଭ୍ରାନ୍ତିକର ତଥ୍ୟ ରହିଛି ଓ କୋର୍ଟ ମନିଟର୍ଡ ତଦନ୍ତ କରାଯିବା କଥା କହାଯାଇଛି। ମାତ୍ର ଏହି ତଥ୍ୟ ଠିକ ନୁହେଁ ବୋଲି ସେ ଦାବି କରିଛନ୍ତି। ଶ୍ରୀ ମିଶ୍ର କହିଛନ୍ତି, ଅବସରପ୍ରାପ୍ତ ବିଚାରପତି ଜେ ପି ଦାସଙ୍କ ନିଯୁକ୍ତି ଏକ ଜୁଡ଼ିସିଆଲ ଅର୍ଡର ଦ୍ୱାରା ହୋଇନାହିଁ , କିନ୍ତୁ ଉତର ପ୍ରଦେଶର ଖେରୀ ଘଟଣାକୁ ପ୍ରିସିଡେନ୍ସ ଭାବେ ନିଆଯାଇଛି । ଖେରୀ ଘଟଣାରେ ଜୁଡ଼ିସିଆଲ ଅର୍ଡର ଥିଲା କିନ୍ତୁ ଜଷ୍ଟିସ୍ ଜେ ପି ଦାସଙ୍କ ନିଯୁକ୍ତି ଲାଗି ଜୁଡ଼ିସିଆଲ ଅର୍ଡର ନଥିଲା। ତେଣୁ ଗୃହକୁ ବିଭ୍ରାନ୍ତ କରାଯାଇଛି। ତେଣୁ ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଓ ଗୃହରାଷ୍ଟ୍ରମନ୍ତ୍ରୀ ଭୁଲ ତଥ୍ୟ ବିଧାନସଭାକୁ ଦେଇଥିବାରୁ ତାଙ୍କ ନୋଟିସ୍ ସ୍ୱତନ୍ତ୍ର ସ୍ୱାଧିକାର କମିଟିକୁ ପଠାଯାଉ ଏବଂ ମୁଖ୍ୟମନ୍ତ୍ରୀ ଓ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ଷମା ମାଗନ୍ତୁ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ସରିଲା ବିଧାନସଭାର....

ପୋଲିସ କର୍ମଚାରୀଙ୍କୁ ଭେଟିଛନ୍ତି ପୋଲିସ କମିଶନର । ଖଣ୍ଡଯୁଦ୍ଧକୁ ନେଇ ବିଜେପି ଯୁବ ମୋର୍ଚ୍ଚା କର୍ମୀଙ୍କ ବିରୋଧରେ, କାର୍ଯ୍ୟରତ ପୋଲିସ କର୍ମଚାରୀଙ୍କୁ ବାଧା ଦେବା, ଆକ୍ରମଣ କରିବା, ହତ୍ୟା ଉଦ୍ୟମ, ଜୀବନରୁ ମାରିବାକୁ ଧମକ ଦେବା, ହିଂସା ଘଟାଇବା, ସର୍ବସାଧାରଣ ସମ୍ପତି ନଷ୍ଟ କରିବା ଭଳି ସଙ୍ଗୀନ ଦଫା ଲାଗିଛି । ଆଇପିସିର ଦଫା, ୧୪୭, ୨୯୪, ୩୫୩, ୩୨୩, ୩୩୨, ୩୨୫, ୩୦୭, ୫୦୬, ୧୪୮, ୧୪୯, ୨୨୪, ୩୩୩ ଲଗାଇଛି ପୋଲିସ । ଏଥିସହ ପୁଲିସକୁ ମାଡ ମାରିଥିବା ଅନ୍ୟମାନଙ୍କୁ ଧରିବା ପାଇଁ ଚଢ଼ାଉ ଜାରି ରଖିଛି କମିଶନରେଟ୍ ପୋଲିସ । ଯାହାକୁ ନେଇ ସରଗରମ ହୋଇଛି ରାଜନୀତି । ଅଭିଯୁକ୍ତ ପୋଲିସ କର୍ମଚାରୀଙ୍କ ଗିରଫ ଦାବିରେ ରାତି ସାରା କ୍ୟାପିଟାଲ ଥାନା ସମ୍ମୁଖରେ ଧାରଣା ଦେଇଥିଲା ବିଜେପି । ସାଧା ପୋଷାକଧାରୀ ପୋଲିସ ବିଜେପି କର୍ମୀଙ୍କ ଉପରେ ଆକ୍ରମଣ କରିବା ସହ ମହିଳା କର୍ମୀଙ୍କୁ ଅସଦାଚରଣ କରିଥିବା ଦଳ ଅଭିଯୋଗ କରିଛି । ବିଜେଡି ପ୍ରେସମିଟ୍ କରି କହିଛି, ପୋଲିସମାନେ ନିଜ କର୍ତ୍ତବ୍ୟରେ ନ୍ୟସ୍ତ ଥିବାବେଳେ ସବୁ ସୀମା ପାର କରିଥିଲେ ବିଜେପି ଯୁବ ମୋର୍ଚ୍ଚା କର୍ମୀ । ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ କୌଣସି ରାଜନୈତିକ ଦଳ ଆନ୍ଦୋଳନ କରିବା, ନୂଆ କଥା ନୁହେଁ । ପୋଲିସ ଓ ଆନ୍ଦୋଳନକାରୀ ମୁହାଁମୁହିଁ ହେବା, ଧସ୍ତାଧସ୍ତି ହେବା ବି କିଛି ନୂଆ କଥା ନୁହେଁ । କିନ୍ତୁ ଆନ୍ଦୋଳନ ସମୟରେ, ଢେଲାପଥର ମାଡ କରିବା, ତଳେ ପକେଇ ବିଧା – ଗୋଇଠା ମାରିବାର ଦୃଶ୍ୟ ଶାନ୍ତିପ୍ରିୟ ରାଜ୍ୟ ଓଡିଶାବାସୀଙ୍କ ଭିତରେ ଭିନ୍ନ ପ୍ରତିକ୍ରିୟା ସୃଷ୍ଟି କରୁଛି ।

## ଅଙ୍ଗନୱାଡ଼ି କର୍ମଚାରୀଙ୍କ ଗଣଧାରଣା ୧୩ ମାର୍ଚ୍ଚରୁ

ଭୁବନେଶ୍ୱର, ୦୧/୦୩ (ନି.ପ୍ର): ଆଜି ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ସଂଘର ରାଜ୍ୟ ପରିବର୍ଦ୍ଧିତ ବୈଠକ ଏଆଇଟିୟୁସି କାର୍ଯ୍ୟାଳୟରେ ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ କମ୍ରେଡ ବିଜୟ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଗତ ୯ ଡିସେମ୍ବରରେ ଅଙ୍ଗନୱାଡ଼ି କର୍ମଚାରୀ ୟୁନିୟନ୍ ସଂଯୁକ୍ତ ମୋର୍ଚ୍ଚା ପକ୍ଷରୁ ସରକାରଙ୍କୁ ଦାବି କରିଥିଲେ ସୁଦ୍ଧା ନା କେନ୍ଦ୍ର ନା ରାଜ୍ୟ ବଜେଟ୍‌ରେ ଅଙ୍ଗନୱାଡ଼ି ପାଇଁ ବ୍ୟୟ ବରାଦ ବୃଦ୍ଧିକଲେ, ତେଣୁ ଭତାବୃଦ୍ଧି, ସାମାଜିକ ନିରାପତ୍ତା, ଅଙ୍ଗନୱାଡ଼ି କର୍ମଚାରୀଙ୍କୁ ୱାର୍କର ମାନ୍ୟତା ଏବଂ ଏସ୍.ଏନ୍.ପି. ସାମଗ୍ରୀର ଦର ସଂଶୋଧନ ଦାବି ପୂରଣ ପର୍ଯ୍ୟନ୍ତ ୧୩ ମାର୍ଚ୍ଚରୁ ଅହୋରାତ୍ର ଅନିର୍ଦ୍ଦିଷ୍ଟ କାଳ ଗଣଧାରଣାର ଆହ୍ୱାନ ସଫଳ କରିବା ପାଇଁ ଏହି ସଂଘ ବୈଠକରେ ନିଷ୍ପତି ହୋଇଛି। ଏହି ବୈଠକରେ ଏଆଇଟିୟୁସି ରାଜ୍ୟ ସମ୍ପାଦକ ଜୟନ୍ତ ଦାସ, ରାଜ୍ୟ କମିଟି ସଦସ୍ୟ ସୁର ଜେନା, ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ସଂଘର ଉପସାଧାରଣ ସମ୍ପାଦିକା ମମତାଜ ଖୁଣ୍ଟିଆ ଏବଂ ବିଷ୍ଣୁପ୍ରିୟା ଜେନା, ସାଧାରଣ ସମ୍ପାଦିକା ହରପ୍ରିୟା ସ୍ୱାଇଁ, ଉପସଭାପତି ନିର୍ଝରବାଳା ସାହୁ, ଲକ୍ଷ୍ମୀପ୍ରିୟା ଦାସ, ଉଜ୍ଜୟିନୀ ଦୀକ୍ଷିତ, ସ୍ୱର୍ଣ୍ଣଲତା ପ୍ରଧାନପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

## ଓଇଆରସି ଅଧ୍ୟକ୍ଷ ଭାବେ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଶପଥ ଗ୍ରହଣ


ଭୁବନେଶ୍ୱର, ୦୧/୦୩ (ନି.ପ୍ର): ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗଙ୍କ ଅଧ୍ୟକ୍ଷ ଭାବେ ସୁରେଶ ଚନ୍ଦ୍ର ମହାପାତ୍ର ଶପଥ ଗ୍ରହଣ କରିଛନ୍ତି । ବୁଧବାର ରାଜଭବନରେ ଏହି ଉପଲକ୍ଷେ ଶପଥପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ନବନିଯୁକ୍ତ ଅଧ୍ୟକ୍ଷ ଶ୍ରୀ ମହାପାତ୍ରଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ। ପ୍ରାରମ୍ଭରେ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ କିଶୋର ଧଳ ରାଜ୍ୟପାଳଙ୍କ ନିଯୁକ୍ତିପତ୍ର ପାଠ କରିଥିଲେ। ଶକ୍ତି, ଶିଳ୍ପ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ପ୍ରତାପ କେଶରୀ ଦେବ, ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ ଦେବ, ସମବାୟ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୀବ ଚଢ଼ା ଓ ଆୟୋଗଙ୍କ ସଦସ୍ୟଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉତ୍ସବରେ ଯୋଗ ଦେଇଥିଲେ ।

## ବାଖରାବାଜ ଶିବମୁନି ଯୋଗଶିକ୍ଷା କେନ୍ଦ୍ରରେ ୨୩ତମ ବାର୍ଷିକ ଅଧିବେଶନ ପାଳନ



ରୂପସା, ୦୧/୦୩ (ନି.ପ୍ର): ଦିବା ୧୦ ଘଟିକା ସମୟରେ, ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନି ସମାଜ, ଓଡ଼ିଶା ପ୍ରାନ୍ତ ର ପୂର୍ବତନ ଅଧ୍ୟକ୍ଷ, ଆଜିର ଜ୍ଞାନଯଜ୍ଞ ମୁଖ୍ୟ ଅତିଥି ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ ଲେଖକଶ୍ରୀ ଶଶଧର ମୁନିଙ୍କ କରକମଳରେ ସତ୍ୟପତାକା ଉତ୍ତୋଳନ କରାଯାଇ, ଜିଲ୍ଲା ପ୍ରଚାର ସଙ୍ଗଠନ ମନ୍ତ୍ରୀ, ଓଡ଼ିଶା ପ୍ରାନ୍ତୀୟ ସହ ସମ୍ପାଦକ ଆତ୍ମଜ୍ଞାନୀ ଯୋଗୀ ଚିତ୍ତରଞ୍ଜନ ମୁନିଙ୍କ ଅଧ୍ୟକ୍ଷତାରେ, ବାଖରାବାଜ ଶିବମୁନି ଯୋଗଶିକ୍ଷା କେନ୍ଦ୍ରର ୨୩ତମ ବାର୍ଷିକ ଅଧିବେଶନ ମହା ସମାରୋହରେ ପାଳିତ ହୋଇଯାଇଛି । ମୁଖ୍ୟ ବକ୍ତା ଥିଲେ, ମୁନି ସମାଜର ଜ୍ୟୋତି, ଜିଲ୍ଲା ସମ୍ପାଦକ, ପ୍ରାନ୍ତୀୟ ପ୍ରଚାର ସଙ୍ଗଠନ ମନ୍ତ୍ରୀ ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଅନନ୍ତ ମୁନି ଜୀ ମହୋଦୟ । ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ବକ୍ତବ୍ୟ ରଖିଥିଲେ ହାତିଆଡିହା ଶିବମୁନି ଯୋଗାଶ୍ରମରୁ ଆସିଥିବା ଆତ୍ମଜ୍ଞାନୀ ଯୋଗୀ ଭିକାରି ଚରଣ ମୁନି ଜୀ ମହୋଦୟ । ସମ୍ପାଦକୀୟ ବିବରଣୀ ପାଠ କରିଥିଲେ, ଆଶ୍ରମର ଯୋଗଶିକ୍ଷକ ସତ୍ୟନିଷ୍ଠ ସାଧକ ଯୋଗୀ ଶଙ୍କର ପାଲ ମୁନିଜୀ ମହୋଦୟ । ଆବାହନୀ ସଙ୍ଗୀତ, ମୁନି ସଙ୍ଗୀତ ଗାନ କରିଥିଲେ, ହାତିଆଡିହା ଆଶ୍ରମରୁ ଆସିଥିବା କଣ୍ଠଶିଳ୍ପୀ ଯୋଗଶିକ୍ଷିକା ମଞ୍ଜୁଲତା ବେହେରା, ସତ୍ୟନିଷ୍ଠ ସାଧିକା ମୁନିରାଜ୍ଞୀ ଶକୁନ୍ତଳା ପରିଡ଼ା ଇତ୍ୟାଦି । ବକ୍ତବ୍ୟ ରଖିଥିଲେ, ହାତିଆଡିହା ଶିବମୁନି ଯୋଗାଶ୍ରମର ଯୋଗଶିକ୍ଷୟତ୍ରୀ ଆତ୍ମଦର୍ଶୀ କଳ୍ପନା ମିସ୍ତ୍ରୀ ମହୋଦୟା, ମୁନିରାଜ କାଳିଚରଣ ମୁନି ଇତ୍ୟାଦି । ପ୍ରଥମେ ସମୂହ ପ୍ରଣବ, ଶୁଭଭାବନା, ବେଦ ପାଠ, ଶାନ୍ତି ପାଠ କରାଯାଇ, ଜ୍ଞାନଯଜ୍ଞ ଆରମ୍ଭ କରାଯାଇଥିଲା । ମୁନି ସମାଜର ଯମ ନିୟମ ପାଳନ ପୂର୍ବକ, ଯିଏ ପ୍ରତିଦିନ ଯୋଗ ସାଧନ ଜାରି ରଖି ଚାଲିବ, ସେ ନିଶ୍ଚୟ ସୁଖ-ଶାନ୍ତି-ଆନନ୍ଦରେ ଜୀବନ ନିର୍ବାହ କରି ଚାଲିବ, ଏଥିରେ ଦ୍ୱିମତ ହବାର ନାହିଁ ବୋଲି ସମସ୍ତ ବକ୍ତାମାନେ ସେମାନଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଆଶ୍ରମର କିପରି ଉତ୍ତରୋତ୍ତର ଉନ୍ନତି ସାଧିତ ହେବ ଏବଂ ବହୁ ସଂଖ୍ୟା ରେ ଆସୁଥିବା ରୋଗୀମାନେ କିପରି ନୀରୋଗହୋଇ ସୁଖ-ଶାନ୍ତି-ଆନନ୍ଦରେ ଜୀବନ ଯାପନ କରିବେ, ତା ଉପରେ ଆଲୋକପାତ କରାଯାଇଥିଲା । ଆଖ ପାଖ ଆଗ୍ରିୟା,ଆଙ୍କୋ, ରୂପସା, କସିପଦା, ପୋତାଡିହା, ମିରିଗ ମୁଣ୍ଡି, ହସନପୁର ଇତ୍ୟାଦି ବହୁ ଗ୍ରାମରୁ ମୁନି ମୁନିମତୀ ମାନେ ଆସି ଶତାଧିକ ସଂଖ୍ୟାରେ ଯୋଗଦାନ କରି ଜ୍ଞାନଯଜ୍ଞ କୁ ସାଫଲ୍ୟ ମଣ୍ଡିତ କରିଥିଲେ । ଅଧିବେଶନକୁ ଲୋକଲୋଚନକୁ ଆଣିବାର ଦାୟୀତ୍ୱ, ହାତିଆଡିହା ଶିବମୁନି ଯୋଗଶିକ୍ଷା କେନ୍ଦ୍ରର ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନିଙ୍କୁ ପ୍ରଦାନ କରାଯାଇଥିଲା । ଶେଷରେ ଯୋଗୀ ଭିକାରି ଚରଣ ମୁନି ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ ।

## ବରହମପୁର ପ୍ରିମିୟର ଲିଗ୍ ସିଜିନ - ୩ ର ତୃତୀୟ ଦିବସ




ନୀଳଗିରି, ୦୧/୦୩ (ନି.ପ୍ର): ବରହମପୁର ପ୍ରିମିୟର ଲିଗ୍ ସିଜିନ-୩ ର ତୃତୀୟ ଦିବସରେ ପ୍ରଥମ ରାଉଣ୍ଡ ମ୍ୟାଚ ହାର୍ଡ ହିଟର ଏବଂ ଅନୟା ଫାଇଟର୍ସ ମଧ୍ୟରେ ଖେଳ ହୋଇଥିବା ବେଳେ ହାର୍ଡ ହିଟର ପ୍ରଥମେ ବ୍ୟାଟିଂ କରି ୧୩୪ ରନର ଲକ୍ଷ୍ୟ ପ୍ରତିଦ୍ୱନ୍ଦୀ ଅନୟା ଫାଇଟର୍ସକୁ ଦେଇଥିବା ବେଳେ ଅନୟା ଫାଇଟର୍ସ ୧୨୧ ରନ କରିବାରେ ସକ୍ଷମ ହୋଇଥିଲା । ୧୫ ଓଭର ବିଶିଷ୍ଟ ଖେଳରେ ହାର୍ଡ ହିଟର ର ବ୍ୟାଟସମ୍ୟାନ ଦିଲ୍ଲୀପ ସ୍ୱାଇଁ ମ୍ୟାନ ଅଫ୍ ଦି ମ୍ୟାଚ୍ ହୋଇଥିବା ବେଳେ ହାର୍ଡ ହିଟର ବିଜୟ ଲାଭ କରିଥିଲା । ଦ୍ୱିତୀୟ ରାଉଣ୍ଡ ମ୍ୟାଚ ବ୍ଲେଜିଙ୍ଗ ବ୍ଲାଷ୍ଟର ଓ ବରହମପୁର ସୁପରକିଙ୍ଗ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ବ୍ଲେଜିଙ୍ଗ ବ୍ଲାଷ୍ଟର ବରହମପୁର ସୁପର କିଙ୍ଗକୁ ହରାଇ ବିଜେତା ହୋଇଥିଲା । ଉକ୍ତ ଟିମର ସଞ୍ଜିବ ବିଶ୍ୱାଳ ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିବା ବେଳ ପଦ୍ମଲୋଚନ ମହାପାତ୍ର ଓ ସଞ୍ଜିବ ଚୌଧୁରୀ ଖେଳ ପରିଚାଳନା କରିଥିଲେ। ଏହି ତୃତୀୟ ଦିବସ ମ୍ୟାଚର ମୁଖ୍ୟ ଅତିଥି ଭାବରେ ନୀଳଗିରି ଏନ.ଏ.ସି. ଅଧକ୍ଷା ଅମ୍ବିକା ଦାସ, ଅନ୍ୟତମ ଅତିଥି ନୀଳଗିରି ବିଜେଡି ସଭାପତି ବିଜୟ ଲେଙ୍କା, ସମାଜସେବୀ ଶରତ ଦାସ, ଉଦୟଜ୍ୟୋତି ମହାନ୍ତି ଯୋଗ ଦେଇଥିଲେ । ମୁଖ୍ୟ ଆୟୋଜକ ଲାଇଫଷ୍ଟାଇଲ ର ସତ୍ୱାଧିକାରୀ ଫ୍ରାନସିସ ବେକନ ସଙ୍କ ସମେତ ସଭାପତି କୃତିବାସ ବେହେରା, ଉପସଭାପତି ଜୟନ୍ତ ବିନ୍ଧାଣୀ, ସାଧାରଣ ସଂପାଦକ ରାଜୀବ ଚୌଧୁରୀ, ସହ ସଂପାଦକ ସୁଶାନ୍ତ ସେଠୀ, ଶଙ୍କର୍ଷଣ ପସା, ସଂଜୀବ ସିଂ, ଦୀପକ ସିଂ, ପ୍ରୀତମ ସେଠୀ, ଐଶ୍ୱର୍ଯ୍ୟ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ ।

ଗୁରୁବାର, ମାର୍ଚ୍ଚ ୦୨, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଯୋଜନାବଦ୍ଧ ଆକ୍ରମଣ କରିଥିଲେ ଯୁବମୋର୍ଚ୍ଚା କର୍ମକର୍ତ୍ତା: ବିଜେଡି

ଭୁବନେଶ୍ୱର, ୦୧/୦୩ (ନି.ପ୍ର): ଗତକାଲି ଆନ୍ଦୋଳନ ନାଁରେ ଭାରତୀୟ ଯୁବମୋର୍ଚ୍ଚା ତରଫରୁ ଯେଉଁ ଆତଙ୍କରାଜ ସୃଷ୍ଟି କରାଗଲା ତାହାକୁ ସାଢେ ୪କୋଟି ଓଡିଶାବାସୀ ନିନ୍ଦା କରୁଛନ୍ତି । ସୁରକ୍ଷାକର୍ମୀଙ୍କ ଉପରେ ହଠାତ ଉତକ୍ଷିପ୍ତ ହୋଇ ଆକ୍ରମଣ କରିବା ଗୋଟିଏ କଥା, ହେଲେ ଓଡିଶା ବିଜେପି ପକ୍ଷରୁ ଯୋଜନାବଦ୍ଧ ଆକ୍ରମଣ ହୋଇଥିଲା ବୋଲି କହିଛନ୍ତି ବିଜେଡି ପ୍ରବକ୍ତା ଶ୍ରୀମତୀ ଶ୍ରମୟୀ ମିଶ୍ର । ବୁଧବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ପ୍ରବକ୍ତା ଶ୍ରୀମତୀ ମିଶ୍ର ଏବଂ ସ୍ୱୟଂ ପ୍ରକାଶ ମହାପାତ୍ର କହିଛନ୍ତି ଯେ ଗତକାଲି ୨୧ଜଣ ପୁଲିସ କର୍ମୀ ଗୁରୁତର ଭାବେ ଆହତ ହୋଇଥିଲେ । ଦୁଇ ଜଣଙ୍କୁ କଟକ ରେଫର କରିବାକୁ ପଡିଲା । ହେଲେ ଅନ୍ୟ ପକ୍ଷରେ ବିଜେପି କର୍ମୀ କିନ୍ତୁ ଲୋକଦେଖାଣିଆ ଭାବେ ହସ୍ପିଟାଲକୁ ଯାଇଥିଲେ ଆଉ ପରେ ଡିସଚାର୍ଜ ହୋଇ ପଳାଇଥିଲେ । ସେମାନେ ବସ ଜାଳିବାକୁ କିରୋସିନି ଓ ପକେଟରେ ପଥର ଆଣିଥିଲେ । ଜଣେ ବ୍ୟକ୍ତି ନିଜର ରାଜନୈତିକ ସ୍ୱାର୍ଥ ଚରିତାର୍ଥ କରିବାକୁ ଏଭଳି ଷଡଯନ୍ତ୍ର କରୁଛନ୍ତି । ବିଜେପିର ଯୁବବନ୍ଧୁମାନେ ଏଭଳି କାହା ଗ୍ରାପରେ ଫସନ୍ତୁ ନାହିଁ ବୋଲି ବିଜେଡି ପ୍ରବକ୍ତା ଦ୍ୱୟ କହିଛନ୍ତି । ପୂର୍ବରୁ ବିରୋଧିଦଳ ନେତା ଜୟନାରାୟଣ ମିଶ୍ର ଜଣେ କର୍ତବ୍ୟରତ ମହିଳା ପୁଲିସ ଅଧିକାରୀଙ୍କୁ ଶାରିରୀକ ଆକ୍ରମଣ କରିବା ସହ ଦୁର୍ବ୍ୟବହାର ଏବଂ ଗାଳିଗୁଲଜ କରିଥିଲେ । ସବୁ ପ୍ରସଙ୍ଗରେ ପ୍ରତିକ୍ରିୟା ରଖୁଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କାହିଁକି ଏହି ପ୍ରସଙ୍ଗ ଉପରେ ଚୁପ ରହିଥିଲେ ବୋଲି ବିଜେଡି ପ୍ରବକ୍ତା ପ୍ରଶ୍ନ କରିଛନ୍ତି । ବିଜେଡି ପ୍ରବକ୍ତା ଦ୍ୱୟ କହିଛନ୍ତି ଯେ ଯାହା ଉପରେ ଆକ୍ରମଣ ହେଲା ସେମାନେ ସମସ୍ତେ ଓଡିଶାର ଯୁବକ ଯୁବତୀ । ରୋଜଗାର କରି ପରିବାର ଚଳାଇବା ପାଇଁ ଚାକିରି କରୁଛନ୍ତି । ବିଜେପି ଯୁବମୋର୍ଚ୍ଚା ବିଧାନସଭା ଘେରାଉ କରିବା ବେଳେ ଅରାଜକ ତତ୍ୱ ଯେଭଳି ବିଧାନସଭାରେ ପଶିନଯାଆନ୍ତି ସେଥିପାଇଁ ଏମାନେ ସମସ୍ତେ ଓଡିଶା ବିଧାନସଭାର ଗାରିମାକୁ ରକ୍ଷା କରିବାକୁ ଏବଂ ସୁରକ୍ଷା ଯୋଗାଇବାକୁ ସାମ୍ନାରେ ଠିଆ ହେଲେ । କିଛି ନେତା ନିଜ ବ୍ୟକ୍ତିଗତ ରାଜନୈତିକ ସ୍ୱାର୍ଥ ପାଇଁ ଆପଣମାନଙ୍କୁ ବ୍ୟବହାର କରୁଛନ୍ତି ଏବଂ ଆଗକୁ ବ୍ୟବହାର କରିବାକୁ ମଧ୍ୟ ଯୋଜନା କରୁଛନ୍ତି ।

# ରାଜଧାନୀ ପୁଲିସ କାର୍ଯ୍ୟଧାରା ବିରୋଧରେ ବିଜେପି ଯୁବମୋର୍ଚ୍ଚାର ବିକ୍ଷୋଭ



ବାଲେଶ୍ୱର, ୦୧/୦୩ (ନି.ପ୍ର): ଶାନ୍ତିପୂର୍ଣ୍ଣ ବିଧାନସଭା ଘେରାଓ ବେଳେ ବିଜେପି ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତାଙ୍କ ଉପରେ ପୁଲିସର ମିଛ ମାମଲା ଦାଏର ପ୍ରତିବାଦ ପରିଲକ୍ଷିତ ହୋଇଛି ବାଲେଶ୍ୱରରେ । ବିଜେପି ରାଜ୍ୟ ଯୁବମୋର୍ଚ୍ଚା ଉପ-ସଭାପତି ତଥା ସଦର ନେତା ମାନସ କୁମାର ଦତ୍ତଙ୍କ ନେତୃତ୍ୱରେ ବିଜେପି ଯୁବକର୍ମୀମାନେ ଫାଣ୍ଡି ଛକ ଠାରେ ବିକ୍ଷୋଭ ପ୍ରଦର୍ଶନ ସହ ମୁଖ୍ୟମନ୍ତ୍ରୀଙ୍କ କୁଶ ପତ୍ତଳିକା ଦାହ କରିଛନ୍ତି । ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପ୍ରତିବାଦରେ ଯୁବମୋର୍ଚ୍ଚାର ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ବେଳେ ବିଜେପି କାର୍ଯ୍ୟକର୍ତ୍ତାଙ୍କ ଉପରେ ପୁଲିସ ମାଡ଼ କରିବା କାହା ନିର୍ଦ୍ଦେଶରେ ବୋଲି ଶ୍ରୀ ଦତ୍ତ ପ୍ରଶ୍ନ କରିଛନ୍ତି । ଏହି ଆନ୍ଦୋଳନରେ ବିଜେଡିର କିଛି ଗୁଣ୍ଡା ଗଣ୍ଡଗୋଳ କରିବା ସହ ବିଜେପି କାର୍ଯ୍ୟକର୍ତ୍ତାଙ୍କୁ ମାଡ ମାରିଥିଲେ । ସମ୍ପୃକ୍ତ ଗୁଣ୍ଡାଙ୍କ ବିରୋଧରେ ଅଭିଯୋଗ ହୋଇଥିଲେ ବି ପୁଲିସ ଅଦ୍ୟାବଧି ମାମଲା ରୁଜୁ ନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ ଶାସକ ଦଳର ଇଙ୍ଗିତରେ ଯୁବମୋର୍ଚ୍ଚାର ସଭାପତିଙ୍କ ସମେତ ଅନେକ ବିଜେପି କାର୍ଯ୍ୟକର୍ତ୍ତାଙ୍କୁ ପୁଲିସ ଗିରଫ କରିଛି । ଏହାର ପ୍ରତିବାଦରେ ଫାଣ୍ଡିଛକରେ ବିକ୍ଷୋଭ ପ୍ରଦର୍ଶନ ସହ ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତା ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜେପି ଯୁବମୋର୍ଚ୍ଚା ଜିଲ୍ଲା ସଭାପତି ରାଜେଶ ମହାପାତ୍ର, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ଓ ଗୋବିନ୍ଦ ଦାସ, ପୂର୍ବତନ ଜିଲ୍ଲା ଉପ ସଭାପତି ଗଙ୍ଗାଧର ରାଉତ, ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡା, ପୂର୍ବତନ ନଗର ସଭାପତି ସୀତାକାନ୍ତ ସ୍ୱାଇଁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର, ରାଜେନ୍ଦ୍ର ଚାଟାର୍ଜୀ, ମଣ୍ଟୁ ପେରିୱାଲ, ମୁନା ମହନ୍ତ, ସୌଭାଗ୍ୟ ମାନସ ନାୟକ, ଉମେଶ ବେହେରା, ଅରୂପ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ମାର୍ଚ୍ଚ ୫ରୁ ବାରିପଦା ଛଉ ପଡିଆରେ ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ପ୍ରଦର୍ଶନୀ



ବାରିପଦା, ୦୧/୦୩ (ନି.ପ୍ର): ମାର୍ଚ୍ଚ୫ ରୁ ୯ତାରିଖ ପର୍ଯ୍ୟନ୍ତ ବାରିପଦା ଛଉ ପଡିଆ ଠାରେ ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପ୍ରଦର୍ଶନୀ ଅନୁଷ୍ଠିତ ହେବ ବୋଲି ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଫେସିଲିଟେସନ କେନ୍ଦ୍ର ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଅକ୍ଷୟ ସୁନୀଲ ଅଗ୍ରୱାଲ କହିଛନ୍ତି । ଓଡିଶାର ପୂର୍ବତନ ମୁଖ୍ୟ ମନ୍ତ୍ରୀ ସ୍ୱର୍ଗତଃ ବିଜୁ ପଟ୍ଟନାୟକ ଙ୍କ ଉଦ୍ୟୋଗୀ ଚିନ୍ତାଧାରା କୁ ସମ୍ମାନ ଜଣାଇ ପ୍ରତିବର୍ଷ ଆମ ରାଜ୍ୟ ରେ ମାର୍ଚ୍ଚ ୫ ତାରିଖ ରୁ ୯ ତାରିଖ ଶିଳ୍ପଦ୍ୟୋଗୀ ସପ୍ତାହ ପାଳନ କରାଯାଇଥାଏ.ଏହି ପରିପ୍ରେକ୍ଷୀରେ ଚଳିତ ବର୍ଷ ମାର୍ଚ୍ଚ ୫ ତାରିଖ ରୁ ମାର୍ଚ୍ଚ ୯ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ଶିଳ୍ପ କେନ୍ଦ୍ର ଆନୁକୂଲ୍ୟରେ ବାରିପଦା ଛଉ ପଡିଆ ଠାରେ ଅନୁଷ୍ଠିତ ହେବାକୁ ଥିବା ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପ୍ରଦର୍ଶନୀରେ ଜିଲ୍ଲାର ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ତଥା ହସ୍ତ ଶିଳ୍ପ କାରିଗର ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନେ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଉତ୍ପାଦନ ସାମଗ୍ରୀର ପ୍ରଦର୍ଶନୀ ତଥା ବିକ୍ରୟ ବଟାର ସୁଯୋଗ ପାଇବା ସହ ଭବିଷ୍ୟତରେ ଉତ୍ପାଦିତ ସାମଗ୍ରୀ ବିକ୍ରି ପାଇଁ ମଧ ଉପଯୁକ୍ତ ବଜାରର ସୁଯୋଗ ସୃଷ୍ଟି ହୋଇ ପାରିବ ବୋଲି କୁହାଯାଇଛି । ଏହି ପ୍ରଦର୍ଶନୀରେ ମୋଟ ୧୦୦ ଗୋଟି ଷ୍ଟଲ ନିର୍ମାଣ କରାଯାଇ ସ୍ଥାନୀୟ ଶିଳ୍ପଦ୍ୟୋଗୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ହସ୍ତ ଶିଳ୍ପ କାରିଗର, ଓରମାସ, ମିଶନ ଶକ୍ତି ଓ ସ୍ୱେଚ୍ଛାସେବୀ ସଂଗଠନ ମାନଙ୍କ ମଧ୍ୟରେ ବଂଟନ କରାଯିବାକୁ ଥିବା ବେଳେ, ପ୍ରତ୍ୟେକ ଦିନ ପୂର୍ବାହ୍ନ ୧୦ ଘଟିକାରୁ ରାତ୍ର ୧୦ ଘଟିକା ପର୍ଯ୍ୟନ୍ତ ଜନସାଧାରଣଙ୍କ ପାଇଁ ଖୋଲା ରହିବ । ପ୍ରତିଦିନ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଲୋକମାନଙ୍କୁ ଅବଗତ କରାଇବା ସହ ଆଲୋଚନା ଚକ୍ର ଅନୁଷ୍ଠିତ ଏବଂ ଶିକ୍ଷକ୍ଷନୁଷ୍ଠାନର ଛାତ୍ର ଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ମଧ ଆୟୋଜନ ହେବ ବୋଲି ଜଣାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ଜେନେରାଲ ମ୍ୟାନେଜର ଗୌର ମୋହନ ସିଂ ଉପସ୍ଥିତ ଥିଲେ ।

# ୨୩ନଂ ୱାର୍ଡରେ ଦୟନୀୟ ରାସ୍ତାକୁ ନେଇ ବଢୁଛି ଜନ ଅସନ୍ତୋଷ

ବାଲେଶ୍ୱର, ୦୧/୦୩ (ନି.ପ୍ର): ନୂତନ ପୌର ପରିଷଦ ଗଠନକୁ ବର୍ଷେ ପୁରିବାକୁ ଯାଉଥିବା ବେଳେ ବାଲେଶ୍ୱର ସହରର କେତେକ ଅଞ୍ଚଳ ରାସ୍ତାଘାଟର ଶୋଚନୀୟ ଅବସ୍ଥାକୁ ନେଇ ଜନାସନ୍ତୋଷ କ୍ରମଶଃ ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଇଛି । ତେବେ ନିକଟ ଅତୀତରେ କିଛି ରାସ୍ତା ନିର୍ମାଣ ପାଇଁ ପୌରପାଳିକା ପକ୍ଷରୁ ହୋଇଥିବା ଟେଣ୍ଡର ପ୍ରକ୍ରିୟାରେ ଆବଶ୍ୟକ ଥିବା ରାସ୍ତାକୁ ତାଲିକାଭୁକ୍ତ କରା ନଯିବାକୁ ବିଭିନ୍ନ ୱାର୍ଡ଼ର ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି । ବିଶେଷ କରି ପୌରାଞ୍ଚଳର ୨୩ନଂ ୱାର୍ଡରେ ବ୍ରଜେଶ୍ୱର ମନ୍ଦିର ନିକଟରୁ ଚନ୍ଦନ ଗଡିଆ ଓ ଚନ୍ଦନ ଗଡିଆ ଠାରୁ ଟ୍ରାନ୍ସଫର୍ମର ଛକ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଥିବା ବେଳେ ଏହାର ନବୀକରଣ ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଆସୁଥିଲେ । ପ୍ରାୟ ୧୫ରୁ ୨୦ ବର୍ଷ ତଳେ ରାସ୍ତା ଦୁଇଟି ନିର୍ମାଣ ହୋଇଥିଲେ ଏଥିରେ ଅଦ୍ୟାବଧି ଥରେ ହେଲେ ମରାମତି ହୋଇ ନଥିବା ସେମାନେ କହିଛନ୍ତି । ଅନ୍ୟପକ୍ଷରେ ଅମୃତ ଯୋଜନା ପାନୀୟ ଜଳ ପାଇପ ବିଛା କାର୍ଯ୍ୟ ପରେ ରାସ୍ତା ଦୁଇଟିରେ ଯାତାୟତ ଅତ୍ୟନ୍ତ କଷ୍ଟସାଧ ହୋଇପଡିଛି । ବର୍ଷା ଦିନେ ସେଠାରେ ଆଣ୍ଠୁଏ ଯାଏ ପାଣି ଜମି ରହୁଛି । ରାସ୍ତା ପାର୍ଶ୍ୱ ନାଳ ସଫା ନ ହେବା ଦ୍ୱାରା ଜଳ ନିଷ୍କାସନ ହୋଇପାରୁନାହିଁ ବୋଲି ୱାର୍ଡ଼ବାସୀ କହିଛନ୍ତି । ଖୋଲା ଡ୍ରେନ ଯୋଗୁଁ ବର୍ଷା ଦିନ ଲୋକେ ସେଥିରେ ପଡି ଖଣ୍ଡିଆ ଖାବରା ହେଉଛନ୍ତି । ଏ ସମ୍ପର୍କରେ ବାରମ୍ବାର ପୌର କର୍ତ୍ତୃପକ୍ଷଙ୍କୁ ଜଣାଉଥିଲେ ବି କୌଣସି ବ୍ୟବସ୍ଥା କରାଯାଉ ନଥିବା ସେମାନେ ଆରୋପ ଉଠାଇଛନ୍ତି । ୨୨ ଓ ୨୩ ନଂ ୱାର୍ଡ଼ର ଦୁଇ କାଉନସିଲରଙ୍କର ପୌରାଧ୍ୟକ୍ଷା ଓ ବିଧାୟକଙ୍କ ସହ ବିଶେଷ ସମନ୍ୱୟ ନରହିବା ଲୋକଙ୍କ ସମସ୍ୟାକୁ ଦ୍ୱିଗୁଣିତ କରିଛି ବୋଲି କେତେକ ସଚେତନଶୀଳ ବ୍ୟକ୍ତି କହିଛନ୍ତି । ଏହି ଦୁଇ ରାସ୍ତାର ନବୀକରଣ ପାଇଁ ପୌର ପରିଷଦ ବୈଠକରେ ସ୍ଥାନୀୟ କାଉନସିଲର ଶଶିରେଖା ମହାନ୍ତି ପ୍ରସ୍ତାବ ଦେଇଥିଲେ ମଧ୍ୟ ତାଙ୍କ କଥାକୁ ଗୁରୁତ୍ୱ ଦିଆନଯିବା ଦୁର୍ଭାଗ୍ୟର ବିଷୟ ବୋଲି ସେ କ୍ଷୋଭର ସହ ପ୍ରକାଶ କରିଛନ୍ତି । ବାଧ୍ୟ ହୋଇ ସେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବେ ବୋଲି ଶ୍ରୀମତୀ ମହାନ୍ତି ଚେତାବନୀ ଦେଇଛନ୍ତି । ଏ ସମ୍ପର୍କରେ ବାଲେଶ୍ୱର ପୌରାଧକ୍ଷା ସବିତା ସାହୁଙ୍କୁ ପଚାରିବାରୁ ସେ ପୌରପରିଷଦର ଅସହଯୋଗକୁ ଅସ୍ୱୀକାର କରିଛନ୍ତି । ପ୍ରତ୍ୟେକ ୱାର୍ଡର କାଉନସିଲରଙ୍କ ପ୍ରସ୍ତାବ ଅନୁସାରେ ରାସ୍ତା ନବୀକରଣ ଟେଣ୍ଡର ସହ କାର୍ଯ୍ୟାଦେଶ ପାଇଁ ପଦକ୍ଷେପ ନିଆଯାଇଥିବା ସେ କହିଛନ୍ତି । ମାତ୍ର ୨୩ନଂ ୱାର୍ଡର କାଉନସିଲରଙ୍କ ପ୍ରସ୍ତାବ ବିଳମ୍ବରେ ହସ୍ତଗତ ହେବା ଯୋଗୁଁ ଏଭଳି ସ୍ଥିତି ଉପୁଜିଛି ।

# ଉତ୍କଳିକାର ସଭାପତି ଭାବେ ଦାୟିତ୍ୱ ନେଲେ କୁମାରୀ ଦେବସ୍ମିତା ସାହୁ

ଭୁବନେଶ୍ୱର, ୦୧/୦୩ (ନି.ପ୍ର): ଆଜି ଓଡ଼ିଶା ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅଧିନସ୍ଥ ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ (ଉତ୍କଳିକା)ର ନବନିର୍ବାଚିତ ସଭାପତି ଓ ସଭ୍ୟସଭ୍ୟାମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ଅପ୍ରତିଦ୍ୱନ୍ଦୀ ଭାବେ ନିର୍ବାଚିତ ହୋଇଥିବା କୁମାରୀ ଦେବସ୍ମିତା ସାହୁ ନୂତନ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ରସୁଲଗଡ଼ ଶିଳ୍ପାଂଚଳସ୍ଥିତ ଉତ୍କଳିକା ମୁଖ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଏକ ସଭାରେ ଖଦୀ ବୋର୍ଡ ସଭାପତି ଶ୍ରୀ ସଂଗ୍ରାମ କେଶରୀ ପାଇକରାୟ, ଉତ୍କଳିକାର ପରିଚାଳନା ନିର୍ଦ୍ଦେଶକ ତଥା ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ସ୍ୱତନ୍ତ୍ର ସଚିବ ଶ୍ରୀ ସରୋଜ କୁମାର ପଟେଲ, ଉତ୍କଳିକାର ପରିଚାଳିକା ତଥା ବିଭାଗୀୟ ଯୁଗ୍ମ ସଚିବ ଶ୍ରୀମତୀ କଲ୍ୟାଣୀ ପଟ୍ଟନାୟକ, ନୂତନ ଭାବେ ନିର୍ବାଚିତ ହୋଇଥିବା ସଭ୍ୟସଭ୍ୟା, ବରିଷ୍ଠ ଶିଳ୍ପୀ ଓ କାରିଗରଙ୍କ ସମେତ ଉତ୍କଳିକାର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ଟାଟା ପାୱାର କମ୍ପାନୀ ବେପରୁଆ ନୀତି ବିରୋଧରେ ଧାରଣା



ବସ୍ତା, ୦୧/୦୩ (ନି.ପ୍ର): ବସ୍ତା ବ୍ଲକ ପୁଟୁରା ପଞ୍ଚାୟତ ର କମାରଗଡିଆ ଗ୍ରାମର ଯୋଗେନ୍ଦ୍ର ମାନା ଙ୍କ ପୁଅ ଶିବପ୍ରସାଦ ମାନା ଟାଟା ପାୱାର ର ସବ୍ ଏଜେନ୍ସି ଏଚ୍ ଏସ୍ ପାୱାର ରେ ନିଯୁକ୍ତି ପାଇଥିଲେ । ଓ ଏଚ୍ ଏସ୍ ପାୱାର ର କାର୍ଯ୍ୟ ରତ ସମୟରେ କମ୍ପାନୀ ର ଖାମଖିଆଲି ପାଇଁ ସେ ବିଦ୍ୟୁତ କରେଣ୍ଟ ଲାଗି ମୃତ୍ୟୁ ବରଣ କରିଥିଲେ । ସେତେବେଳେ । ମୃତ ଶିବପ୍ରସାଦ ର ପରିବାର କ୍ଷତିପୂରଣ ପାଇଁ ଦାବି କରିଥିଲେ ଓ କମ୍ପାନୀ ମୃତ ଶିବପ୍ରସାଦର ପରିବାରକୁ ଚାକିରି ଓ ଛଅ ଲକ୍ଷ ଟଙ୍କା ଦେବେ ବୋଲି ଚୁକ୍ତି କରିଥିଲେ ଯାହା ସେତେବେଳେ ଆପୋଷ ସମାଧାନ ହୋଇଥିଲା ମାତ୍ର ଏଚ୍ ଏସ୍ ପାୱାର କେବଳ ଦୁଇ ଲକ୍ଷ ଟଙ୍କା କ୍ଷତିପୂରଣ ସେତେବେଳେ ଦେଇ ଆଜକୁ ନଅ ମାସ ହେଲା ଧରା ଛୁଆଁ ଦେଉନାହାନ୍ତି । ବାରମ୍ବାର ତାଙ୍କ ବିଧବା ପତ୍ନୀ ଏଚ୍ ଏସ୍ ପାୱାର କାର୍ଯ୍ୟାଳୟ କୁ ଆସି ହଇରାଣ ହେଉଛନ୍ତି । ଆଜି ଶିବପ୍ରସାଦ ମାନା ର ଧର୍ମ ପତ୍ନୀ ଲକ୍ଷ୍ମୀପ୍ରିୟା ମାନା ଦୁଇ ବର୍ଷ ର ଶିଶୁ ଓ ମୃତ ସ୍ୱାମୀ ର ଫୋଟ କୁ ଧରି ଏଚ୍ ଏସ୍ ପାୱାର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ରେ ବସି ଥିଲେ ଏହି ଖବର ପ୍ରଚାରିତ ହେବାପରେ ବସ୍ତା କଂଗ୍ରେସ ନେତା ମାନେ ସେଠାରେ ପହଞ୍ଚି ଲକ୍ଷ୍ମୀପ୍ରିୟା ଙ୍କୁ ପୂର୍ଣ୍ଣ ସମର୍ଥନ କରିଛନ୍ତି । ନେତାମାନେ ବିଦ୍ୟୁତ ବିଭାଗର ଏକ୍ଜ୍କ୍ୟୁଟିଭ୍ ଇଞ୍ଜିନିୟର ଙ୍କ ସହିତ ଆଲୋଚନା କରିବା ପରେ ଧାରଣା ରୁ ଉଠିଥିଲେ ଖୋବ୍ ଶିଘ୍ର ଯଦି ଲକ୍ଷ୍ମୀପ୍ରିୟା କୁ ନ୍ୟାୟ ନ ମିଳେ ଆଗାମି ଦିନରେ କଂଗ୍ରେସ ଆନ୍ଦୋଳନ ପନ୍ଥା ଅବଲମ୍ବନ କରିବ ବୋଲି ନିଷ୍ପତ୍ତି ନେଇଥିଲେ । ତେବେ ବିଧବା ଲକ୍ଷ୍ମୀପ୍ରିୟା କୁ ନ୍ୟାୟ ସମର୍ଥନ କରି ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତା ଜିଲ୍ଲା କଂଗ୍ରେସ କମିଟି ର ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ଯେନା ସଦାନନ୍ଦପୁର ପଞ୍ଚାୟତ କଂଗ୍ରେସ ସଭାପତି କମଳ ଲୋଚନ ଜେନା ଯୁବ ନେତା ଜଗଦୀଶ ସାହୁ ବସ୍ତା ନିର୍ବାଚନ ମଣ୍ଡଳୀ ଛାତ୍ର କଂଗ୍ରେସ ସଭାପତି ଅବିନାଶ ନାୟକ ଅରୁଣ ମଣ୍ଡଳ, ସେକ ଭୁଲାଙ୍କ ସମେତ ବହୁ କଂଗ୍ରେସ କର୍ମୀ ଧାରଣା ରେ ବସି ଥିଲେ ।

# ରାଜ୍ୟପାଳଙ୍କୁ ଜନ୍ମଦିନରେ ଶୁଭେଚ୍ଛା ଜଣାଇଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର, ୦୧/୦୩ (ନି.ପ୍ର): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡିଶାର ରାଜ୍ୟପାଳ ପ୍ରଫେସର ଗଣେଶୀଲାଲଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଜନ୍ମଦିନର ହାର୍ଦ୍ଦିକ ଶୁଭକାମନା । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କର ଦୀର୍ଘ ଓ ନିରାମୟ ଜୀବନ କାମନା କରୁଛି ।

# ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ



ନୀଳଗିରି, ୦୧/୦୩ (ନି.ପ୍ର): ଆଜି ଶିଶିର ମହାପାତ୍ର ଫାଉଣ୍ଡେସନ ନୀଳଗିରି ପକ୍ଷରୁ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରକୁ ସ୍ୱର୍ଗତ ଶିଶିର ମହାପାତ୍ରଙ୍କ ଧର୍ମପତ୍ନୀ ଶ୍ରୀମତୀ ରଂଜନା ଦିଦିଙ୍କ ଦ୍ୱାରା ଶୁଭ ଉଦ୍‌ଘାଟନ କରାଯାଇଥିଲା । ନୀଳଗିରି ପୋଷ୍ଟ ଅଫିସ ପଛପଟ ବ୍ୟାଡମିଂଟନ ଗ୍ରାଉଣ୍ଡରେ ଉକ୍ତ ଚକ୍ଷୁ ଶିବିର ଅନୁଷ୍ଠିତ ହୋଇଥିବା ବେଳେ ୪୮ଜଣ ରୋଗୀଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା । ତନ୍ମଧ୍ୟରୁ ୧୨ଜଣ ରୋଗୀଙ୍କୁ ମୋତିଆବିନ୍ଦୁ ଚିହ୍ନଟ କରାଯାଇ ମାଗଣା ଅପରେସନ ପାଇଁ ବାଲେଶ୍ୱର ରୋଟାରୀ ଚକ୍ଷୁ ହସପିଟାଲକୁ ପଠାଯାଇଛି । ଶିଶିର ମହାପାତ୍ର ଫାଉଣ୍ଡେସନର ପ୍ରତିଷ୍ଠାତା ସବ୍ୟସାଚୀ ମହାପାତ୍ର, କାଉନସିଲର ପ୍ରତାପ ସେଠୀ, ପୂର୍ବତନ କାଉନସିଲର ବିଦ୍ୟାଧର ଖଟୁଆ, କାଉନସିଲର ଗୌରାଙ୍ଗ ବିନ୍ଧାଣୀ, ସନ୍ତୋଷ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଓଡ଼ିଶା ପ୍ରଶାସନିକ ସେବା ଶିକ୍ଷାନବିସଙ୍କ ବିଧାନସଭା ପରିଦର୍ଶନ

ଭୁବନେଶ୍ୱର, ୦୧/୦୩ (ନି.ପ୍ର): ଓଡ଼ିଶା ପ୍ରଶାସନିକ ସେବାର ୩୧ ଜଣିଆ ଶିକ୍ଷାନବିସ ବୁଧବାର ଓଡ଼ିଶା ବିଧାନସଭା ପରିଦର୍ଶନ କରି ବିଧାନସଭାର ଗୃହକାର୍ଯ୍ୟ ଏବଂ ଅନ୍ୟାନ୍ୟ ସରକାରୀ କାର୍ଯ୍ୟ ସମ୍ବନ୍ଧରେ ଅବଗତ ହୋଇଛନ୍ତି । ଗୋପବନ୍ଧୁ ପ୍ରଶାସନିକ ତାଲିମ ପ୍ରତିଷ୍ଠାନ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାନବିସମାନେ ରାଜ୍ୟ ବିଧାନସଭାରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ, ଉପବାଚସ୍ପତି ରଜନୀ କାନ୍ତ ସିଂଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ । ବାଚସ୍ପତି ଶ୍ରୀ ଆରୁଖ ଶିକ୍ଷାନବିସମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ସେମାନେ ସଫଳତାର ସହ ତାଲିମ ଗ୍ରହଣ କରି ରାଜ୍ୟର ବିକାଶ ପାଇଁ ନିଷ୍ଠାପର ଭାବେ କାର୍ଯ୍ୟକରିବାକୁ ପରାମର୍ଶ ଦେଇଥିଲେ । ସାକ୍ଷାତ ଆଲୋଚନା ସମୟରେ ଅର୍ଥ, ସଂସଦୀୟ ବ୍ୟାପାର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, ବିଧାନସଭା ସଚିବ ଦାଶରଥୀ ଶତପଥୀ ଉପସ୍ଥିତ ରହି ଶିକ୍ଷାନବିସମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ରାଜ୍ୟର ଉନ୍ନତି ପାଇଁ ପ୍ରତିବଦ୍ଧତାର ସହ କାର୍ଯ୍ୟକରିବାକୁ ପରାମର୍ଶ ଦେଇଥିଲେ ।


## ବିବେକାନନ୍ଦ ଶିକ୍ଷାକେନ୍ଦ୍ର

କୁରୁଡ଼ା, ବାଲେଶ୍ୱର

ଶିକ୍ଷାବର୍ଷ-୨୦୨୩-୨୪

COR No-VSKK/57/2022

UDISE CODE-201080916204

ରାଜ୍ୟ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଏହି ଅନୁଷ୍ଠାନରେ ଶ୍ରେଣୀ କେଜି ୧ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନାମଲେଖା ଚାଲୁଅଛି । ଓଡ଼ିଶା ସରକାରଙ୍କର **RTE Act** ଅନୁଯାୟୀ ୨୫% ଆସନ ଆର୍ଥିକ ଅନଗ୍ରସର, ଦିବ୍ୟାଙ୍ଗ ଓ ଅନୁସୂଚୀତ ଜାତି ଓ ଜନଜାତିର ଛାତ୍ରଛାତ୍ରୀମାନଙ୍କୁ ମାଗଣା ଶିକ୍ଷାଦାନ ପାଇଁ ଉଦ୍ଦିଷ୍ଟ । ଯେଉଁମାନଙ୍କର ବାସସ୍ଥାନ ବିଦ୍ୟାଳୟରୁ ୧ କି.ମି ଦୂରତା ମଧ୍ୟରେ ହୋଇଥିବ ଉକ୍ତ ପିଲାମାନଙ୍କ ପାଇଁ ନମେଲେଖା ଫର୍ମ ବିମା ମୂଲ୍ୟରେ ପ୍ରାପ୍ତ ହୋଇପାରିବ । ଆବଶ୍ୟକୀୟ କାଗଜପତ୍ର ଦାଖଲ କରି ଛାତ୍ରଛାତ୍ରୀମାନେ ଉକ୍ତ ସୁବିଧା ପାଇପାରିବେ ।

ପ୍ରଧାନ ଶିକ୍ଷକ
ବିବେକାନନ୍ଦ ଶିକ୍ଷାକେନ୍ଦ୍ର
କୁରୁଡ଼ା, ବାଲେଶ୍ୱର

Mob - 9439396191, 9937127241


# ଅଷ୍ଟ୍ରେଲିଆ ଶିକ୍ଷା ମନ୍ତ୍ରୀ ଏବଂ କ୍ରିକେଟ୍ ତାରକା ଗିଲଖ୍ରୀଷ୍ଟଙ୍କୁ ସ୍ୱାଗତ କଲେ କେନ୍ଦ୍ରମନ୍ତ୍ରୀ

ନୂଆଦିଲ୍ଲୀ/ଭୁବନେଶ୍ୱର, ୦୧/୦୩ (ନି.ପ୍ର): କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ଶିକ୍ଷା ମନ୍ତ୍ରଣାଳୟର ବରିଷ୍ଠ ଅଧିକାରଙ୍କ ସହ ଭାରତ ଗସ୍ତରେ ଆସିଥିବା ଅଷ୍ଟ୍ରେଲିଆର ଶିକ୍ଷା ମନ୍ତ୍ରୀ ଜେସନ କ୍ଲେର, ଅଷ୍ଟ୍ରେଲିଆର କ୍ରିକେଟ୍ ତାରକା ଆଦାମ ଗିଲଖ୍ରୀଷ୍ଟଙ୍କୁ ସ୍ୱାଗତ କରିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ ଅଷ୍ଟ୍ରେଲିଆର ମନ୍ତ୍ରୀ ଏବଂ ଗିଲଖ୍ରୀଷ୍ଟ ସହ ଅଷ୍ଟ୍ରେଲିଆର ଏକ ପ୍ରତିନିଧି ଦଳ ସହ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଦୁଇ ଦେଶ ମଝରେ ଥିବା ସହଭାଗିତା ଉପରେ ଚର୍ଚ୍ଚା ଆଲୋଚନା କରିଥିଲେ । ଉଭୟ ଦେଶର ଯୁବବର୍ଗଙ୍କୁ ସଶକ୍ତ କରିବା ଓ ଶିକ୍ଷା ଓ ଦକ୍ଷତା ବିକାଶ କ୍ଷେତ୍ରକୁ ଅଧିକ ମଜଭୂତ କରିବା ଉପରେ ବିଚାରବିମର୍ଷ ହୋଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ କେନ୍ଦ୍ରମନ୍ତ୍ରୀଙ୍କ ସହ ଏହି ବ୍ୟକ୍ତିବିଶେଷମାନେ ନୂଆଦିଲ୍ଲୀ ସ୍ଥିତ ଶ୍ରୀ ଭେଙ୍କଟେଶ୍ୱର କଲେଜରେ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ଏକବିଂଶ ଶତାବ୍ଦୀର ଆକାଂକ୍ଷାକୁ ପୂରଣ କରିବା ପାଇଁ ଅଷ୍ଟ୍ରେଲିଆ ଏବଂ ଭାରତ ମଧ୍ୟରେ ସମ୍ପର୍କକୁ ଦୃଢୀଭୂତ କରିବା ଉପରେ ଉଦବୋଧନ ଦେଇଥିଲେ । ସେ କହିଥିଲେ ଶିକ୍ଷା ହେଉଛି ପରିବର୍ତ୍ତନର ମାଧ୍ୟମ । ଉଭୟ ଦେଶର ସହଭାଗିତା ମଝରେ ଶିକ୍ଷା ବିଭାଗ ହେଉଛି ଅତ୍ୟନ୍ତ ମହତ୍ୱପୂର୍ଣ୍ଣ । ଭାରତ ଅଷ୍ଟ୍ରେଲିଆ ସହ ସହଯୋଗୀ ହୋଇ ଶିକ୍ଷାକୁ ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ । ପରେ ଶ୍ରୀ ପ୍ରଧାନ ଅଷ୍ଟ୍ରେଲିଆର ଶିକ୍ଷା ମନ୍ତ୍ରୀ, ଗିଲଖ୍ରୀଷ୍ଟଙ୍କ ସହ ଦିଲ୍ଲୀର କେନ୍ଦ୍ରୀୟ ବିଦ୍ୟାଳୟ- ୨ ପରିଦର୍ଶନ କରିଥିଲେ ।

# ଫକୀରମୋହନ ସାହିତ୍ୟ ପରିଷଦର ୭୬ତମ ପ୍ରତିଷ୍ଠା ଦିବସ ପାଳନ



ବାଲେଶ୍ୱର, ୦୧/୦୩ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦର ୭୬ତମ ପ୍ରତିଷ୍ଠା ଦିବସ ତଥା ରତ୍ନୋତ୍ସବ ପୂର୍ତ୍ତି ମହା ସାମାରୋହରେ ଶାନ୍ତିକାନନଠାରେ ପାଳିତ ହୋଇଯାଇଛି । ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ବର୍ଷୀୟାନ ସାରସ୍ୱତ ସାଧକ ଡ. ପ୍ରହ୍ଲାଦ ଚରଣ ମହାନ୍ତି ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ପ୍ରଫେସର ବ୍ରଜମୋହନ ମିଶ୍ର ଓ ବରେଣ୍ୟ ଅତିଥି ଭାବେ ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ ଯୋଗ ଦେଇ ପରିଷଦର ୭୬ବର୍ଷର ସ୍ୱର୍ଣ୍ଣିମ ଇତିହାସ ବର୍ଣ୍ଣନା କରିବା ସଙ୍ଗେସଙ୍ଗେ ପରିଷଦ ଏକ ଅନୁଷ୍ଠାନ ହୋଇ ରହିନାହିଁ ବରଂ ସାରସ୍ୱତ ଜଗତରେ ଏକ ଆନ୍ଦୋଳନ ପାଲଟି ଯାଇଛି ବୋଲି ମତବ୍ୟକ୍ତ କରିଥିଲେ । ସଂପାଦକ ଦୀପକ ବୋଷ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଉତ୍ସବ ପ୍ରାରମ୍ଭରେ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ରଚିତ ଓ କଲ୍ୟାଣୀ ନନ୍ଦଙ୍କ ନିର୍ଦ୍ଦେଶିତ ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା । ଏଥିରେ ବାସନ୍ତୀ କର, ସୁବ୍ରତା ମହାନ୍ତି, ତୃପ୍ତିରାଣୀ ପାତ୍ର, ତାନଶ୍ରୀ ପାଣିଗ୍ରାହୀ, ଶାନ୍ତିଲତା ବିଶି, ପୁଷ୍ପଲତା ଚକ୍ରବର୍ତ୍ତୀ, କୃଷ୍ଣା ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଗୁରୁ ପ୍ରଦୀପ ବେହେରାଙ୍କ ନିର୍ଦ୍ଦେଶନାରେ 'ନୃତ୍ୟାୟନ' ଅନୁଷ୍ଠାନ ପକ୍ଷରୁ ଇପ୍‌ସିତା ସ୍ୱାଇଁ, ଅନୁଷ୍କା ପଣ୍ଡା, ସାଇଶ୍ରୀ ପାଣି ଏବଂ ପ୍ରାଚୀ ପ୍ରଯୁକ୍ତା ପଢ଼ିଆରୀ, ମହାଶ୍ୱରୀ ଦାସ ଓ ତେଜଶ୍ରୀ ଦାସ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ । ପରିଷଦର ୭୫ବର୍ଷ ପୂର୍ତ୍ତି ଅବସରରେ ବର୍ଷତମାମ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ୭୫ଜଣ ବରିଷ୍ଠ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯିବା ପରିପ୍ରେକ୍ଷୀରେ ଶେଷ ଦଶଜଣଙ୍କୁ ଏତଦୁପଲକ୍ଷେ ସମ୍ବର୍ଦ୍ଧିତ କରାଯାଇଥିଲା । ସେମାନେ ହେଲେ ଅରୁଣ ଖିଲାର, ଭଗବାନ ବେହେରା, କୈଳାସ ଦାସ, କୈଳାସ ଚନ୍ଦ୍ର ଜେନା, ଭଗବାନ ଚନ୍ଦ୍ର ରାଉତ, ପ୍ରତାପ ଚନ୍ଦ୍ର ଚୌଧୁରୀ, ଇଂ ଧରଣୀଧର ମିଶ୍ର, ସର୍ବେଶ୍ୱର ଦାସ ଓ ଜ୍ୟୋତ୍ସ୍ନାରାଣୀ ମହାନ୍ତି । ସେହିପରି ବର୍ଷତମାମ ପରିଷଦ ଆନୁକୂଲ୍ୟରେ ଲୋକାର୍ପିତ ହୋଇଥିବା ୭୫ଟି ପୁସ୍ତକ ଓ ୭୫ଜଣ ସମ୍ବର୍ଦ୍ଧିତ ପ୍ରତିଭାଙ୍କ ସଂପର୍କରେ ସଂକ୍ଷିପ୍ତ ବିବରଣୀ ସମ୍ବଳିତ ଏକ ପୁସ୍ତକ '୭୫/ ପଚସ୍ତରୀ' ଅତିଥିମାନଙ୍କଦ୍ୱାରା ଉନ୍ମୋଚିତ ହୋଇଥିଲା । ଏହି ଅବସରରେ ଡ. ତ୍ରିପାଠୀଙ୍କଦ୍ୱାରା ରଚିତ ଓ ନିରଂଜନ ରାଉତଙ୍କ ନିର୍ଦ୍ଦେଶିତ ନାଟକ 'କବି କାହାଣୀ' ମଞ୍ଚସ୍ଥ କରାଯାଇଥିଲା ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo